# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨/୨୦୨୩ (୨୦ ପୃଷ୍ଠା) Bhubaneswar, Monday, January 2/2023 Page 20 ₹ 7.00
୪୯ଶ ଭାଗ ୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 40 ମୂଲ୍ୟ₹୭/-









# ପୁଣି ବଢ଼ିଲା ରାତ୍ରି ତାପମାତ୍ରା, ୨ଦିନ ଘନ କୁହୁଡ଼ି

**ଭୁବନେଶ୍ୱର, ୧।୧(ବ୍ୟୁରୋ)**

ସାମୁଦ୍ରିକ ବାୟୁର ପ୍ରଭାବ ଯୋଗୁ ରାଜ୍ୟରେ ଶୀତର ପ୍ରକୋପ କମିବା ସହ ରାତ୍ରି ତାପମାତ୍ରା ପୁଣିଥରେ ବଢ଼ିଛି। ଫଳରେ ରାତିରେ ଶୀତ ଉଭେଇ ଯାଇଥିବା ଅନୁଭବ ହେଉଛି। ସେପଟେ ସାମୁଦ୍ରିକ ବାୟୁ ପ୍ରଭାବରେ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ପରିମାଣ ବୃଦ୍ଧି ପାଇଥିବାବେଳେ ଗୁରୁଚାପ ବଳୟର ସକ୍ରିୟତା ଯୋଗୁ ବାୟୁମଣ୍ଡଳର ସ୍ଥିରତା ବଢ଼ିଛି। ଏଥିସହିତ ରାତ୍ରି ସମୟରେ ଆକାଶ ନିର୍ମଳ ରହୁଥିବାରୁ ଆସନ୍ତା ୨ଦିନ ରାଜ୍ୟର କିଛି ଅଞ୍ଚଳରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ଅନୁଗୋଳ, ଢେଙ୍କାନାଳ, କଟକ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ବୌଦ୍ଧ ଏବଂ ସୋନପୁର ଆଦି ୮ ଜିଲାରେ ଘନ କୁହୁଡ଼ି ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, କୋରାପୁଟ, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ ଏବଂ ବଲାଙ୍ଗୀରର କିଛି ସ୍ଥାନରେ କୁହୁଡ଼ି ହେବାର ଆଶଙ୍କା ରହିଛି। ମଙ୍ଗଳବାର ରାୟଗଡ଼ା, ଗଞ୍ଜାମ, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, କଟକ ଏବଂ ଢେଙ୍କାନାଳରେ କୁହୁଡ଼ି ହେବ। ସେପଟେ ରବିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡ଼ା ୧୧.୨, ସୁନ୍ଦରଗଡ଼ ୧୧.୫, ଦାରିଙ୍ଗବାଡ଼ି ୧୨, ବୌଦ୍ଧ ୧୩, ନୟାଗଡ଼ ୧୩, କୋରାପୁଟ ୧୩ ଓ ହୀରାକୁଦର ସର୍ବନିମ୍ନ ତାପମାତ୍ରା ୧୩.୯ ଡିଗ୍ରୀ ରେକର୍ଡ କରାଯାଇଛି।

ଅଭିନନ୍ଦନ ୨୦୨୩
ଧରିତ୍ରୀର ସ୍ୱନକ୍ଷତ୍ର ଓ ନବବର୍ଷରେ ପାଠକ,ପାଠିକା, ଲେଖକଙ୍କୁ ଶୁଭେଚ୍ଛା
ସରୋଜ କୁମାର ପଟ୍ଟନାୟକ
ସହକାରୀ ଯନ୍ତ୍ରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ଅଭିନନ୍ଦନ ୨୦୨୩
ଧରିତ୍ରୀ ସ୍ୱନକ୍ଷତ୍ର ଓ ନୂତନ ବର୍ଷର ଶୁଭେଚ୍ଛା।
ସୁରେନ୍ଦ୍ର କୁମାର ମିଶ୍ର
ବ୍ଲକ ବିଜେଡି ସଭାପତି,ଡାବୁଗାଁ

ଅଭିନନ୍ଦନ ୨୦୨୩
୨୦ ଗ୍ରାମ୍ୟ ବିକାଶ ସଂଗଠନ
ତାଲିମ କେନ୍ଦ୍ର, ଡୋଟାପାଡ଼ି ନବରଙ୍ଗପୁର
FOUNDATION DAY
GRAMYA VIKAS SANGATHAN
ରାଜ୍ୟର ଅଗ୍ରଣୀ ଓଡ଼ିଆ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଅନେକ ଶୁଭେଚ୍ଛା। ଆସନ୍ତୁ ସମସ୍ତେ ହାତକୁ ହାତ ମିଳାଇ ଆମ ଜିଲ୍ଲା ନବରଙ୍ଗପୁରକୁ ଯକ୍ଷ୍ମା ମୁକ୍ତ ପାଇଁ ପ୍ରୟାସ କରିବା।
ଶୁଭେଚ୍ଛା ସହ ଗ୍ରାମ୍ୟ ବିକାଶ ସଂଗଠନ ପରିବାର, ନବରଙ୍ଗପୁର

ଅଭିନନ୍ଦନ ୨୦୨୩
ଧରିତ୍ରୀର ସ୍ୱନକ୍ଷତ୍ର ଓ ନବବର୍ଷ ଅଭିନନ୍ଦନରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ସହ
ସେତୁ ରଞ୍ଜନୀ ଗମାଙ୍ଗୋ
ବନାଞ୍ଚଳ ଅଧିକାରୀ, ଡାବୁଗାଁ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ଦେଓଗାଁ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀମତୀ ନିନା ଛତ୍ରୀଆ, ସରପଞ୍ଚ | ଶ୍ରୀଯୁକ୍ତ ହେମନ୍ତ ବିଭାର, ଇଓ
ଦେଓଗାଁ ପଞ୍ଚାୟତ

ଅଭିନନ୍ଦନ ୨୦୨୩
ସ୍ୱନକ୍ଷତ୍ର ଓ ନବବର୍ଷ ୨୦୨୩ର ଶୁଭେଚ୍ଛା ସହ
ପଞ୍ଚାୟତ ସମିତି, ଡାବୁଗାଁ
ଶରତ ମାଝୀ (ବିଡିଓ)
ମାନସ କୁମାର ନେତୀ (ଏଇଇ)
ପଦ୍ମନାଭ ତ୍ରିପାଠୀ (ଏବିଡିଓ) ଓ ସମସ୍ତ କନିଷ୍ଠ ଯନ୍ତ୍ରୀ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ବ୍ରାହ୍ମଣୀଯୋର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀଯୁକ୍ତ ମହେନ୍ଦ୍ର ମଲ୍ଲିକ, ସରପଞ୍ଚ | ଶ୍ରୀଯୁକ୍ତ ରମେଶ ବାଗ, ଇଓ
ବ୍ରାହ୍ମଣୀଯୋର ପଞ୍ଚାୟତ

ଅଭିନନ୍ଦନ ୨୦୨୩
ଧରିତ୍ରୀର ସ୍ୱନକ୍ଷତ୍ର ଓ ଇଂରାଜୀ ନବବର୍ଷ ୨୦୨୩ରେ ନବରଙ୍ଗପୁର ଜିଲାବାସୀଙ୍କୁ ଶୁଭେଚ୍ଛା ସହ
ବେଣୁଧର ଶବର
ପ୍ରକଳ୍ପ ପ୍ରଶାସକ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ଧଣ୍ଡାମାଳ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀମତୀ ସଞ୍ଜୁ ସିକା, ସରପଞ୍ଚ | ଶ୍ରୀଯୁକ୍ତ ପ୍ରେମାନନ୍ଦ ବୁଡେକ, ଇଓ
ଧଣ୍ଡାମାଳ ଗ୍ରାମପଞ୍ଚାୟତ

ନୂତନ ବର୍ଷ ୨୦୨୩ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ; ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ। ଅଞ୍ଚଳର ବିକାଶରେ ସହଭାଗୀ ହୁଅନ୍ତୁ।
ଶ୍ରୀଯୁକ୍ତ ନରସିଂହ ମିଶ୍ର
ବିଧାୟକ, ବଲାଙ୍ଗୀର

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ଗାଇବାହାଲ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀଯୁକ୍ତ ତ୍ରିଲୋଚନ ନାଗ, ସରପଞ୍ଚ | ଶ୍ରୀଯୁକ୍ତ ବୀଣା ପଧାନ, ଇଓ
ଗାଇବାହାଲ ପଞ୍ଚାୟତ



TORQUE
“ଗାଅ ମିଆଁ ମଲ୍ହାର ବା ଭୀମପଲାସୀ TOREX କଫ୍ ସିରପ୍ ଅଛି ତ ବିଦାୟ କାଶ”
TOREX®
COUGH SYRUP HAI TO ALVIDA KHANSI
Follow us on: /TorexSyrup /TorexSyrup /TorexSyrup
For more information, please call or WhatsApp us: +91 977 921 4455 / care@torquepharma.com

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ଉଡାର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀମତୀ ପଞ୍ଚମୀ ଦିପ, ସରପଞ୍ଚ | ଶ୍ରୀଯୁକ୍ତ ଶରତ ମହାନନ୍ଦ, ଇଓ
ଉଡାର ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ରାମଚନ୍ଦ୍ରପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀମତୀ ପଦ୍ମିନୀ ମିଶ୍ର, ସରପଞ୍ଚ | ଶ୍ରୀଯୁକ୍ତ ସୂର୍ଯ୍ୟମଣି ମେହେର, ଇଓ
ରାମଚନ୍ଦ୍ରପୁର ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ଅଞ୍ଚଳର ସମସ୍ତ ଚାଷୀ ତଥା ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀଯୁକ୍ତ ରାମକୃଷ୍ଣ ସାହୁ, ସମ୍ପାଦକ | ଶ୍ରୀଯୁକ୍ତ ଶୈଳେନ୍ଦ୍ର ସାହୁ, ସଭାପତି
ଦେଓଗାଁ ପେକ୍ସ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ସିକୁଆଁ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀଯୁକ୍ତ ରାଜକୁମାର ଭୋଇ, ସରପଞ୍ଚ | ଶ୍ରୀଯୁକ୍ତ ବିରେନ୍ଦ୍ର ଛତ୍ରିଆ, ଇଓ
ସିକୁଆଁ ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ଗୌରଗୋଠ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀମତୀ ରଞ୍ଜିତା ସାହୁ, ସରପଞ୍ଚ | ଶ୍ରୀଯୁକ୍ତ ଜନ୍ମେଜୟ ମାଝୀ, ଇଓ
ଗୌରଗୋଠ ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ ସାରସମାଳ ଅଞ୍ଚଳର ସମସ୍ତ ଚାଷୀ ତଥା ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀଯୁକ୍ତ ପିକଲ ରଣା, ସମ୍ପାଦକ | ଶ୍ରୀଯୁକ୍ତ ଗୋପିନାଥ ବାଗ, ସଭାପତି
ସାରସମାଳ ପେକ୍ସ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା ସାଲେପାଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀଯୁକ୍ତ ଶରତ କୁମାର ମହାନନ୍ଦ
କାର୍ଯ୍ୟନିର୍ବାହୀ ଅଧିକାରୀ
(ସାଲେପାଲି) ଗ୍ରାମପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ।
ଦେଓଗାଁ ବ୍ଲକ୍ ତଥା କୁତୁର୍ଲା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ।
ଶ୍ରୀମତୀ ତେଜ ହରପାଲ, ସରପଞ୍ଚ | ଶ୍ରୀଯୁକ୍ତ ଗୋପାଳ ଷଡ଼ଙ୍ଗୀ, ଇଓ
କୁତୁର୍ଲା ପଞ୍ଚାୟତ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨/୨୦୨୩ | Bhubaneswar, Monday, January 2/2023 | ପୃଷ୍ଠା-୧




### ରୋହିତଙ୍କ ଉପରେ ଆସ୍ଥା

ଟେଷ୍ଟ ଓ ଦିନିକିଆ ପାଇଁ ରୋହିତ ଶର୍ମାଙ୍କ ନେତୃତ୍ୱ ଉପରେ ଆସ୍ଥା ସ୍ଥାପନ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ।

୧୮

୧୫

### ବିବାହ କରିବେ କିଆରା

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନି ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ଫେବୃୟାରୀ ୬ରେ ବିବାହ କରିବାକୁ ଯାଉଥିବା ଖବର ଚର୍ଚ୍ଚା ହେଉଛି।





ନୂତନ ବର୍ଷର ପ୍ରଥମ ଦିନ ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ମାର୍କେଟ ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ନିର୍ମିତ ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି। **(ଫଟୋ– ଯଜ୍ଞେଶ୍ୱର)**

# ବିଦେଶୀ ନାଗରିକଙ୍କୁ ଗଞ୍ଜେଇ ଦେଲା କିଏ

**୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା**

- ହୋଟେଲରେ ୨୦ କର୍ମଚାରୀଙ୍କୁ ଜେରା
- ଆବଶ୍ୟକ ହେଲେ ଇଣ୍ଟରପୋଲ ସହାୟତା ନିଆଯିବ: ଡିଜିପି
- କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

ରାୟଗଡ଼ା,୧।୧(ସ୍ୱ.ପ୍ର.)

ରାୟଗଡ଼ାରେ ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ଆଣ୍ଟୋଭ ପାଭେଲ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଗୋଟିଏ ପରେ ଗୋଟିଏ କଥା ଜଣାପଡୁଛି। ରବିବାର କ୍ରାଇମବ୍ରାଞ୍ଚ ପକ୍ଷରୁ ଡିଏସ୍‌ପି ସରୋଜକାନ୍ତ ମହାନ୍ତ ଏବଂ ଇନ୍ସପେକ୍ଟର ମମତାରାଣୀ ପଣ୍ଡା ରୁଷୀୟ ପର୍ଯ୍ୟଯକ ରହୁଥିବା ହୋଟେଲ 'ସାଇ ଇଣ୍ଟରନ୍ୟାଶନାଲ'ର ମାଲିକ ଏବଂ କର୍ମଚାରୀଙ୍କୁ ପୃଥକ୍ ଭାବେ ଡକାଇ ଜେରା କରିଛନ୍ତି। ସେମାନଙ୍କ ବୟାନର ଭିଡିଓଗ୍ରାଫି କରାଯାଇଛି। ହୋଟେଲର ପ୍ରାୟ ୨୦ କର୍ମଚାରୀଙ୍କୁ ଜେରା କରାଯାଇଛି। ଏଥିସହ ଡିସେମ୍ବର ୧ରୁ ୨୭ ପର୍ଯ୍ୟନ୍ତ ହୋଟେଲକୁ ଆସିଥିବା ସମସ୍ତ ଅତିଥିଙ୍କ ରେକର୍ଡ ମଧ କ୍ରାଇମବ୍ରାଞ୍ଚ ସଂଗ୍ରହ କରିଛି। ଅନ୍ୟପକ୍ଷରେ ଭ୍ଲାଡିମିରଙ୍କ ବ୍ୟବଚ୍ଛେଦ ରିପୋର୍ଟ ଗଣମାଧ୍ୟମର ହସ୍ତଗତ ହୋଇଛି। ଏହି ରିପୋର୍ଟ ଅନୁଯାୟୀ ବିଦାନୋଭଙ୍କ ମୃତ୍ୟୁ ହୃଦ୍‌ଘାତ କାରଣରୁ ହୋଇଥିବା ଡାକ୍ତରୀ ଟିମ୍ ଅନୁମାନ କରୁଛନ୍ତି। ଏଥିସହ ତାଙ୍କ ଶରୀରରୁ ଅଫିମ କିମ୍ବା ଗଞ୍ଜେଇର ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

**ଦ୍ୱିତୀୟ ଡଙ୍ଗା**

ଆଜି ବିମୁଦ୍ରୀକରଣ ରାୟ

........୭........

## ପୂର୍ଣ୍ଣ ଦର୍ଶକଙ୍କ କ୍ଷମତାରେ ହେବ ହକି ବିଶ୍ୱକପ୍

ଭୁବନେଶ୍ୱର,୧।୧(ବ୍ୟୁରୋ)

ଓଡ଼ିଶାରେ ହକି ବିଶ୍ୱକପ୍ ଆୟୋଜନରେ ଯେପରି ଟିକେ ବି ଭୁଲ୍ ନ ହୁଏ, ସେନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛନ୍ତି। ଗତ ୨ ବର୍ଷ ହେଲା କୋଭିଡ୍ ଯୋଗୁ ସାରା ଦେଶରେ କରୋନା କଟକଣା ରହିଥିଲା। ତେବେ ଚଳିତ ଥର ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଉଛି। ଚାଇନା ଏବଂ ଅନ୍ୟାନ୍ୟ ଦେଶରେ କରୋନା ବୃଦ୍ଧି ପାଉଥିବା ବେଳେ ଭାରତ ତଥା ଓଡ଼ିଶାରୁ ମଧ୍ୟ ନୂଆ ଭାରିଏଣ୍ଟର କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ତଥାପି ପୂର୍ଣ୍ଣ ଦର୍ଶକଙ୍କ କ୍ଷମତାରେ ଏଥର ହକି ବିଶ୍ୱକପ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶ୍ୱକପ୍ ପାଇଁ କୌଣସି ବାଧ୍ୟତାମୂଳକ ଗାଇଡ୍ ଲାଇନ ରହିବ ନାହିଁ। ହକି ବିଶ୍ୱକପ୍ ପୃଷ୍ଠା–୨

# ନୂଆବର୍ଷରେ ସମ୍ପର୍କରେ ତିକ୍ତତା | ନେଇଗଲେ ୩ ଜୀବନ

**ଲୋକଙ୍କ ମଧ୍ୟରେ ହିଂସା ପ୍ରବଣତା ବଢ଼ିବାରେ ଲାଗିଛି। କ୍ରୋଧ ମାନୁନି ସମ୍ପର୍କ। ଫଳରେ କେତେବେଳେ ବାପ ପୁଅକୁ ମାରୁଛି ତ ଆଉ କେତେବେଳେ ପୁଅ ବାପାଙ୍କୁ, ଭାଇ ଭାଇଙ୍କୁ, ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା କରିବାକୁ ପଛାଉ ନାହାନ୍ତି। ଏପରି କି ସାମାନ୍ୟ କଳହକୁ ନେଇ ପ୍ରତିଦିନ ବିଭିନ୍ନ ସ୍ଥାନରେ ହତ୍ୟା ଭଳି ଘଟଣା ଘଟୁଛି। ରବିବାର ନୂଆ ବର୍ଷ–୨୦୨୩କୁ ସମସ୍ତେ ଖୁସି ଉଲ୍ଲାସର ସହ ସ୍ୱାଗତ କରୁଥିବାବେଳେ ଗଞ୍ଜାମ, ମାଲକାନାଗିରି ଏବଂ ଦେବଗଡ଼ରେ କିଛି ଅଭାବନୀୟ ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ଗଞ୍ଜାମରେ ପାରିବାରିକ କଳହରୁ ସ୍ତ୍ରୀଙ୍କୁ ତଣ୍ଟି ଚିପି ମାରିବା ପରେ ସ୍ୱାମୀ ଜିରୋ ନାଇଟ୍ ପାଳନ କରିଛନ୍ତି। ଦେବଗଡ଼ରେ ନୂଆବର୍ଷ ପାଳନ ପାଇଁ ବାପା ଟଙ୍କା ଦେବାକୁ ମନା କରିବାରୁ ଉତ୍‌କ୍ଷିପ୍ତ ହୋଇ ପୁଅ ବାପାଙ୍କୁ ଛୁରୀ ଭୁସି ହତ୍ୟା କରିଛନ୍ତି। ଅନୁରୂପ ଭାବେ ମାଲକାନଗିରିରେ ପାରିବାରିକ ସମ୍ପର୍କ ନ ହେଲେ ମଧ୍ୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ପିଅନ ଶିକ୍ଷକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ସମସ୍ତଙ୍କୁ ଚକିତ କରିଦେଇଛି।**

## ସ୍ତ୍ରୀଙ୍କୁ ହତ୍ୟାକରି ଜିରୋ ନାଇଟ୍ ପାଳିଲେ ସ୍ୱାମୀ

ଗଞ୍ଜାମ,୧।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳରେ ବିଦାୟୀ ବର୍ଷର ଶେଷ ରାତିରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଜିରୋ ନାଇଟ ପାଳନ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ହୁମ୍ମା ଫାଣ୍ଡି ଅନ୍ତର୍ଗତ ମୟୁରପଦା ଗ୍ରାମର ସି.ଏଚ. ଲକ୍ଷ୍ମଣ ରେଡ୍ଡୀ। ଶନିବାର ରାତିରେ ସ୍ତ୍ରୀ ଜାନକୀ ରେଡ୍ଡୀଙ୍କୁ ସେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହୁମ୍ମା ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲକୁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି।

ମୟୂରପଦା ଗ୍ରାମର ଲକ୍ଷ୍ମଣ ୧୭ ବର୍ଷ ପୂର୍ବେ ବେଣୀଗୌରୀ ଗ୍ରାମର ରଘୁନାଥ ରେଡ୍ଡୀଙ୍କ ଝିଅ ଜାନକୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ଅଧିକ ଯୌତୁକ ଦାବିରେ ସ୍ତ୍ରୀ ଜାନକୀଙ୍କୁ ସେ ଅଧିକାଂଶ ସମୟରେ ମାରଧର କରୁଥିଲେ। ଲକ୍ଷ୍ମଣ ପେସାରେ ଜଣେ ଡ୍ରାଇଭର। ସେ ବାହାର ରାଜ୍ୟରେ ଗାଡ଼ି ଚଳାଉଥିବାବେଳେ ଆଠ ଦିନ ତଳେ ଗାଁକୁ ଆସିଥିଲେ। ସବୁବେଳେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ପୃଷ୍ଠା–୨

## ହାତଖର୍ଚ୍ଚ ଦେଲେନି ବୋଲି ବାପାଙ୍କୁ ହତ୍ୟାକଲେ ପୁଅ

ଦେବଗଡ,୧।୧(ଡି.ଏନ୍.ଏ.)

ନୂଆବର୍ଷ ଖର୍ଚ୍ଚ ନ ଦେବାରୁ ବାପାଙ୍କୁ ଛୁରି ଭୁସି ହତ୍ୟାକରିଛନ୍ତି ପୁଅ। ଦେବଗଡ ଥାନା ତଥା ବାରକୋଟ ବ୍ଲକ ଅନ୍ତର୍ଗତ କାଉଁଶିବାହାଲ ଗ୍ରାମର ରତ୍ନାକର ପ୍ରଧାନ(୭୦)ଙ୍କୁ ପୁଅ ଦୁର୍ଯ୍ୟୋଧନ(୪୨) ହତ୍ୟା କରିବା ପରେ ପୋଲିସ ତାଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରିଛି।



ଗିରଫ ଦୁର୍ଯ୍ୟୋଧନ ପ୍ରଧାନ

ମିଳିଥିବା ସୂଚନା ଅନୁସାରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ରତ୍ନାକର ଘର ଅଗଣାରେ ଶୋଇଥିଲେ। ଏହି ସମୟରେ ଦୁର୍ଯ୍ୟୋଧନ ସେଠାକୁ ଆସି ବାପାଙ୍କୁ ନୂଆବର୍ଷ ପାଇଁ ହାତଖର୍ଚ୍ଚ ବାବଦକୁ କିଛି ଟଙ୍କା ମାଗିଥିଲେ। ପୃଷ୍ଠା–୨

## ଶିକ୍ଷକଙ୍କୁ ଟାଙ୍ଗିଆରେ ହାଣିଲେ ପିଅନ

ମାଲକାନଗିରି,୧।୧ (ଡି.ଏନ୍.ଏ.)

ବର୍ଷର ପ୍ରଥମ ଦିନରେ ମାଲକାନଗିରିର ଏକ ଶିକ୍ଷାନୁଷ୍ଠାନରେ ହତ୍ୟାକାଣ୍ଡ ଘଟିଛି। ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ (ପିଅନ)ଙ୍କ ଟାଙ୍ଗିଆ ଚୋଟରେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତ ଶିକ୍ଷକଙ୍କ ନାମ ନିରାକାର ସେଠୀ। ପୋଲିସ ଅଭିଯୁକ୍ତ ପିଅନ ନରେଶ କ୍ଷତିୟଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରରେ ନିରାକାର ଦୀର୍ଘବର୍ଷ ହେଲା ଶିକ୍ଷାଦାନ କରୁଥିଲେ। ରବିବାର ସକାଳେ କୌଣସି କାର୍ଯ୍ୟରେ ସେ ଶିଶୁବିଦ୍ୟାମନ୍ଦିରକୁ ଯାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ନରେଶଙ୍କ ସହ ତାଙ୍କର କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନରେଶ ଏକ ଟାଙ୍ଗିଆ ଆଣି ନିରାକାରଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଫଳରେ ସେ ଗୁରୁତର ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ନିରାକାରଙ୍କୁ ସଙ୍ଗେସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମାଲକାନଗିରି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ପୃଷ୍ଠା–୨

## ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ୨୫ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ,୧।୧



ନୂଆବର୍ଷ ଆରମ୍ଭରେ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୨୫ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଦିଲ୍ଲୀରେ ୧୯ କିଲୋଗ୍ରାମ ସିଲିଣ୍ଡର ଦାମ୍ ୧,୭୬୭ ଟଙ୍କାରେ ପହଞ୍ଚିଥିବାବେଳେ ମୁମ୍ବାଇରେ ୧,୭୨୧, କୋଲକାତାରେ ୧,୮୭୦ ଏବଂ ଚେନ୍ନାଇରେ ୧,୯୭୧ ଟଙ୍କା ହୋଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ଏହା ନୂଆବର୍ଷ ଭେଟି ବୋଲି ବିରୋଧୀ ଦଳ କଂଗ୍ରେସ ତାଚ୍ଛଲ୍ୟ କରିବା ସହ ଏହା ଆରମ୍ଭ ମାତ୍ର ବୋଲି ଟୁଇଟ୍ କରିଛି। ତୈଳ ବିପଣନ କମ୍ପାନୀମାନେ ପୂର୍ବରୁ କ୍ରମାଗତ ୩ ଥର ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ଦର କମାଇବା ପରେ ଜାନୁୟାରୀ ୧ରେ ୨୫ ଟଙ୍କା ବଢ଼ାଇଛନ୍ତି। ତେବେ ଘରୋଇ ଏଲ୍‌ପିଜି ଦର ଅପରିବର୍ତ୍ତିତ ରହିଛି। ଗତବର୍ଷ ୪ ଥର ଘରୋଇ ଏଲ୍‌ପିଜି ଦର ବୃଦ୍ଧି ପାଇଥିଲା। ଜୁଲାଇ ୬ରେ ଶେଷ ଥର ପାଇଁ ଘରୋଇ ରନ୍ଧନ ଗ୍ୟାସ୍ ଦର ୫୦ ଟଙ୍କା ବଢ଼ିଥିଲା।

## କ୍ୟାନ୍‌ସର ସେଲ୍ ନାଶ କରିବ କୃତ୍ରିମ ଡିଏନ୍‌ଏ

ଟୋକିଓ,୧।୧

ସଦ୍ୟଶିଶୁଠାରୁ ଆରମ୍ଭ କରି ବୟସ୍କ, ପ୍ରତ୍ୟେକ ବୟସ ବର୍ଗର ଲୋକେ ବର୍ତ୍ତମାନ କ୍ୟାନ୍‌ସରରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଏହି ରୋଗ ଭଲ କରିବା ଲାଗି ଉପଲବ୍ଧ ଥିବା ଚିକିତ୍ସା ପଦ୍ଧତି ବ୍ୟୟବହୁଳ ହୋଇଥିବାବେଳେ ଏହା ରୋଗୀ ଶରୀରରେ ବହୁ ପାର୍ଶ୍ୱ ପ୍ରତିକ୍ରିୟା ପକାଉଥିବା ଦେଖାଯାଉଛି। ଏ ପ୍ରକାର ସମସ୍ୟାରୁ ରୋଗୀଙ୍କୁ ଲାଘବ କରିବା ଲାଗି ଟୋକିଓ ବିଶେଷଜ୍ଞମାନେ କର୍କଟ ରୋଗ ଲାଗି ନୂଆ ଚିକିତ୍ସା ପଦ୍ଧତି ଆବିଷ୍କାର କରିଛନ୍ତି। ଔଷଧ ଛଡ଼ା ଏବେ ଡିଏନ୍‌ଏ ସାହାଯ୍ୟରେ କର୍କଟ ରୋଗର ଚିକିତ୍ସା କରାଯାଇପାରିବ। ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ କୃତ୍ରିମ ଡିଏନ୍‌ଏ ଆବିଷ୍କାର କରିଛନ୍ତି, ଯାହା କ୍ୟାନ୍‌ସର ସେଲ୍‌ର ବିନାଶ କରିବ। ଅଧ୍ୟୟନ ସମ୍ପର୍କିତ ବିସ୍ତୃତ ତଥ୍ୟ ଆମେରିକା କେମିକାଲ ସୋସାଇଟିରେ ପ୍ରକାଶ ପାଇଛି।

କ୍ୟାନ୍‌ସରର ଚିକିତ୍ସା ପାଇଁ ସାଧାରଣ ଭାବେ ଡିଏନ୍‌ଏ କିମ୍ବା ଆର୍‌ଏନ୍‌ଏ ପ୍ରୋଟିନ୍‌ର ବ୍ୟବହାର ହୋଇ ନ ଥାଏ। ଏଥିଲାଗି ଡିଏନ୍‌ଏକୁ ନେଇ ବିଶେଷଜ୍ଞଙ୍କ ତରଫରୁ କରାଯାଇଥିବା ଗବେଷଣା ଚ୍ୟାଲେଞ୍ଜିଙ୍ଗ ଥିବା ଟୋକିଓ ୟୁନିଭର୍ସିଟି ପ୍ରଫେସର ଓକାମୋଟୋ କହିଛନ୍ତି।



ମେଡିସିନ୍ ମନୁଷ୍ୟ ଶରୀରରେ କ୍ୟାନ୍‌ସର ପ୍ରଭାବକୁ କମାଇଥାଏ, କିନ୍ତୁ କ୍ୟାନ୍‌ସର ସେଲ୍‌କୁ ବିନାଶ ଲାଗି ବିଶେଷଜ୍ଞ ଡିଏନ୍‌ଏ ପଦ୍ଧତିକୁ ଖୋଜି ବାହାର କରିଛନ୍ତି। ବିଶେଷଜ୍ଞଙ୍କ ଦ୍ୱାରା ବିକଶିତ ହେୟାର୍ ପିନ୍ ଆକୃତିର ଡିଏନ୍‌ଏ ଷ୍ଟ୍ରାଣ୍ଡ ଶରୀରରେ ପ୍ରାକୃତିକ ରୋଗପ୍ରତିରୋଧକ ପୃଷ୍ଠା–୨

# ସହରାଞ୍ଚଳରେ ବଢୁଛି ବେରୋଜଗାରୀ

**ସିଏମ୍‌ଆଇଇ ତଥ୍ୟ**

- ୨୦୨୨ ଡିସେମ୍ବରରେ ୮.୩୦%କୁ ବୃଦ୍ଧି
- ଦେଶରେ ୧୬ ମାସରେ ସର୍ବାଧିକ ୮.୩%
- ଓଡ଼ିଶାରେ ସର୍ବନିମ୍ନ ୦.୯%

ନୂଆଦିଲ୍ଲୀ,୧।୧

୨୦୨୨ ନଭେମ୍ବରରେ ଦେଶରେ ବେକାରି ହାର ୮% ଥିବାବେଳେ ଡିସେମ୍ବର ମାସରେ ଏହା ୮.୩୦%କୁ ବୃଦ୍ଧି ପାଇଛି। ବେରୋଜଗାରୀ ବୃଦ୍ଧିରେ ଏହା ଗତ ୧୬ ମାସରେ ସର୍ବାଧିକ ବୋଲି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ତଥ୍ୟରୁ ରବିବାର ସ୍ପଷ୍ଟ ହୋଇଛି। ଭାଜପା ଶାସିତ ହରିୟାଣାରେ ସର୍ବାଧିକ ୩୭.୪% ଥିବାବେଳେ ଓଡ଼ିଶାରେ ଏହା ୦.୯% ରହିଥିବା କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

ମୁମ୍ବାଇରେ ମୁଖ୍ୟାଳୟ ଥିବା ଇକୋନୋମିକ୍ ଥିଙ୍କଟ୍ୟାଙ୍କ ସିଏମ୍‌ଆଇଇ ଡେଟା ଅନୁସାରେ ଡିସେମ୍ବରରେ ସହରାଞ୍ଚଳରେ ବେରୋଜଗାରୀ ହାର ୧୦.୯% ଥିବାବେଳେ ପୂର୍ବ ମାସରେ ୮.୯୬% ରହିଥିଲା। ଅନ୍ୟପକ୍ଷେ ଗ୍ରାମାଞ୍ଚଳରେ ଏହା ୭.୫୫%ରୁ ୭.୪୪%କୁ ଖସିଥିଲା। ସିଏମ୍‌ଆଇଇ ପରିଚାଳନା ନିର୍ଦ୍ଦେଶକ ମହେଶ ବ୍ୟାସ କହିଛନ୍ତି, ଦେଶରେ ବଢୁଥିବା ବେରୋଜଗାରୀ ହାର ବୃଦ୍ଧି ଯେତେ ଚିନ୍ତାଜନକ ମନେହେଉଛି, ସେତିକି ଖରାପ ନୁହେଁ। ଡିସେମ୍ବରରେ ଶ୍ରମ ଯୋଗଦାନ ହାର ୪୦.୪୮%କୁ ବଢ଼ିଛି, ଯାହାକି ଗତ ବର୍ଷକ ମଧ୍ୟରେ ସର୍ବାଧିକ। ଏଥିଯୋଗୁ ବେରୋଜଗାରୀ ଏତେ ଉପରକୁ ଚଢ଼ିଯାଇଛି। ଡିସେମ୍ବରରେ ବେରୋଜଗାରୀ ୩୭.୧% ବଢ଼ିଛି, ଯାହାକି ୨୦୨୨ ଜାନୁୟାରୀ ପରଠାରୁ ସର୍ବାଧିକ ବୋଲି ସେ ସୂଚନା ଦେଇଛନ୍ତି।

ଉଚ୍ଚ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ଓ ନିଯୁକ୍ତି ବଜାରରେ ପ୍ରବେଶ କରୁଥିବା ଅନେକ ନିୟୁତ ଆଶାୟୀଙ୍କୁ ଚାକିରି ଯୋଗାଇଦେବା ୨୦୨୪ ଜାତୀୟ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶାସନ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କନ୍ୟାକୁମାରୀରୁ ଜମ୍ମୁ–କଶ୍ମୀର ପର୍ଯ୍ୟନ୍ତ 'ଭାରତ ଯୋଡ଼ୋ ଯାତ୍ରା' ଚଳାଇଛି। ଦରଦାମ୍ ବୃଦ୍ଧି, ବେରୋଜଗାରୀ ଏବଂ ମୋଦିଙ୍କ ଭାଜପାର ବିଭାଜନବାଦୀ ରାଜନୀତି ବିରୋଧରେ ଲୋକଙ୍କୁ ଏକାଠି କରିବା ଏହି ୩,୫୦୦ କି.ମି. ପଦଯାତ୍ରାର ଉଦ୍ଦେଶ୍ୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ପୃଷ୍ଠା–୨



| ରାଜ୍ୟ | ବେରୋଜଗାରୀ ହାର |
|---|---|
| ବିହାର | ୧୯.୧% |
| ଆସାମ | ୪.୭% |
| ହରିୟାଣା | ୩୭.୪% |
| ହିମାଚଳ | ୭.୬% |
| ଜମ୍ମୁ–କଶ୍ମୀର | ୧୪.୮% |
| ଝାଡ଼ଖଣ୍ଡ | ୧୮.୦% |
| ରାଜସ୍ଥାନ | ୨୮.୫% |
| ତେଲଙ୍ଗାନା | ୪.୧% |
| ଉତ୍ତର ପ୍ରଦେଶ | ୪.୩% |
| ଦିଲ୍ଲୀ | ୨୦.୮% |
| ଉତ୍ତରାଖଣ୍ଡ | ୪.୩% |
| ଛତିଶଗଡ଼ | ୩.୪% |
| ଗୋଆ | ୯.୯% |
| ଗୁଜରାଟ | ୨.୩% |
| ମେଘାଳୟ | ୨.୭% |
| ପଶ୍ଚିମବଙ୍ଗ | ୫.୫% |
| ମଧ୍ୟପ୍ରଦେଶ | ୩.୨% |
| ତ୍ରିପୁରା | ୧୪.୩% |
| ଓଡ଼ିଶା | ୦.୯% |

**ରାଜନୈତିକ ଆକ୍ରୋଶ: ଗୁଳି ମାରିଲେ, ନ ବାଜିବାରୁ ଗୋଡ଼ାଇ ହାଣିଲେ**

ବାଲେଶ୍ୱର ଅଫିସ: ରାଜନୈତିକ ଆକ୍ରୋଶରୁ ରବିବାର ରାତିରେ ବାଲେଶ୍ୱର ଜିଲା ରେମୁଣା ମନ୍ଦିର ଛକ ଲକ୍ଷ୍ମୀ ମେଡିକାଲ ଷ୍ଟୋର ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ରେମୁଣା ବିଧାୟକଙ୍କ ଜଣେ ସହଯୋଗୀ ସମ୍ଭବ ସାହୁ (୩୪)। ପ୍ରଥମେ ଦୁର୍ବୃତ୍ତମାନେ ସମ୍ଭବଙ୍କୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ହେଲେ ଗୁଳି ନ ବାଜିବାରୁ ସେମାନେ ଗୋଡାଇ ଗୋଡାଇ ଭୁଜାଲିରେ ହାଣିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସମ୍ଭବଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

# ୨୦୨୩ ପୋଲିସ ପାଇଁ ଚ୍ୟାଲେଞ୍ଜ

## ସାଇବର, ଅର୍ଥନୈତିକ ଅପରାଧ ଉପରେ ଫୋକସ୍: ଡିଜିପି

**ଭୁବନେଶ୍ୱର, ୧।୧ (ବ୍ୟୁରୋ)**

ବର୍ଷ ୨୦୨୨ ଗଲାପରେ ୨୦୨୩ ଆସିଛି। ଏହି ବର୍ଷରେ ଓଡ଼ିଶା ପୋଲିସ ପାଇଁ ଏକାଧିକ ଚାଲେଞ୍ଜ ରହିଛି। ପୋଲସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ପୋଲିସର ଆଗାମୀ ଅଭିମୁଖ୍ୟ ନେଇ ରବିବାର ପ୍ରତିକ୍ରିୟା ରଖିଛନ୍ତି। ଡିଜିପି ବଂଶଲ କହିଛନ୍ତି, ୨୦୨୨ରେ କୋଭିଡ୍ ଥିଲେ ମଧ୍ୟ ଭଲ କାମ କରିଥିଲୁ। ୨୦୨୩ରେ ମଧ୍ୟ କୋଭିଡ୍ ସଂକ୍ରମଣ ବଢ଼ିପାରେ। ତେଣୁ ସେହି ଅନୁସାରେ ସତର୍କତା ଅବଲମ୍ବନ କରିବା ଦରକାର। ଆଇନକୁ ସମସ୍ତେ ମାନିବା ଦରକାର। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ। ଅନେକ ଲୋକ ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଦେଖିବାକୁ ମିଳିଛୁ। ସେମାନେ ସମସ୍ତ ନିୟମ ମାନିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ପୋଲିସ ବିଭାଗ ଭଲ କାମ କରିଛି। ଏଥିସହ ମାଓବାଦୀ ଦମନ କ୍ଷେତ୍ରରେ ନିୟନ୍ତ୍ରଣ ଆସିଛି। ୨୦୨୩ରେ ସମସ୍ତ ସାଢ଼େ ୪ କୋଟି ଲୋକଙ୍କ ସେବା କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ତେବେ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍ ପୋଲିସ ପାଇଁ ବଡ଼ ଚାଲେଞ୍ଜ ରହିଛି। ହକି ବିଶ୍ୱକପ୍‌କୁ ସୁଚାରୁରୂପେ ସାରିବା ପରେ ଅନ୍ୟ ଏକାଧିକ ଦିଗ ପ୍ରତି ଫୋକସ୍ ରହିବ। ମାଓବାଦୀ ଦମନ, ସାଇବର କ୍ରାଇମ, ଅର୍ଥନୈତିକ ଅପରାଧ ଠକେଇ, ନିଶା କାରବାର ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ବିଶେଷ କରି ସାଇବର କ୍ରାଇମ ଚିନ୍ତାଜନକ ରହିଥିବାରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ରାଜ୍ୟରେ ସାଇବର ଥାନା ପ୍ରତିଷ୍ଠା କରାଯାଇଛି। ପୋଲିସ ଅଧିକାରୀଙ୍କୁ ନୂଆ ଟେକ୍ନୋଲୋଜି ଯୋଗାଇ ଦେଉଛୁ। ଅନ୍‌ଲାଇନ କାରବାର ଅଧିକ ବଢ଼ିବାରୁ ଏହି ଅପରାଧ ବୃଦ୍ଧି ପାଇଛି। ଲୋକମାନେ ଅଧିକ ସଚେତନ ହେଲେ ଏହି ଅପରାଧ କମିପାରିବ ବୋଲି ସେ କହିଛନ୍ତି।

# ଦୁର୍ଘଟଣା ପରେ ଜାଳିଦେଲେ ବସ୍



ଜଳୁଥିବା ବସ୍।

**ଗୁରୁତର ଯୁବକ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି**

**ବାରିପଦା ଅଫିସ, ୧।୧**

ମୟୂରଭଞ୍ଜ ଜିଲା ବାରିପଦାଠାରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଗୋଡ଼ କଟିଯିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଉକ୍ତ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଯୁବକ ହେଲେ ଶୁଳିଆପଦା ଥାନା ଅଧୀନ ଫାନିଆ ଗ୍ରାମର ତୁଷାରକାନ୍ତି ସି(୨୧)। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବାରିପଦା ସହର ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥର ଜୁବୁଲି ପେଟ୍ରୋଲ ପମ୍ପ ନିକଟ ଡିଭାଇଡର ନିକଟରେ ରବିବାର ଅପରାହ୍ନରେ ତୁଷାରକାନ୍ତି ବାଇକ୍ ଧରି ସହର ମଧ୍ୟକୁ ଯିବା ପାଇଁ ଅଟକି ରହିଥିଲେ। ଏହି ସମୟରେ ରଞ୍ଜିତା ନାମକ ଏକ ବସ୍ ଦ୍ରୁତ ଗତିରେ ଆସି ପଛପଟୁ ତାଙ୍କୁ ଧକ୍କା ଦେଇ ଡିଭାଇଡର ଉପରକୁ ଚଢ଼ିଯାଇଥିଲା। ତୁଷାରକାନ୍ତିଙ୍କ ବାମ ଗୋଡ଼ଟି ଜଙ୍ଘଠାରୁ କଟି ୨ଖଣ୍ଡ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉକ୍ତ ବସ୍‌ରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଟାଉନଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଉତ୍ତେଜନାକୁ ଲକ୍ଷ୍ୟ ରଖି ଘଟଣାସ୍ଥଳରେ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ବସ୍ ପୋଡ଼ି ଘଟଣାରେ ପୋଲିସ ୫ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବାରିପଦା ସଦର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପ୍ପୋ କହିଛନ୍ତି। ତେବେ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି କରିଆସୁଛନ୍ତି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଉଲ୍ଲେଖଯୋଗ୍ୟ, ଦୁର୍ଘଟଣା ଘଟାଇଥିବା ବସ୍‌ରେ କୌଣସି ଯାତ୍ରୀ ନ ଥିଲେ। ଡ୍ରାଇଭର ବେପରୁଆ ଢଙ୍ଗରେ ଗାଡ଼ି ଚଲାଉଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ଛୁଟିଦିନରେ ଲୋକସେବା ଭବନ ଉଦ୍ୟାନ ବୁଲିପାରିବେ ଲୋକେ

- ଚତୁର୍ଥ ଶନିବାର ବ୍ୟତୀତ ସବୁ ଛୁଟିଦିନ ଖୋଲା ରହିବ
- ଅପରାହ୍ନ ୪ରୁ ୬ଟା ପର୍ଯ୍ୟନ୍ତ ହେଉଛି ବୁଲିବାର ସମୟ
- ଜାନୁୟାରୀରେ ମୋଟ ୮ ଦିନ ଲୋକମାନେ ବୁଲିପାରିବେ
- ଆଜି ବି ବୁଲିଲେ ସାଧାରଣ ଲୋକ

**ଭୁବନେଶ୍ୱର, ୧।୧ (ବ୍ୟୁରୋ)**

ଏଣିକି ଲୋକସେବା ଭବନ ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଜାନୁୟାରୀ ୨୦୨୩ରେ ମାସର ଚତୁର୍ଥ ଶନିବାର ବ୍ୟତୀତ ସବୁ ସରକାରୀ ଛୁଟିରେ ଏହି ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଚଳିତ ମାସରେ ରବିବାର, ଦ୍ୱିତୀୟ ଶନିବାର ଓ ଅନ୍ୟ ଛୁଟିକୁ ମିଶାଇ ମୋଟ ୮ଟି ଛୁଟିରେ ଏହାକୁ ସର୍ବସାଧାରଣ ବୁଲିକି ଦେଖିପାରିବେ। ଅପରାହ୍ନ ୪ରୁ ୬ଟା ପର୍ଯ୍ୟନ୍ତ ଜନସାଧାରଣ ଲୋକସେବା ଭବନ ପୁଷ୍ପ ଉଦ୍ୟାନ ବୁଲି ଦେଖିପାରିବେ। ରବିବାର ନୂଆବର୍ଷରେ ଜନସାଧାରଣ ଲୋକସେବା ଭବନ ଉଦ୍ୟାନ ବୁଲି ଦେଖିଛନ୍ତି। ଏହି ଉଦ୍ୟାନ ବର୍ତ୍ତମାନ ବିଭିନ୍ନ କିସମର ଫୁଲରେ ସଜେଇ ହୋଇ ଅତ୍ୟନ୍ତ ମନୋରମ ପରିବେଶ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି।










# ବାଉଁଶବୁଦା ପାଖରୁ ମିଳିଲା ଅଧାପୋଡ଼ା ମୃତଦେହ



- ମୋବାଇଲ ଜବତ, ସନ୍ଦେହରେ ପୁଅ ଅଟକ
- ଖୋଳତାଡ଼ କରୁଛି ପୋଲିସ

**ବଳଙ୍ଗା, ୧।୧ (ଡି.ଏନ୍.ଏ.)**

ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ଗୋପୀନାଥପୁର ରଙ୍ଗଣିସାହିର ଏକ ବାଉଁଶବୁଦା ନିକଟରୁ ରବିବାର ପୋଲିସ ଅଧାପୋଡ଼ା ମୃତଦେହ ଜବତ କରିଛି। ତେବେ ଶରୀରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ଗୋଡ଼ ଦୁଇଟି କିଛି ଅଂଶ ପୋଡ଼ି ଚର୍ମ ଉଠିଯାଇଥିବା ଦେଖିବାକୁ ମିଳିଛି। ତେବେ ମୃତଦେହଟି ପୁରୁଷ କିମ୍ବା ମହିଳାଙ୍କର ତାହା ସ୍ପଷ୍ଟ ହୋଇପାରିନାହିଁ। ଏହା ହତ୍ୟା କି ଆତ୍ମହତ୍ୟା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ମୃତଦେହଟି ଜଣେ ମହିଳାଙ୍କ ଓ ତାଙ୍କ ପୁଅ ଏପରି କାଣ୍ଡ ଭିଆଇଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଘଟଣାରେ ପୋଲିସ ସନ୍ଦେହରେ ତାଙ୍କ ପୁଅଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଗୋପୀନାଥପୁର ଗ୍ରାମରକ୍ଷୀ ପାଗଲ ମଲ୍ଲିକଙ୍କ ପରିବାର ଲୋକେ ଶୌଚ ପାଇଁ ଉଠିଥିଲେ। ପଡ଼ିଶା ଘର ବାରିପଟ ବାଉଁଶବୁଦା ନିକଟରେ କିଛି ଜଳୁଥିବା ବେଳେ କେତେଜଣ ଲୋକ ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ପାଗଲଙ୍କୁ ପରିବାର ଲୋକେ ଜଣାଇଥିଲେ। ଏହାପରେ ପାଗଲ ଓ ତାଙ୍କ ଭାଇ ଉକ୍ତ ସ୍ଥାନକୁ ଯିବାରୁ ସେଠାରେ ଥିବା ଲୋକେ ଦୌଡ଼ି ପଳାଇଥିଲେ। ଏ ନେଇ ସଙ୍ଗେସଙ୍ଗେ ପାଗଲ ବଳଙ୍ଗା ଥାନାକୁ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଅଧାପୋଡ଼ା ମୃତଦେହ ସହ ଏକ ମୋବାଇଲ ଫୋନ୍, ଜରିଅଖା ଓ ପ୍ଲାଷ୍ଟିକ୍ ବୋତଲ ଠିପି ଜବତ କରିଥିଲା। ତେବେ ଉକ୍ତ ଗ୍ରାମର ଧଡ଼ିଆ ସେନାପତିଙ୍କ ମା' ସୁଲୋଚନା ଶନିବାରଠାରୁ ନିଖୋଜ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏପରି କି ମୃତଦେହ ଜବତ ବେଳେ ମା' ନିଖୋଜ ଥିବା ଧଡ଼ିଆ ପୋଲିସ ଆଗରେ କହିଥିଲେ। ତେବେ ମୁହଁ ସହ ଶରୀର ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ମୃତଦେହ କାହାର ତାହା ଜଣାପଡ଼ିନାହିଁ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଘଟଣାର ତଦନ୍ତ କରୁଛନ୍ତି। ଅନ୍ୟପକ୍ଷରେ ମୃତଦେହ କାହାର ଏବଂ ପୋଡ଼ାଯାଇଥିବା ସ୍ଥାନକୁ ସୁଲୋଚନାଙ୍କ ମୋବାଇଲ କିପରି ଆସିଲା ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ ବୋଲି ଥାନା ଅଧିକାରୀ ପୃଷ୍ଟି କହିଛନ୍ତି।










# ମହିଳା ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ

**କବାଟ ଭାଙ୍ଗି ମୃତଦେହ ଉଦ୍ଧାର କଲା ପୋଲିସ**

**ଯୋଡ଼ା, ୧।୧ (ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୨ ନଂ. ୱାର୍ଡ ବନେଇକଳା ବସ୍ତିରେ ଏକ ବନ୍ଦଘରୁ ମହିଳା ଡାକ୍ତରଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଡାକ୍ତର ହେଲେ କଟକର ଶୁଭଶ୍ରୀ କର। ସେ ଯୋଡ଼ା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଥିଲେ। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକଙ୍କ ଘରେ ଭଡ଼ାସୂତ୍ରରେ ଚାଲୁଥିବା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉପର ମହଲାରେ ଭଡ଼ାରେ ରହୁଥିଲେ।

ପୋଲିସ ସୂଚନା ମୁତାବକ, ଶନିବାର ରାତିରେ ସାଥୀମାନଙ୍କ ସହିତ ନୂଆବର୍ଷ ସେଲିବ୍ରେସନ କରି ସାରିବା ପରେ ରୁମ୍‌କୁ ଫେରିଥିଲେ। ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ତାଙ୍କ ସହାୟିକା ଏବଂ ପଡ଼ୋଶୀମାନେ ଯୋଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବହୁଚେଷ୍ଟା ପରେ କବାଟ ନ ଖୋଲିବାରୁ କବାଟ ଭାଙ୍ଗିଥିଲେ। ଖଟ ଉପରେ ନିଶ୍ଚେତ ହୋଇ ପଡ଼ିଥିବା ମହିଳା ଡାକ୍ତରଙ୍କୁ ଉଦ୍ଧାର କରି ଯୋଡ଼ାସ୍ଥିତ ଟାଟାଷ୍ଟିଲ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। କେମିତି ଓ କେଉଁ କାରଣ ପାଇଁ ତାଙ୍କର ମୃତ୍ୟୁ ହୋଇଛି ଜଣାପଡ଼ିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଯୋଡ଼ା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ କହିଛନ୍ତି।






ସ୍ୱର୍ଗଟିଏ ନିର୍ମାଣ କରିବା କେଡେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। –ଶ୍ରୀଅରବିନ୍ଦ



# ଦ୍ୱିତୀୟ ଡଙ୍ଗା

କଂଗ୍ରେସ ୨୦୨୨ ମସିହାର ଶେଷଆଡ଼କୁ ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ' ଯାତ୍ରା ଦ୍ୱାରା ମଜଭୁତ ହୋଇଥିବା କୁହାଯାଉଛି। ଏଥିସହିତ ମଲିକାର୍ଜ୍ଜୁନ ଖାର୍ଗେ ଦଳର ଅଧ୍ୟକ୍ଷ ନିର୍ବାଚିତ ହେବା ଏକ ସକାରାତ୍ମକ ବାର୍ତ୍ତା ଦେଉଛି। ଅବଶ୍ୟ ସମସ୍ତେ ଜାଣନ୍ତି ଯେ, ଖାର୍ଗେଙ୍କ ମଙ୍ଗ ଧରିଛନ୍ତି ଗାନ୍ଧୀ ପରିବାର। ଏହା ଭାଜପା ପରିସ୍ଥିତି ସହିତ ଅନେକ ସାମଞ୍ଜସ୍ୟ ରଖୁଛି। ସମସ୍ତେ ଏହା ମଧ୍ୟ ଭଲ ଭାବେ ଜାଣିଛନ୍ତି ଯେ, ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡାଙ୍କର କୌଣସି ରାଜନୈତିକ ଗୁରୁତ୍ୱ ନାହିଁ। ଏଭଳି ଏକ ସର୍ବୋଚ୍ଚ ଆସନ ପାଇବାର ସମ୍ଭାବନା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ ଶାହାଙ୍କ ସହଯୋଗ ରହିଲେ ମିଳିପାରିବ। ଏଭଳି ସନ୍ଧିକ୍ଷଣରେ ହିମାଚଳ ପ୍ରଦେଶରେ କଂଗ୍ରେସ ଶାସନ ଅନେକାଂଶରେ ଦଳୀୟ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଛି। ସମସ୍ତେ ଭାବୁଛନ୍ତି କଂଗ୍ରେସ ତୁଳନାରେ ଭାଜପାର ପଲା ଭାରି । ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ ତାଙ୍କ ଦୀର୍ଘ ପଦଯାତ୍ରା ସମୟରେ କହୁଛନ୍ତି ଯେ, ସାଧାରଣ ଭାରତୀୟ ନାଗରିକ ବ୍ୟସ୍ତ ହୋଇପଡ଼ିଲେଣି। ଏବକାର କେନ୍ଦ୍ର ଶାସନରେ ଅତିଷ୍ଠ। ନବବର୍ଷର ଅବ୍ୟବହିତ ପୂର୍ବରୁ ୩୧ ଡିସେମ୍ବର ୨୦୨୨ରେ ରାହୁଲ ଗାନ୍ଧୀ ନୂଆଦିଲ୍ଲୀଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ''ତାଙ୍କ ଭାରତ ଯୋଡ଼ୋ ଯାତ୍ରା ବେଳେ ସେ ଦେଖିବାକୁ ପାଇଛନ୍ତି ଯେ ଭାଜପା ବିରୋଧରେ ଦେଶବ୍ୟାପୀ ଗୋଟେ ଅଣ୍ଡରକରେଣ୍ଟ୍ ବା ଭିତିରି ସ୍ରୋତ ବୋହି ଚାଲିଛି। ଯଦି ବିରୋଧୀମାନେ ଫଳପ୍ରଦ ଭାବେ ମିଶି ଏକ ବିକଳ୍ପ ଶାସନ ଲାଗି ପଥ ଦେଖାଇପାରନ୍ତେ, ତେବେ ଭାଜପା ପକ୍ଷେ ୨୦୨୪ ଲୋକ ସଭା ନିର୍ବାଚନ ଜିତିବା କଷ୍ଟକର ହୋଇପଡ଼ିବ। ତେଣୁ ବିରୋଧୀ ଦଳଗୁଡ଼ିକ ଲୋକଙ୍କ ପାଖକୁ ଯିବା ଦରକାର'' ବୋଲି ରାହୁଲ ଆହ୍ୱାନ ଦେଇଛନ୍ତି।

**ଗୋଟିଏ ଡଙ୍ଗା ଭାସୁଛି। ଆଉ ଗୋଟିଏ ଡଙ୍ଗା ଭାସିଲେ ଭାରତୀୟ ଭୋଟରଙ୍କ ପାଖରେ ପସନ୍ଦ କରି ବାଛିବାର ସୁଯୋଗ ମିଳିପାରେ। ସେହି ଡଙ୍ଗାରେ ନାଉରିଆ ଗୁରୁତ୍ୱପୂର୍ଣ୍ଣ ହେବାଠାରୁ ଅଧିକ ଜରୁରୀ ହେଉଛି ଡଙ୍ଗାଟି ଦୃଢ଼ ଅର୍ଥନୈତିକ, ବୈଦେଶିକ ନୀତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବହିର୍ବ୍ୟାପାର ନିରାପତ୍ତା ଦୃଷ୍ଟିରୁ ସୁଦୃଢ଼ ହୋଇଥିବା ଦରକାର।**

ଇତିହାସ ପ୍ରମାଣ ଦେଇଛି, କୌଣସି ରାଜନୈତିକ ଦଳ କିମ୍ବା ରାଜନେତା ଶାସନ ମଙ୍ଗ ଧରିବାରେ ଚିରସ୍ଥାୟୀ ରହିନାହାନ୍ତି। ଶାସନରେ ତ୍ରୁଟିବିଚ୍ୟୁତି ଦେଖାଦେଲେ ଭୋଟର ସେମାନଙ୍କୁ ବଦଳାଇ ଦେଇଥାଆନ୍ତି। ୨୦୧୪ରେ ଭାଜପା ଶାସନ କ୍ଷମତାକୁ ଆସିବା ପଛରେ ଦଳର 'ବିକାଶ ମଡେଲ' ସ୍ଲୋଗାନ ଅପେକ୍ଷା କଂଗ୍ରେସର ଭ୍ରଷ୍ଟାଚାର ଓ କ୍ଷମତାଲିପ୍ସୁ ନେତାଙ୍କ ବ୍ୟବହାର ଦେଶବାସୀଙ୍କୁ ଅତିଷ୍ଠ କରିଥିଲା। ଅର୍ଥାତ୍ କୁହାଯାଇପାରେ ଯେ, ୨୦୧୪ରେ ମୁଖ୍ୟତଃ କଂଗ୍ରେସର ପରାଜୟ ଘଟିଥିଲା। ସେହି ସ୍ଥିତିରୁ ସର୍ବାଧିକ ଲାଭ ପାଇଥିବା ଭାଜପାର ଗୁଜରାଟ ମଡେଲ କେହି ଜାଣି ନ ଥିଲେ ମଧ୍ୟ କଂଗ୍ରେସ ବିରୋଧୀ ହାୱାରେ ଦେଶର ଅନେକ ଅଞ୍ଚଳ ଭାସିଯାଇଥିଲା। ୨୦୧୬ରେ ମୋଦି ସରକାରଙ୍କ ବିମୁଦ୍ରୀକରଣଠାରୁ ଆରମ୍ଭ କରି ଆଜିର ୮.୩୦% ବେକାରୀ ସମସ୍ୟାକୁ ଜନସାଧାରଣ ସାମ୍ନା କରିଆସୁଛନ୍ତି। କେବଳ ଭୟରେ ଏବଂ ସରକାରୀ ବିରୋଧୀ ବୋଲି ଗାଳି ଶୁଣିବାକୁ ଅରାଜି ହେଉଥିବାରୁ ଜନସାଧାରଣ ହୁଏତ ନିଜର ମତ ଖୋଲାଖୋଲି ରଖୁନାହାନ୍ତି। କିନ୍ତୁ କଂଗ୍ରେସ ମଧ୍ୟ ତାହାର ନୀତି ସ୍ପଷ୍ଟ କରୁନାହିଁ। ଉଦାହରଣ ସ୍ୱରୂପ, ମୋଦି ସରକାର କେବଳ ଦୁଇ ତିନୋଟି ଶିଳ୍ପପତିଙ୍କୁ ଆଖିବନ୍ଦ କରି ସମର୍ଥନ କରୁଥିବା ବେଳେ ଦେଶର ଅନେକ ବ୍ୟବସାୟ ବନ୍ଦ ହୋଇଗଲାଣି। ଏଭଳି ନୀତିକୁ ସ୍ପଷ୍ଟ ଭାବେ ବିରୋଧ କରି ବିକଳ୍ପ ନୀତି ଘୋଷଣା କରିବାର ଯଥେଷ୍ଟ ଗୁରୁତ୍ୱ ରହିଛି। କେବଳ କଥାକୁହା ବିରୋଧୀ ନେତାଙ୍କ ମୁହଁକୁ ଦେଖି ସମ୍ଭବତଃ ଭୋଟର ସମର୍ଥନ କରି ନ ପାରନ୍ତି। ଆଜି ମଧ୍ୟ ଭାରତୀୟ ରାଜନୀତିରେ ଧର୍ମର ପ୍ରାସଙ୍ଗିକତା ରହୁଛି। ସେଥିପାଇଁ ବିରୋଧୀମାନେ ସେହି ଧର୍ମକୁ ଧରି ନିଜର ଲକ୍ଷ୍ୟ ହାସଲ କରିପାରିବେ ବୋଲି ବିଶ୍ୱାସ ହେଉନାହିଁ। ଗୋଟିଏ ଡଙ୍ଗା ଭାସୁଛି। ଆଉ ଗୋଟିଏ ଡଙ୍ଗା ଭାସିଲେ ଭାରତୀୟ ଭୋଟରଙ୍କ ପାଖରେ ପସନ୍ଦ କରି ବାଛିବାର ସୁଯୋଗ ମିଳିପାରେ। ସେହି ଡଙ୍ଗାରେ ନାଉରିଆ ଗୁରୁତ୍ୱପୂର୍ଣ୍ଣ ହେବାଠାରୁ ଅଧିକ ଜରୁରୀ ହେଉଛି ଡଙ୍ଗାଟି ଦୃଢ଼ ଅର୍ଥନୈତିକ, ବୈଦେଶିକ ନୀତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବହିର୍ବ୍ୟାପାର ନିରାପତ୍ତା ଦୃଷ୍ଟିରୁ ସୁଦୃଢ଼ ହୋଇଥିବା ଦରକାର। ତାହା ଭିତରେ ଯେମିତି ସୁବିଧାବାଦର ପାଣି ନ ପଶେ ସେ ଦିଗରେ ଖୋଲା ଆଲୋଚନା ହେବା ଦରକାର। କାରଣ ଭାରତ ବିଭିନ୍ନ ବିଶ୍ୱାସ ଏବଂ ଭିନ୍ନ ପ୍ରକାରର ଆଞ୍ଚଳିକ ରାଜନୀତିକୁ ନେଇ ଗଠିତ। ସେଥିରେ ଏକ ଭାଷା, ଏକ ନେତା, ଏକ ରାଜନୈତିକ ଦଳ ଭଳି ଧ୍ୱନିକୁ ସକ୍ରିୟ ଭାବେ ବିରୋଧ କରିବା ଅତ୍ୟନ୍ତ ଆବଶ୍ୟକ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 1 | | | | | | | |
| | | 2 | | | 5 | | | |
| | | | | 8 | | | | 9 |
| | | 6 | 2 | | 3 | 4 | | |
| | | | | 4 | | | | |
| | 2 | 7 | | | 1 | | | |
| 1 | 3 | | | | 6 | | 8 | 5 |
| | 4 | | | | 2 | 6 | | |
| | | 8 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 1 | 7 | 2 | 8 | 9 | 4 | 5 |
| 2 | 4 | 5 | 9 | 1 | 6 | 8 | 3 | 7 |
| 7 | 9 | 8 | 3 | 5 | 4 | 2 | 6 | 1 |
| 5 | 7 | 2 | 1 | 4 | 9 | 3 | 8 | 6 |
| 4 | 3 | 6 | 5 | 8 | 2 | 7 | 1 | 9 |
| 1 | 8 | 9 | 6 | 7 | 3 | 4 | 5 | 2 |
| 6 | 2 | 3 | 4 | 9 | 1 | 5 | 7 | 8 |
| 9 | 5 | 4 | 8 | 6 | 7 | 1 | 2 | 3 |
| 8 | 1 | 7 | 2 | 3 | 5 | 6 | 9 | 4 |

ଗତକାଲିର ଉତ୍ତର

# ସାହିତ୍ୟର ସୁଧା ସଞ୍ଜୀବନୀ



ଉପେନ୍ଦ୍ର ବିଶ୍ୱାଳ

ଅବସରପ୍ରାପ୍ତ ଜଣେ ଓଏଏସ୍ ଅଧିକାରୀ, ରୁହନ୍ତି ଭୁବନେଶ୍ୱରସ୍ଥ ରବି ଟକିଜ ଛକ ନିକଟରେ। ବ୍ୟସ୍ତବହୁଳ କର୍ମମୟ ଜୀବନ–ଜଞ୍ଜାଳ ଭିତରେ ନ ଥିଲା ବିଶେଷ ସାମାଜିକ ସମ୍ପର୍କ। ପିଲା ମଧ୍ୟ ରୁହନ୍ତି ବାହାରେ। ଅବସର ନେଲା ପରେ ପରେ ନିଃସଙ୍ଗପଣିଆ ସହିତ ମନକୁ ଘାରିଛି ନାନାଦି ନକାରାତ୍ମକ ଭାବନା, ଦୁଶ୍ଚିନ୍ତା ସବୁ। ଅବସରର କେଇଟାବର୍ଷ ଭିତରେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି ବାବୁଜଣଙ୍କ। ଆହୁରି ଅଧିକ ବିଗାଡ଼ିଦେଲା ଘାତକ କରୋନାଜନିତ ଦୁଃସ୍ଥିତି। ତାଙ୍କୁ ମନେହେଲା, ଯେମିତି କି ଦୁନିଆର ସବୁଠୁ ଦୁଃଖୀ–ମଣିଷ ହେଉଛନ୍ତି ସେ। ଉଦାସଭାବ, ହତାଶବୋଧରେ ଘାଣ୍ଟି ହେଉହେଉ ଜୀବନ ହାରିବାର ଚରମ ନିଷ୍ପତ୍ତି ନେବାର ସୁଯୋଗ ଅପେକ୍ଷାରେ ଥିଲେ ସେ। ହଠାତ୍ ଅଗଷ୍ଟ ୨୨, ୨୦୨୦ ସକାଳେ ତାଙ୍କର ଅତି ଘନିଷ୍ଠ ବନ୍ଧୁଙ୍କ ଫୋନ ଆସିଲା, ଯିଏକି ବାବୁଙ୍କ ଏପରି ଅସ୍ୱାଭାବିକ ହାବଭାବକୁ ଅତି ନିକଟରୁ ନିରୀକ୍ଷଣ କରୁଥିଲେ। ''ଆରେ, ଆଜିର ଅମୁକ କାଗଜ ଦେଖିଲୁଣି ? ତୋ ବିଷୟରେ ବାହାରିଛି। କାଗଜର ସମ୍ପାଦକୀୟ ପୃଷ୍ଠାର 'ମୁଁ ଆଶାର କିରଣ' ଲେଖାଟି ଶୀଘ୍ର ଦେଖ''– ଏହା କହି ବନ୍ଧୁ ଜଣଙ୍କ ଫୋନ କାଟିଦେଲେ। ବାବୁ ଜଣଙ୍କ କାଗଜଟିକୁ କିଣି ଆଣି ତରବରରେ ପଢ଼ି ଚାଲିଲେ ଲେଖାଟିକୁ। କେଉଁଠି ବି ପାଇଲେ ନାହିଁ ତାଙ୍କ ନାଁ। ଛାନିଆ ନ ହୋଇ ପୁଣି ଆଉଥରେ ପଢ଼ିବାକୁ ଲାଗିଲେ। ତାଙ୍କୁ ଟିକେଟିକେ ମନେହେଲା, ତାଙ୍କ ସମ୍ବନ୍ଧେ ଲେଖାଯାଇଛି ଯେମିତି। ତା'ପରେ ଖୁବ୍ ମନଧ୍ୟାନ ଦେଇ ଆଉଥରେ ପଢ଼ିବାକୁ ଲାଗିଲେ ସେହି ଲେଖାଟିକୁ। ହଠାତ୍ ଉଜ୍ଜ୍ୱଳ ହୋଇ ଉଠିଲା ମୁଖମଣ୍ଡଳ ତାଙ୍କର। ସତେଯେମିତି ପାଇଗଲେ ସେ ଅପହୃତ ଆତ୍ମବିଶ୍ୱାସ। ବଞ୍ଚିବା ପାଇଁ ବଳ, ଆଗକୁ ବଢ଼ିବା ପାଇଁ ବାଟ। ସଙ୍ଗେସଙ୍ଗେ ଲେଖକଙ୍କୁ ଫୋନ କରି କହିଲେ – ଆଜ୍ଞା, ମୋ ଜୀବନ ଆପଣ ବଞ୍ଚେଇଦେଲେ। ବଞ୍ଚିବା ପାଇଁ ରାହା ମିଳିଗଲା ମୋତେ। ନାଁ, ମୁଁ ଆଉ ହାରିବିନି ଜୀବନ। କେବଳ ଏତିକିରେ ଅଟକି ନ ଯାଇ ସମ୍ପୃକ୍ତ କାଗଜର ସମ୍ପାଦକଙ୍କୁ ବି ଫୋନ କରି କୃତଜ୍ଞତା ଜଣାଇଲେ, କାଗଜଟି ତାଙ୍କର ଜୀବନ ବଞ୍ଚେଇଦେଲା ବୋଲି। କେବେ ବି ଓଡ଼ିଆ କାଗଜ ମଗାଇ ପଢୁ ନ ଥିବା ବାବୁ ଜଣଙ୍କ ତା'ପରଠୁ ଓଡ଼ିଆ କାଗଜ ମଗାଉ ଥିବାର ଜଣାଯାଏ, ବିଶେଷକରି ସ୍ତମ୍ଭ ପଢ଼ିବା ପାଇଁ।

'ସ୍ତମ୍ଭ'ର ସୁରଭିରେ ଏମିତି କାହା ଜୀବନର ମୋଡ଼ ବଦଳି ଯାଇଛି ତ ଆଉ କାହାର ଗତିପଥ। ସ୍ତମ୍ଭ କେବଳ ସମାଜର ଦିଗବାରେଣି ସାଜେନାହିଁ, ସରକାରଙ୍କ ନୀତି ନିର୍ଦ୍ଧାରଣର ନିୟାମକ ବି ହୋଇଥାଏ, ଅନେକ କ୍ଷେତ୍ରରେ। ପିଲାଙ୍କ ଭିତରେ ବଢୁଥିବା ଆତ୍ମହତ୍ୟା ପ୍ରବଣତାକୁ ଦୃଷ୍ଟିରେ ରଖି, ଶିକ୍ଷକଙ୍କ ମାଧ୍ୟମରେ ଜୀବନର ସଂଜ୍ଞା ଟିକେ ଜଣାଇବା ସହିତ ବଞ୍ଚିବା ଓ ବଢ଼ିବାର କଳା–କୌଶଳ ସମ୍ବନ୍ଧେ ପିଲାଙ୍କୁ ସାମାନ୍ୟ ଜ୍ଞାନ ଦେବାକୁ 'ଶିକ୍ଷକଙ୍କୁ ଚିଠି' ଶୀର୍ଷକ ଲେଖାଟିଏ ପ୍ରକାଶ ପାଏ। ଆବେଗଭରା ଲେଖାଟି ଖୋରାକ ଯୋଗାଇଲା ଶିକ୍ଷା ବିଭାଗକୁ, ଏ ସମ୍ବନ୍ଧେ ଚିନ୍ତାକରି କିଛି ପଦକ୍ଷେପ ନେବାକୁ। ଏହିଭଳି ଅନେକ ସ୍ଥଳରେ ସ୍ତମ୍ଭ ହିଁ ସରକାରଙ୍କ ମାର୍ଗଦର୍ଶିକା ସାଜିଥାଏ। ସୁସ୍ଥ–ସୁନ୍ଦର ସମାଜଟିଏ ଗଢ଼ିବାରେ ସହାୟକ ହୋଇଥାଏ। ଯେଉଁଥିପାଇଁ କି ଦୁଇଦଶନ୍ଧି ପୂର୍ବରୁ ଯେଉଁ ଖବରକାଗଜରେ 'ସ୍ତମ୍ଭ' ପାଉ ନ ଥିଲା ବିଶେଷ ଗୁରୁତ୍ୱ, ସେଇଠି ତା'ର ଆଜି ବଢ଼ିଛି ଆଦର। ସ୍ତମ୍ଭ ସାହିତ୍ୟ ଓ ସ୍ତମ୍ଭକାରଙ୍କ ଉପରେ ଛାତ୍ରୀଛାତ୍ରମାନେ ବି ପିଏଚ୍‌ଡି କରିବାକୁ ଆଗେଇ ଆସିଲେଣି। ଯଦିଓ 'ସ୍ତମ୍ଭ'ର ପାଠକ ସଂଖ୍ୟା ଆଜି ବି ପ୍ରାୟ ୧୫ ଭାଗ ହେବ, ତଥାପି ତା'ର ପ୍ରଭାବ ସୁଦୁରପ୍ରସାରି ଏବଂ ଅନସ୍ୱୀକାର୍ଯ୍ୟ।



ସ୍ତମ୍ଭର ଲକ୍ଷ୍ୟ ହେଲା– To inform, to persuade, to entertain. ସ୍ତମ୍ଭ ସବୁବେଳେ ତଥ୍ୟଯୁକ୍ତ, ପ୍ରାସଙ୍ଗିକ ଏବଂ ସଦ୍ୟ ଘଟଣାବଳୀ ଉପରେ ପର୍ଯ୍ୟବସିତ ହେବା ଉଚିତ। ସମାଜରେ ଘଟୁଥିବା ସମସ୍ୟା ସମ୍ପର୍କରେ ସଂକ୍ଷିପ୍ତରେ ଆଲୋଚନା କରି, କୌଶଳ ପୂର୍ବକ ବିଶ୍ଳେଷଣ କରି, ଯୁକ୍ତିଯୁକ୍ତ ସମାଧାନର ରାସ୍ତା ଦେଖାଇଥାଏ। ଆହୁରି ଟିକେ ସରଳକରି କହିଲେ, ତିନୋଟି 'ଆଇ' (Information, Inspiration, Interest) ହିଁ ବଳିଷ୍ଠ କରିଥାଏ ସ୍ତମ୍ଭକୁ। ଅର୍ଥାତ୍ ତଥ୍ୟ ସହିତ ପ୍ରେରଣାଦାୟୀ ବାର୍ତ୍ତା ଏବଂ ପଠନର ରୁଚି ବଢ଼େଇପାରିବା ହେଉଛି ଗୋଟେ ସ୍ତମ୍ଭର ସାର୍ଥକତା। କୌଣସି ଅବାନ୍ତର ବା ଅଯୌକ୍ତିକ କଥା ଉଲ୍ଲେଖ ଥିଲେ କିମ୍ବା ବିଦ୍ୱେଷଭାବ ରଖି ଉଦ୍ଦେଶ୍ୟମୂଳକ ଭାବେ ବଦ ମିଜାଜ ଭିତ୍ତିକ (humouristic) କିଛି ଲେଖା ହୋଇଥିଲେ ତାହା ସ୍ତମ୍ଭ ପଦବାଚ୍ୟ ନୁହେଁ। ଶାସ୍ତ୍ର (ଶବ୍ଦ)କୁ ଶସ୍ତ୍ର ପରି ଉପଯୋଗ କରିବା ଉଚିତ ନୁହେଁ। କାରଣ ଶବ୍ଦକାର ବି ଜଣେ ଋଷି ପରି ଏବଂ ଲେଖା ହେଉଛି ତା'ର ଯଜ୍ଞ। ସତ୍ୟ, ନ୍ୟାୟ ଓ ଧର୍ମର ରକ୍ଷା ହେଉଛି ଲେଖକର ସ୍ୱରୂପ। ଦୋଷଦର୍ଶୀ ନ ହୋଇ ଦୁନିଆର ଦିଶା ଓ ଦଶା ବଦଳାଇବା ହିଁ ବାହାଦୁରିପଣ। ଏଣୁ ସ୍ତମ୍ଭ ସର୍ବଦା ସତ୍ୟଦର୍ଶୀ, ବାର୍ତ୍ତା ଓ ବାସ୍ତବଧର୍ମୀ ତଥା ଚେତନାଧର୍ମୀ ହେବା ତା'ର ମୌଳିକଧର୍ମ ।

ସାହିତ୍ୟ ହେଉଛି ମାନବିକ କଲ୍ୟାଣର ମାପକାଠି। ଲଳିତ ବୋଧର ଅମୃତ ଅଭିବ୍ୟକ୍ତି। ଏଭଳି ସ୍ଥିତିରେ ଆଜି ଯେଉଁଠି କବିତା ପ୍ରତି ପାଠକ ବୀତସ୍ପୃହ, କଳ୍ପନା ପ୍ରସୂତ ସାହିତ୍ୟ (ଗଳ୍ପ, ଉପନ୍ୟାସ ଆଦି) ପ୍ରତି କମିକମି ଆସୁଛି ପାଠକଙ୍କ ରୁଚି, ସେତେବେଳେ ସ୍ତମ୍ଭସାହିତ୍ୟ ହିଁ ସାହାରା, ସାହିତ୍ୟର ଦିଗ ବଳୟକୁ ଉଦ୍ଭାସିତ କରିବାକୁ। 'ସ୍ତମ୍ଭ' ବି ପତ୍ରପତ୍ରିକା ପ୍ରତି ପାଠକର ଆଗ୍ରହ ବଢ଼ାଇପାରେ, କମାଇ ବି ପାରେ। ପ୍ରସାରଣ ସଂଖ୍ୟା ବଢ଼ାଇପାରେ, କମାଇ ବି ପାରେ, ଯାହାକି ନିର୍ଭର କରେ ସ୍ତମ୍ଭର ମାନ ଉପରେ। ସ୍ତମ୍ଭ ବି ବଢ଼ାଇଥାଏ ପତ୍ରପତ୍ରିକାର 'ମାନ'କୁ ଏବଂ ବଢ଼ାଇଥାଏ ସମ୍ପାଦକଙ୍କ 'ମର୍ଯ୍ୟାଦା'କୁ। ଯେଉଁ କାଗଜର ସ୍ତମ୍ଭ ଯେତିକି ବଳିଷ୍ଠ,ସେହି କାଗଜର ସଚେତନ ଶ୍ରେଣୀୟ ପାଠକ, ଛାତ୍ରୀ–ଛାତ୍ର ଓ ବୁଦ୍ଧିଜୀବୀମାନଙ୍କ ସଂଖ୍ୟା ସେତେ ଅଧିକ। ଭୌତିକ ବିକାଶ ସହିତ ତାଳଦେଇ ବଢ଼ି ବଢ଼ି ଚାଲୁଛି ଅରାଜକତା ଓ ଅସାମାଜିକତା। ସେଥିପାଇଁ ସମସ୍ତେ ଉଦ୍‌ବିଗ୍ନ। ଏଭଳିସ୍ଥଳେ ସୁସ୍ଥ ଓ ସୁନ୍ଦର ଏକ ସମାଜ ପାଇଁ ସାହିତ୍ୟର ଲୋକପ୍ରିୟତା ବଢ଼ିବା ନିହାତି ଜରୁରୀ। ବିଶେଷକରି ସ୍ତମ୍ଭର ଚାହିଦା ବୃଦ୍ଧି, ଖୁବ୍ ଗୁରୁତ୍ୱ ରଖେ ଆଜିର ଦିନରେ। ଆଜି ଦିନରେ ଆଗଧାଡ଼ିର ଦୈନିକ ଖବରକାଗଜମାନଙ୍କରେ ଯେଉଁପ୍ରକାର ଉଚ୍ଚମାନର ସ୍ତମ୍ଭ ପ୍ରକାଶ ପାଉଛି, ସେ ସବୁକୁ ଯଦି ଛାତ୍ରୀଛାତ୍ରଙ୍କୁ ପଢ଼ିବାକୁ ବାଧ୍ୟତାମୂଳକ କରାଯା'ନ୍ତା, ସ୍କୁଲ କଲେଜରେ ସ୍ତମ୍ଭ ସାହିତ୍ୟ ଉପରେ ପ୍ରଶ୍ନପତ୍ର ତିଆରି ହୁଅନ୍ତା, ତେବେ ସମାଜରେ ଅନେକ ସୁଧାର ଆସିପାରନ୍ତା। ସ୍ତମ୍ଭ କେବଳ ଚେତନାର ସ୍ତରକୁ ପ୍ରସାରିତ କରି ନ ଥାଏ, ଇତିହାସର ଐତିହ୍ୟରୁ ପୁରାଣର ପେଡ଼ିଯାଏ ଆମ ଜ୍ଞାନଭଣ୍ଡାରକୁ ବୃଦ୍ଧି କରିଥାଏ। ସ୍ତମ୍ଭ କେବେ ପୁଣି ବିଜ୍ଞାନର ବିଭାକୁ ବିତରଣ କରେ ତ ଆଉ କେବେ ବଖାଣେ ଜୀବନ–ଦର୍ଶନ, ସମ୍ବିଧାନ, ମନୋବିଜ୍ଞାନ, ଶରୀର ବିଜ୍ଞାନର କଥା। ମୋଟ ଉପରେ ଛାତ୍ରୀଛାତ୍ରଙ୍କୁ ଚେତନଶୀଳ, ସୃଜନଶୀଳ, ବିଚାରଶୀଳ, ପରିପକ୍ୱ ମଣିଷରୂପେ ଗଢ଼ିବାର ସାମର୍ଥ୍ୟ ରଖେ ସ୍ତମ୍ଭ। ଅର୍ଥାତ୍ ସ୍ତମ୍ଭ ଭିତରେ ଲୁଚି ରହିଥାଏ, ପୂରା ପୃଥିବୀ। ତାକୁ କେବଳ ପଢ଼ିବାର ଅଛି, ବୁଝିବାର ଅଛି। ଏଣୁ ଆସନ୍ତୁ ଆହୁରି ଆଗ୍ରହର ସହିତ ସ୍ତମ୍ଭ ପଢ଼ିବା। କାରଣ ସେ ଆମକୁ ଅଧିକ ସୁଧ ସହିତ ମୂଳଧନର ବହୁଗୁଣା ଫେରାଇଥାଏ।

**ଫକୀରମୋହନ ନଗର, ଲଛମା କଲୋନୀ, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

# ମନେପଡ଼େ ବୋଉ



ଛନ୍ଦା ମିଶ୍ର

ମୋ ବୋଉର ସ୍ୱରଟି ଭାରି ମିଠା, ଖୁବ୍ ସୁନ୍ଦର ଗୀତ ସେ ଗାଏ ହାରମୋନିୟମ ବଜେଇ। ଆଉ ସେ ଯେତେବେଳେ ଆମକୁ ଶୋଇ ପକାଇ ଧୋରେ ବାଇଆ ଧୋଠାରୁ ନେଇ ମନବୋଧ ଚଉତିଶା ପର୍ଯ୍ୟନ୍ତ ଗାଏ, ମତେ ଲାଗେ ସେ ଏମିତି ଗାଉ ଥାଉ.. । ଗାଇ ଗାଇ ତା' ଆଖି ମୁଜି ହୋଇଯାଏ, ହେଲେ ମୋ ମନ ପୂରେନା। ମୁଁ କହେ, ବୋଉ ଆଉ ଗାଉନୁ... । ବୋଉ ରାଗେ... ଜଲଦି ଶୁଅ, ଏତେ ଗୀତ ବୋଲିଲିଣି, ତଥାପି ଶୋଉନୁ...। ସବୁଥର ଭଳି ଏଥର ବି ବୋଉ ଆଗେ ଶୋଇପଡ଼େ। ତାରି ପାଖରେ ଶୋଇ ତାରି କାନି ଧରି ଖେଳୁ ଖେଳୁ କେତେବେଳେ ମତେ ନିଦ ହୋଇଯାଏ, ଜାଣେନା । ହେଲେ ସକାଳେ ଉଠିଲା ବେଳକୁ ବୋଉ ନ ଥାଏ ପାଖରେ। ଭୋରୁ ଉଠି ଦୁଆରେ ଗୋବର ପାଣି ପକେଇ, ଠାକୁରଙ୍କ ପାଇଁ ଫୁଲ ତୋଳି, ଜେଜେମା ପାଇଁ ଡାଳରେ ପାଣି ଓ ଦାନ୍ତକାଠି ସଜାଡ଼ି ରଖି, ଗାଧୋଇ ସାରି, ହାଣ୍ଡିଶାଳେ ଚୁଲିରେ ଚା' ବସେଇ ଥାଏ। ମୁଁ ଯାଇ ତା' ପାଖରେ ଖୁନ୍ଦିହୋଇ ବସେ । ବୋଉ ମତେ ଆଉଁଶି ଦିଏ, ଦାନ୍ତ ଘଷିବୁ ଯା.. କହିଲେ ଯାଇ ମୋ ନିଦ ଭାଙ୍ଗେ।

ସ୍କୁଲ ଗଲା ବେଳକୁ ସେମିତି ଜିଦି କରେ, ମତେ ଖୁଆଇ ଦେ...। ଭାତ ଡାଲି ଆଳୁଚକଟାକୁ ଗୋଳେଇ ସେ ଯେତେବେଳେ ଖୁଆଇ ଦିଏ ତା' ହାତର ତିନୋଟି ଗୁଣ୍ଡାରେ ମୋ ପେଟ ପୂରିଯାଏ। ମୁହଁ ଧୋଇ ତା' କାନିରେ ଓଦା ମୁହଁ ପୋଛି ଦେଲେ ମନ ପୂରି ଉଠେ। ପୁଣି ଦେହ ଖରାପ ଥାଉ କି ମନ ଉଦାସ ଥାଉ, ତା' କୋଳରେ ଟିକେ ମୁଣ୍ଡ ଗୁଞ୍ଜି ଦେଲେ, ଅଶାନ୍ତ ମନ ମୋର ପ୍ରଶାନ୍ତିରେ ଭରି ଉଠେ, ଲାଗେ ସବୁ ଠିକ୍ ଅଛି।

ହେଲେ ଯେବେ ମୁଁ ଜାଣିଲି ମୋ ବୋଉ ଭାରି ମିଛେଇ ବୋଲି ସେଦିନ ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ସାତ ଭାଇ ଭଉଣୀର ଘର। ତା' ସାଙ୍ଗରେ ନିଇତି ଘରେ କୁଣିଆ। ସେଦିନ ହଠାତ୍ ମାମୁ ତାଙ୍କ ଦୁଇ ସାଙ୍ଗଙ୍କ ସହ ଆସି ପହଞ୍ଚି ଥାନ୍ତି। ଶନିବାର ଯୋଗୁ ଅଧାଦିନ ସ୍କୁଲ ଛୁଟି। ମୁଁ କହି ଯାଇଥାଏ, ବୋଉଲୋ ମୁଁ ଫେରିଲେ ତୋ ସାଙ୍ଗରେ ଖାଇବି..। ସ୍କୁଲରୁ ଫେରିଲା ବେଳକୁ ସେ ମୋ ପାଇଁ ପଖାଳ ବାଢ଼ି ଆଳୁ ସିଝାଟିଏ ଚକଟୁ ଥାଏ। କହିଲି କେତେ କଥା ରାନ୍ଧିବୁ କହୁଥିଲୁ, ଆଉ.. ବୋଉ ମୋ ପାଟିରେ ହାତ ଦେଇ କହିଲା, କାଇଁ ଏଡ଼େ ପାଟିଟା କରୁଛୁ, କୁଣିଆ ଆସିଲେ ପରା... । ମୁଁ ଖାଇବାକୁ ବସି କହିଲି, ତୋର ବାଢୁନୁ.. ଉତ୍ତର ଦେଲା, ମୁଁ ଖାଇ ସାରିଛି । ଚକିତ ହେଲି... ମତେ ଛାଡ଼ି ତ ବୋଉ କେବେ ଖାଏନି, ବୋଧେ ବେଶି ଭୋକ କରିଥିବ! ଖାଇସାରି, ଜହ୍ନମାମୁଟିଏ ଧରି ଗଡ଼ୁ ଗଡ଼ୁ ରୋଷେଇ ଘରେ ଖଡ଼ଖାଡ଼ ଶୁଣି ଉଠି ଦେଖିଲି, ସେ ନିଜ ପାଇଁ ଚୁଡ଼ା ଚିନି ଗୋଳୋଉଛି। ଧୀରେ ଧୀରେ ଏମିତି ତା'ର ଅନେକ ମିଛ ମୁଁ ଜାଣିପାରିଲି। ବାପା ଜାଣିଲେ ରାଗିବେ କହି ସେ କେତେ କଥା ମନେଇ ନିଏ। ହେଲେ ସବୁ ମିଛ ପଛରେ ଥାଏ ଆମ ପାଇଁ ମଙ୍ଗଳ କାମନା।



ବୋଉଠାରୁ ଅଧିକ ଦାନୀ ମୁଁ କାହାକୁ ଦେଖିନି। କେଉଁ ଉପାଦାନରେ ସେ ଗଢ଼ା କେଜାଣି, ଭୋକରେ ରହି ନିଜ ଖାଦ୍ୟରେ ଅନ୍ୟର ପେଟ ପୂରିଲେ ସେ ଭାରି ଖୁସି ହୁଏ। ସେଥିପାଇଁ ସକାଳୁ ସଞ୍ଜ ଯାଏ ଘର ଆଗରେ ଗାଈ ଗୋରୁଙ୍କଠାରୁ ନେଇ ସନ୍ନ୍ୟାସୀ, ଗରିବ ବ୍ରାହ୍ମଣ ଓ ଭିକାରିଙ୍କ ଭିଡ଼ ହୁଏ। ଲାଗୁଥିଲା ସତେ ଯେମିତି ସେ କେବଳ ଆମର ବୋଉ ନ ଥିଲା, ଥିଲା ଏ ସମସ୍ତଙ୍କର ବୋଉ। ଭିକାରି ଓ ସନ୍ନ୍ୟାସୀମାନେ ତାକୁ ମା' ବୋଲି ସମ୍ବୋଧନ କରୁଥିଲେ, କିନ୍ତୁ ସେ ସକାଳୁ ଉଠି ଦାଣ୍ଡ କବାଟ ଖୋଲିବା କ୍ଷଣି କାଉଠାରୁ ନେଇ ଗୁଣ୍ଡୁଚି ଯାକେ, ତାଙ୍କ ଅବୋଧ ଭାଷାରେ ଏମିତି କିଚିରି ମିଚିରି ହେଉଥିଲେ ଯେ ଲାଗୁଥିଲା ଯେମିତି ସେମାନେ କହୁଛନ୍ତି, ହେଇ ବୋଉ ଆସିଲାଣି...

କଥା କଥାକେ ଭାଗବତରୁ ଉଦ୍ଧୃତି ଦେଉଥିବା ମୋ ବୋଉ ଖୁବ୍ ଭଗବତ୍ ବିଶ୍ୱାସୀ ଥିଲା। ଜୀବନରେ ଆସିଥିବା ସମସ୍ତ ଜଞ୍ଜାଳକୁ ସେଇ ଈଶ୍ୱରଙ୍କ ଇଚ୍ଛା କହି ହସି ହସି ସହିଗଲା। ସେଇ ଭାଗବତଙ୍କୁ ପୁଞ୍ଜି କରି ବେଶ୍ ନିୟମ ନିଷ୍ଠାରେ ଜୀବନ କାଟିଥିଲା ସେ। ସେଇ ଭାଗବତ କହନ୍ତି, 'ପ୍ରାଣୀଙ୍କ ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି'। କାହା ଉପରେ ବୋଝ ନ ହେଇ, କାହାକୁ କଷ୍ଟ ନ ଦେଇ, ହଠାତ୍ ଚାଲିଗଲା ବଡ଼ ଏକାଦଶୀରେ । ଏମିତି ଶୋଇଥିଲା ଯେ ଦେଖିଲେ ଲାଗୁଥିଲା, ଏଇ ଉଠି ବସିବ... ପଚାରିବ, ମାଆ ଖାଇଚୁ.. ଛୁଆ କେମିତି ଅଛନ୍ତି.. ଇତ୍ୟାଦି ଇତ୍ୟାଦି। ବିଶ୍ୱାସ କରି ହେଉ ନ ଥିଲା ଯେ ସେ ଚାଲିଯାଇଛି...

ଦୁଇ ବର୍ଷ ପରେ ବି ଲାଗେ ବୋଉ ଯେମିତି ଅଛି.. ଏଇଠି କୋଉଠି, ଏଇ ମତେ ଡାକିବ..। ଆଖିରୁ ଝରି ଯାଉଥିବା ଲୁହକୁ ତା' ପଣତ କାନିରେ ପୋଛିଦେଇ କହିବ, ସଂସାର ଭିତରେ ଥିଲେ ସମସ୍ୟା ତ ଆସିବ, ତାକୁ ଡରିଲେ କ'ଣ ଚଳିବ ଝିଅ । ଭରସା ରଖିବୁ, ଯୋଉ ଠାକୁର ସମସ୍ୟା ଦେଇଛନ୍ତି ସେଇ ପୁଣି ସମାଧାନ ବତେଇ ଦେବେ, ଧୈର୍ଯ୍ୟ କେବେ ହରାଇବୁ ନାହିଁ।

ତୋ କଥା ଭାରି ମନେପଡୁଛି ଲୋ ବୋଉ... ଆଜି ଆଉ କେହି ନାହିଁ ଯେ ପଚାରିବ... ଝିଅ ତୁ ଖାଇଲୁଣି! ଏଠି ସବୁ ସମ୍ପର୍କ, ସ୍ୱାର୍ଥରୁ ଆରମ୍ଭ ହୋଇ ସ୍ୱାର୍ଥରେ ସରେ । ତୋ ପରି ନିଃସ୍ୱାର୍ଥପର, ତୋ ପରି ମମତାମୟୀ, ତୋ ପରି ଉଦାର... ଆଉ କିଏ ହେବ! ତୋ ବିନା ଜୀବନକୁ ଜୀବନ ବୋଲି କହିବାକୁ ବି ସଙ୍କୋଚ ଲାଗୁଚି। ତୋ' ପଣତକାନିର ସେଇ ନିଆରା ମହକକୁ ଆଜି ବି ମନ ଝୁରୁଛି। ବୋଉ ଲୋ...ଏ ଅବୁଝା ଝିଅର ଅନେକ ଅଳି ଅଝଟ ତୁ ସହିଚୁ, ଏଇ ଶେଷ ଅଳିଟି ପୂରଣ କରିଦେ ଲୋ ବୋଉ... ଆଉ ଜନ୍ମକୁ ପୁଣି ତୋ' କୋଳରେ ମତେ ଆଶ୍ରୟ ନେବାର ସୌଭାଗ୍ୟ ଦେ... ।

**ମୋ–୯୪୩୭୪୫୩୬୧୦**

## ଏଇ ଭାରତରେ

କମ୍ ବୟସରେ ସ୍ୱାମୀଙ୍କୁ ହରାଇବା ପରେ ଧୈର୍ଯ୍ୟହରା ନ ହୋଇ ଜଣେ ଜୀବନରେ କିଭଳି ସଶକ୍ତ ହୋଇପାରନ୍ତି ତାହାର ବଳିଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ଗୁଣ୍ଟୁର ନିବାସୀ କୋଣ୍ଡା ଉଷାରାଣୀ। ନୁଟାକି ଗାଁରେ ଜନ୍ମିତ କୋଣ୍ଡା ୧୦ମ ଶ୍ରେଣୀରୁ ପାଠ ଛାଡ଼ି ଦେଇଥିଲେ ଓ ୧୭ ବର୍ଷ ବୟସରେ ବିବାହ କରିଥିଲେ। ବିବାହର ତିନି ବର୍ଷ ମଧ୍ୟରେ ସେ ଦୁଇ ପୁତ୍ର ସନ୍ତାନ ଜନନୀ ହେବା ପରେ ତାଙ୍କ ସ୍ୱାମୀଙ୍କର ଦୁର୍ଘଟଣାରେ ମୃତ୍ୟୁଘଟିଥିଲା। କୋଣ୍ଡା ଘର ଚଳାଇବା ଓ ଭବିଷ୍ୟତରେ ପିଲାଙ୍କୁ ପଢାଇବା ଲାଗି ସେ ଜୈବିକ ପଦ୍ଧତିରେ ପ୍ରଥମେ ହଳଦୀ ଚାଷ କରିଥିଲେ। ପରେ ବିଭିନ୍ନ ଚାଷ କରିବା ସହ ଜୈବିକ ଖତ ତିଆରି କଲେ। ଏବେ ସେ ଜୈବିକ ଖତ, ମଞ୍ଜି ଓ କୀଟନାଶକ ଚାଷୀମାନଙ୍କୁଳ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ , ସେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିବା ସହ ସେମାନଙ୍କ ଜୈବିକ ଉତ୍ପାଦକୁ ବିକ୍ରି କରାଇବାରେ ସହଯୋଗ କରୁଛନ୍ତି।

## ଚିରନ୍ତନୀ

କଜଳପାତି ସେ ସ୍ୱାମୀ ସଙ୍ଗତେ
କଳହେ ରହିଛି ମଗନ
ତୁଟାଇବି ତାହା, ତୃଷିତ ଚାତକ–
ହାହାକାରେ ପୂରେ ଗଗନ।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସିସିଟିଭି ମାଳ ମାଳ, ଫଳାଫଳ ନିମ୍ନମାନର

ମହାଶୟ,

ଭୁବନେଶ୍ୱର ମହାନଗର ନିଗମରେ ଏବେ ଯୁଆଡ଼େ ଦେଖିବ ସିଆଡ଼େ ସିସିଟିଭି ଲଗାଇ ଦିଆଯାଇଛି। ଅପରାଧ ନିୟନ୍ତ୍ରଣ ଓ ଦୁର୍ଘଟଣା ହ୍ରାସ ଏହାର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ସବୁଆଡ଼େ ସିସିଟିଭି ଲଗାଯାଇ ମଧ୍ୟ ରାଜରାସ୍ତାରେ ଦ୍ରୁତ ବେଗରେ ଗାଡ଼ିମୋଟର ଚଳାଚଳ କରି ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଉଛନ୍ତି। କିନ୍ତୁ ପୋଲିସ ଏହାର ଟେର୍ ପାଉନି। ତେଣୁ ଅଜଣା ଗାଡ଼ି ଧକ୍କାରେ ମାସକରେ ଗଡ଼ିଗଲାଣି ୨୦ରୁ ଉର୍ଦ୍ଧ୍ୱ ମୁଣ୍ଡ। ଅନ୍ୟପଟେ ଡକାୟତି, ଲୁଟ୍‌ତରାଜ ସାଙ୍ଗକୁ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ି ବଢ଼ି ଚାଲିଛି। ପ୍ରଶାସନ କିନ୍ତୁ କେବଳ ସିସିଟିଭି ଲଗାଇ ଦେଇ ଚୁପ୍ ହୋଇ ବସିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ସହରର ୧୪୭ଟି ସ୍ଥାନରେ ୫୫୨ଟି କ୍ୟାମେରା ଲଗାଗଲା। ଉଦ୍ଦେଶ୍ୟ ଥିଲା, ଏହି କ୍ୟାମେରା ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବ। କିନ୍ତୁ ସିସିଟିଭି ଫୁଟେଜକୁ ଆଧାର କରି ମଧ୍ୟ ପୋଲିସ ଅପରାଧ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରୁ ନାହିଁ। ଅନ୍ୟପଟେ ସିସିଟିଭିଗୁଡ଼ିକର ରକ୍ଷଣାବେକ୍ଷଣା ମଧ ସଠିକ୍ ରୂପେ କରାଯାଉ ନାହିଁ। ତେଣୁ ସରକାରଙ୍କର କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଏହି ଯୋଜନାଟି ମୋ ସାଇକେଲ ଯୋଜନା ପରି ଫେଲ୍ ମାରିଯିବନି ତ! ତେଣୁ ସରକାର ଏବଂ ପ୍ରଶାସନ ଏହାର ସଫଳ ରୂପାୟନ ପାଇଁ ଦୃଢ଼ ସଚେତନ ହେବା ନିହାତି ଆବଶ୍ୟକ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

## ଶିଶୁଙ୍କୁ ମାଣ୍ଡିଆ ଛତୁଆ ଦିଆଯାଉ

ରାଜ୍ୟରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ମାଣ୍ଡିଆ ପ୍ରସ୍ତୁତ ଛତୁଆ ଖାଇବାକୁ ଦିଆଯାଉ। ଏଥିରେ ପୁଷ୍ଟିସାର, ଲୌହସାର ଓ ରୋଗ ପ୍ରତିରୋଧକ ଶକ୍ତି ରହିଛି। ମାନସିକ ସ୍ତରରେ ଯଥେଷ୍ଟ ବୃଦ୍ଧି ଘଟାଇପାରିବ। କେବଳ ମାଣ୍ଡିଆ, ଯଅ, କୋଦୁଅ, ସୁଆଁ ଏବଂ ବାଜରା ଭଳି କ୍ଷୁଦ୍ର ଶସ୍ୟଜାତୀୟ ଖାଦ୍ୟ ପରିପୁଷ୍ଟ। ଖାଦ୍ୟ ପ୍ରକ୍ରିୟାକରଣ କରି ଶିଶୁଙ୍କୁ ଦିଆଯାଉ। ବୌଦ୍ଧିକ ବିକାଶରେ ମଧ୍ୟ ଯଥେଷ୍ଟ ସହାୟକ ହେବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଲେଟ୍ ମିଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନେତା, ଅଫିସରଙ୍କୁ ଶୁଭେଚ୍ଛା ଜଣାଇବାକୁ ପ୍ରବଳ ଭିଡ଼

ଭୁବନେଶ୍ୱର,୧।୧(ବ୍ୟୁରୋ)

ନୂଆବର୍ଷ ୨୦୨୩ର ଶୁଭେଚ୍ଛା ଜଣାଇବା ପାଇଁ ରାଜଧାନୀରେ ରବିବାର ପ୍ରବଳ ଭିଡ଼। ନେତା ଓ ମନ୍ତ୍ରୀଙ୍କ ଘରେ ନିର୍ବାଚନମଣ୍ଡଳୀର ମାଳମାଳ କର୍ମୀ ଫୁଲତୋଡା ଧରି ଅପେକ୍ଷା କରି ରହିଥିବାର ଦୃଶ୍ୟ ସରକାରୀ କ୍ୱାର୍ଟର୍ସ ସମ୍ମୁଖରେ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଅନେକ ନେତା ଓ ଅଫିସର ଶୁଭେଚ୍ଛା ଜଣାଇଛନ୍ତି। ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଫୁଲତୋଡା ଧରି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଫୁଲତୋଡ଼ା କିଣିବାକୁ ରାସ୍ତାରେ କାହିଁରେ କେତେ ଦୋକାନ ଖୋଲିଥିଲା। ବଡ଼ ଅଫିସରମାନଙ୍କୁ ଶୁଭେଚ୍ଛା ଜଣାଇବା ଲାଗି କର୍ମଚାରୀମାନେ ଯାଉଥିବା ଦେଖିବାକୁ ମିଳିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା ଏବଂ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଘର ଆଗରେ ରାଜନୈତିକ ବ୍ୟକ୍ତିବିଶେଷ, ସରକାରୀ କର୍ମଚାରୀଙ୍କ ଭିଡ଼ ଜମିଥିଲା। ରବିବାର ଛୁଟି ଥିବାରୁ ଲୋକେ ସେମାନଙ୍କ ସରକାରୀ ଘରକୁ ଯାଇ ଭେଟିଛନ୍ତି। ଜଣେ ଜଣେ ବ୍ୟକ୍ତି ପ୍ରାୟ ୩୦ରୁ ୪୦ ଜଣ ନେତାଙ୍କୁ ଭେଟି ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥଲେ। କଂଗ୍ରେସ ଭବନରେ ବରିଷ୍ଠ ନେତାମାନେ ଏକାଠି ହୋଇ ଲୋକଙ୍କୁ ଭେଟିଛନ୍ତି।

# ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲର ଯାଞ୍ଚ ହେବ

## ମାର୍ଚ୍ଚ ପୂର୍ବରୁ ଯାଞ୍ଚ ସରିବା ସହ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି

ଭୁବନେଶ୍ୱର, ୧।୧(ବ୍ୟୁରୋ)

ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲାଗି ଆରମ୍ଭ ହୋଇଥିବା ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ରାଜ୍ୟର ସବୁ ସରକାରୀ ସ୍କୁଲର ଯାଞ୍ଚ କରାଯାଉଥିବା ବେଳେ ଏଣିକି ସରକାରୀ ସ୍ୱିକୃତୀପ୍ରାପ୍ତ ସ୍କୁଲଗୁଡ଼ିକର ମଧ୍ୟ ଯାଞ୍ଚ ହେବ। ସମ୍ପୃକ୍ତ ସ୍କୁଲର ପାଠ୍ୟଖସଡ଼ା ସାଙ୍ଗକୁ ଶ୍ରେଣୀଗୃହରେ ପିଲାଙ୍କୁ କିଭଳି ଭାବେ ପାଠପଢ଼ା ଯାଉଛି ତାହାର ତଦାରଖ କରାଯିବ। ଏନେଇ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯାଞ୍ଚ କମିଟିରେ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ସିଆର୍‌ସିସି ସାମିଲ ହେବେ। ସରକାରଙ୍କ ନିୟମ ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ସମ୍ପର୍କରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍କୁଲ ଅଭିଭାବକ ସଂଘର ମତାମତ ନିଆଯିବ। ଉଲ୍ଲଂଘନ କରୁଥିବା ସ୍କୁଲର ଏନ୍‌ଓସିକୁ ବାତିଲ କରାଯିବ। ରାଜ୍ୟରେ ସ୍କୁଲ ତଦାରଖ ଲାଗି ସରକାର ଅଭିନବ ପ୍ରୟାସ ଆରମ୍ଭ କରିଥିବାବେଳେ ସରକାରୀ ସ୍କୁଲଗୁଡ଼ିକରେ ଏକାଡେମିକ୍ ପର୍‌ଫର୍‌ମାନ୍ସ, ଆକ୍‌ସେସ୍ ଆଣ୍ଡ୍ ଟ୍ରାଞ୍ଜିସନ୍, ଇକ୍ୱିଟି, ଗଭର୍ଣ୍ଣାନ୍ସ, ଭିତ୍ତିଭୂମି ଆଦି ସମ୍ପର୍କରେ ଅଧିକାରୀମାନେ ଯାଞ୍ଚ କରୁଥିଲେ। ମାତ୍ର ରାଜ୍ୟରେ ଏଭଳି କିଛି ସ୍କୁଲ ରହିଛି, ଯେଉଁସବୁ ରାଜ୍ୟ ସରକାରଙ୍କଠାରୁ ସ୍ୱୀକୃତି ପାଇଥିବା ବେଳେ ସମ୍ପୃକ୍ତ ସ୍କୁଲର ପରିଚାଳନା କମିଟିର ସୁପାରିସ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ପାଠ୍ୟକ୍ରମ ଲାଗୁ ହୋଇଛି। ସେହି ସ୍କୁଲଗୁଡ଼ିକରେ ସରକାରୀ ପାଠ୍ୟପୁସ୍ତକ ପ୍ରଣୟନ ହୋଇ ନ ଥିବାବେଳେ ପିଲାଙ୍କୁ ଅଧିକ ମାତ୍ରାରେ ଚାପ ପକାଯାଉଛି। ସ୍କୁଲ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ମନମୁଖୀ କାର୍ଯ୍ୟ କରୁଛନ୍ତି। ରାଜ୍ୟର ୬ଟି ଜିଲାରେ ଏଭଳି ସମସ୍ୟା ଥିବା ଜଣାପଡ଼ିବା ପରେ ବର୍ତ୍ତମାନ ରାଜ୍ୟର ସବୁ ଜିଲାରେ ଥିବା ଏହି ସ୍କୁଲଗୁଡ଼ିକ ସମ୍ପର୍କରେ ଅନୁଧ୍ୟାନ ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, କେତେକ ସ୍କୁଲ ସରକାରଙ୍କଠାରୁ ସୁବିଧା ସୁଯୋଗ ପାଉଥିଲେ ମଧ୍ୟ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବିଫଳ ହେଉଛନ୍ତି। ପିଲାଙ୍କ ଉପରେ କୌଣସି ମାନସିକ ଏବଂ ଶାରୀରିକ ଚାପ ନ ପକାଇବା ଲାଗି ନିର୍ଦ୍ଦେଶ ରହିଛି। କିନ୍ତୁ ଅଧିକାଂଶ ସ୍କୁଲରେ ରେଜଲ୍ଟ ଭଲ ପାଇଁ ପିଲାଙ୍କ ଉପରେ ଚାପ ପକାଯାଉଛି। ସରକାର ନିର୍ଦ୍ଧାରଣ କରିଥିବା ପାଠ୍ୟପୁସ୍ତକଠାରୁ ଭିନ୍ନ ପାଠ୍ୟ ଖସଡ଼ା ମଧ୍ୟ ଅନେକ ସ୍କୁଲରେ ପ୍ରଚଳନ ହେଉଛି। ତେଣୁ ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଶିକ୍ଷାରେ ଏକକ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହିତ ଯେଉଁସବୁ ସ୍କୁଲ ନିୟମକୁ ଅବମାନନା କରୁଛନ୍ତି, ସେହି ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆସନ୍ତା ମାର୍ଚ୍ଚ ପୂର୍ବରୁ ଏହି ଯାଞ୍ଚ ପ୍ରକ୍ରିୟା ଶେଷ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।








































**ଯବାନଙ୍କ ବନ୍ଧୁକ ଛଡ଼ାଇନେଲେ ଆତଙ୍କବାଦୀ**

ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଆତଙ୍କବାଦୀମାନେ ପାଟ୍ରୋଲିଂ ଟିମ୍‌ର ଜଣେ ଅଫିସରଙ୍କଠାରୁ ବନ୍ଧୁକ ଛଡ଼ାଇ ନେଇଛନ୍ତି। ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ପୋଲିସ, ସେନା ଏବଂ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ତଲାସି ଅଭିଯାନ ଜାରି ରହିଛି। ପୁଲ୍‌ୱାମା ଜିଲାର ବିଲୋ ଅଞ୍ଚଳରେ ସିଆର୍‌ପିଏଫ୍ ପାଟ୍ରୋଲିଂ କରୁଥିବାବେଳେ ଏହାର ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟରଙ୍କଠାରୁ ଆତଙ୍କବାଦୀ ରାଇଫଲ ଛଡ଼ାଇ ନେଇ ପଳାଇଥିଲେ।



## ସଂକ୍ଷେପରେ

### ଆତଙ୍କବାଦୀଙ୍କ ଗୁଳିରେ ୩ ମୃତ

**ଶ୍ରୀନଗର,୧।୧:** ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅନ୍ତର୍ଗତ ଡାଙ୍ଗ୍ରି ଅଞ୍ଚଳରେ ରବିବାର ରାତିରେ ଆତଙ୍କବାଦୀଙ୍କ ଗୁଳିରେ ୩ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ଶିଶୁ ଅଛନ୍ତି। ସମସ୍ତ ଆହତଙ୍କୁ ରାଜୌରୀର ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସିଆର୍‌ପିଏଫ୍ ଏବଂ ସେନା ଯବାନ ଘଟଣାସ୍ଥଳରେ ପହଞ୍ଚି ତଲାସି ଅଭିଯାନ ଆରମ୍ଭ କରିଛନ୍ତି।

### ଚନ୍ଦ୍ରାବାବୁଙ୍କ ସଭାରେ ପୁଣି ଦଳାଚକଟା: ୩ ମୃତ

**ନୂଆଦିଲ୍ଲୀ,୧।୧:** ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ରବିବାର ସନ୍ଧ୍ୟାରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କ ସଭାରେ ଦଳାଚକଟା ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ଚନ୍ଦ୍ରାବାବୁ ସଭାସ୍ଥଳ ଛାଡ଼ିବା ପରେ ଦଳାଚକଟା ହୋଇଥିଲା। ୫ ଦିନ ମଧ୍ୟରେ ଚନ୍ଦ୍ରାବାବୁଙ୍କ ସଭାରେ ଏହା ଦ୍ୱିତୀୟ ଦୁର୍ଘଟଣା। ଗତ ବୁଧବାର ସନ୍ଧ୍ୟାରେ ନେଲୋର ଜିଲାର କନ୍ଦୁକୁରୁଠାରେ ଚନ୍ଦ୍ରାବାବୁଙ୍କ ରୋଡ୍ ଶୋ'ରେ ଦଳାଚକଟା ଘଟି ୮ ଜଣଙ୍କ ଜୀବନ ଯାଇଥିଲା।

### ଏନ୍.ସି. ଦେବ୍ବରମାଙ୍କ ପରଲୋକ



**ଅଗରତଲା,୧।୧:** ତ୍ରିପୁରାର ବରିଷ୍ଠ ମନ୍ତ୍ରୀ ତଥା ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି) ସଭାପତି ନରେନ୍ଦ୍ର ଚନ୍ଦ୍ର ଦେବ୍ବରମା(୮୦)ଙ୍କ ରବିବାର ପରଲୋକ ଘଟିଛି। ଶୁକ୍ରବାର ଦେବ୍ବରମାଙ୍କୁ ବ୍ରେନ୍‌ଷ୍ଟ୍ରୋକ ହୋଇଥିବାବେଳେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତ୍ରିପୁରାର ଏହି ଆଦିବାସୀ ନେତାଙ୍କ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା।

### ନବବର୍ଷ ପାଳନ ବେଳେ ଦଳାଚକଟା: ୯ ମୃତ

**କାମପାଲା, ୧।୧:** ପୂର୍ବ ଆଫ୍ରିକୀୟ ଦେଶ ଉଗାଣ୍ଡାର ରାଜଧାନୀ କାମପାଲାରେ ଶନିବାର ମଧ୍ୟରାତ୍ରରେ ନୂଆବର୍ଷ ସେଲିବ୍ରେଶନ୍ ଅବସରରେ ଦଳାଚକଟା ହୋଇ ୯ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ମୁତାବକ, ନ୍ୟୁୟର ପାଳନ ପାଇଁ ଆୟୋଜିତ ଇଭେଣ୍ଟର ମୁଖ୍ୟ ଦର୍ଶକଙ୍କୁ ମଞ୍ଚରୁ ବାହାରକୁ ଯାଇ ଫାୟାରୱାର୍କସ୍ ଡିସ୍‌ପ୍ଲେ ଦେଖିବା ପାଇଁ କହିଥିଲେ। ଡିସ୍‌ପ୍ଲେ ଦେଖି ଫେରିବା ସମୟରେ ଲୋକଙ୍କ ଭିଡ଼ ବଢ଼ିଯାଇଥିଲା। ଦଳାଚକଟା ହେବା ଫଳରେ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ଅନେକେ ଆହତ ମଧ୍ୟ ହୋଇଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଭିଡ଼କୁ ଆୟତ୍ତ କରିବା ସହ ଗୁରୁତର ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### କାବୁଲରେ ବିସ୍ଫୋରଣ: ୧୦ ମୃତ

**କାବୁଲ,୧।୧:** ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ସାମରିକ ଏୟାରଫିଲ୍ଡ ନିକଟରେ ରବିବାର ବଡ଼ ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିବା କୁହାଯାଉଛି। ବିସ୍ଫୋରଣ ଘଟିବାର କାରଣ ଜଣାପଡ଼ି ନ ଥିବା ଗୃହ ବିଭାଗ ପକ୍ଷରୁ କୁହାଯାଇଛି। କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦର ପାଖରେ ସାମରିକ ଏୟାରଫିଲ୍ଡ ରହିଛି। ୨୦୨୧ରେ ତାଲିବାନ ଦେଶର ଶାସନ କ୍ଷମତା ଅକ୍ତିଆର କରିବା ପରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାର ପ୍ରତିଶ୍ରୁତି ଦେଇଥିଲା। ଦେଢ଼ବର୍ଷ ମଧ୍ୟରେ ଅନେକ ବିସ୍ଫୋରଣ ଓ ଆକ୍ରମଣ ଘଟିଲାଣି। ଅଧିକାଂଶ ଆକ୍ରମଣ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍‌ର ସ୍ଥାନୀୟ ସଂଗଠନ ଘଟାଉଥିବା ଦାବି କରିଆସୁଛି। ଗତ ମାସରେ ବନ୍ଧୁକଧାରୀମାନେ କାବୁଲର ଏକ ହୋଟେଲରେ ପ୍ରବେଶ କରି ଗୁଳି ଚଳାଇବାରୁ ୫ ଚାଇନା ବ୍ୟବସାୟୀ ଆହତ ହୋଇଥିଲେ। ତାଲିବାନ କ୍ଷମତାକୁ ଫେରିବା ପରେ ଆକ୍ରମଣରେ ଆଫଗାନ୍ ସଂଖ୍ୟାଲଘୁଙ୍କ ସମେତ ଶତାଧିକ ଲୋକ ନିହତ ହେଲେଣି।

### ଦୁର୍ଘଟଣାରେ ୧୦ ମୃତ

**ସିକର,୧।୧:** ରାଜସ୍ଥାନର ସିକର ଜିଲାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଦ୍ରୁତ ବେଗରେ ଆସୁଥିବା ଏକ ଏସ୍‌ୟୁଭି ପ୍ରଥମେ ମୋଟରସାଇକେଲ୍ ଓ ପରେ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ପଲ୍‌ସାନା-ଖଣ୍ଡେଲା ରାସ୍ତାରେ ମାଜି ସାହାବ କି ଧାନିଠାରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବାଇକ ଆରୋହୀ ଓ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପରେ ଟ୍ରକ୍ ସହ ପିଟିହେବାରୁ ଏସ୍‌ୟୁଭିରେ ଥିବା ୮ ଜଣଙ୍କ ଜୀବନ ଯାଇଛି।

## କାତାର ଜେଲରେ ୮ ନୌସେନା ଭେଟେରାନ୍

# ମୁକ୍ତି ପ୍ରତୀକ୍ଷାରେ ୪ ମାସ



ଅବସରପ୍ରାପ୍ତ କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ

**ନୂଆଦିଲ୍ଲୀ,୧।୧**

ଦେଶ ପାଇଁ ସେବା ପ୍ରଦାନରେ ନିଷ୍କଳଙ୍କ କ୍ୟାରିୟର, ସର୍ଭିସ ରେକର୍ଡରେ ଟିକିଏ ବି ଦାଗ ନାହିଁ। ତଥାପି ଭାରତୀୟ ନୌସେନାର ୮ ଜଣ ଅବସରପ୍ରାପ୍ତ ଅଧିକାରୀ କାତାରସ୍ଥିତ ଦୋହା ଜେଲରେ ୪ ମାସ ହେଲା ବନ୍ଦୀ ଅଛନ୍ତି। ସେମାନଙ୍କୁ ଯଥାଶୀଘ୍ର ମୁକ୍ତ କରିବା ପାଇଁ କାତାର ସରକାରଙ୍କ ସହ ଆଲୋଚନା କରିବାକୁ ଭେଟେରାନ୍‌ଙ୍କ ପରିବାର ପକ୍ଷରୁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଅନୁରୋଧ କରାଯାଇଛି।

ବିଶ୍ୱର ୮ ବିଲିୟନ୍ ଲୋକ ନୂଆବର୍ଷକୁ ସ୍ୱାଗତ କରିଛନ୍ତି। କିଏ ହର୍ଷୋଲ୍ଲାସରେ ଉତ୍ସବ ପାଳନ କରୁଛନ୍ତି ତ ପୁଣି କିଏ ଭବିଷ୍ୟତ ପାଇଁ ନୂଆ ଖସଡ଼ା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଭାରତୀୟ ନୌସେନାର ୮ ଜଣ ଅବସରପ୍ରାପ୍ତ ଅଫିସରଙ୍କ ପରିବାର ଲାଗି ଏହି ନବବର୍ଷ ପାଣିଚିଆ ହୋଇଯାଇଛି। ଗତ ଅଗଷ୍ଟରୁ ଏହି ଅଧିକାରୀମାନେ କାତାରରେ ବନ୍ଦୀ ଜୀବନ ବିତାଉଛନ୍ତି। ୨୦୨୩ରେ ସେମାନଙ୍କ ଦୀର୍ଘ ୪ ମାସ ଧରି ଯନ୍ତ୍ରଣାଦାୟକ ପ୍ରତୀକ୍ଷାର ଅନ୍ତ ଘଟୁ। ଏହା ହିଁ ସେମାନଙ୍କ ଏକମାତ୍ର ଆଶା। ନୈସେନା କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କ୍ୟାପଟେନ ନଭତେଜ ସିଂ ଗିଲ୍ ଓ ଅନ୍ୟ ୬ ଜଣ ଅଧିକାରୀ ଚାକିରିରୁ ଅବସର ନେବା ପରେ ଦୋହା ଗ୍ଲୋବାଲ୍ ଟେକ୍ନୋଲୋଜି ଆଣ୍ଡ୍ କନ୍‌ସଲ୍ଟିଙ୍ଗ୍ ସର୍ଭିସେସ୍‌ରେ କାର୍ଯ୍ୟ କରୁଥିଲେ। କାତାର ନୌସେନା କର୍ମଚାରୀମାନଙ୍କୁ ଏହି ପ୍ରାକ୍ତନ ଭାରତୀୟ ଅଧିକାରୀମାନେ ପ୍ରଶିକ୍ଷଣ ଦେଉଥିଲେ। କିନ୍ତୁ ଗତ ଅଗଷ୍ଟ ୩୦ରେ କାତାର ଗୋଇନ୍ଦା କର୍ତ୍ତୃପକ୍ଷ ହଠାତ୍ ସେମାନଙ୍କୁ ଉଠାଇ ନେଇଥିଲେ। ସେମାନଙ୍କୁ ଦୋହାସ୍ଥିତ ଏକ ଜେଲର ପୃଥକ୍ କୋଠରିରେ ନିଃସଙ୍ଗ ଜୀବନ ବିତାଇବାକୁ ବାଧ୍ୟ କରାଯାଇଛି। ବିନା କୌଣସି ଅପରାଧରେ କେଉଁ କାରଣରୁ ଜେଲରେ ରଖାଯାଇଛି ସେନେଇ ଦୋହା ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଥିବା ଜଣେ ଓମାନ୍ ନାଗରିକଙ୍କୁ ମଧ୍ୟ ଫିଫା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ ପୂର୍ବରୁ ବେଆଇନ ଭାବେ ଗିରଫ କରି ଜେଲରେ ରଖାଯାଇଛି। ୨୦୦୨ରେ ନୌସେନାରୁ ଅବସର ନେଇଥିବା କମାଣ୍ଡର ପୂର୍ଣ୍ଣେନ୍ଦୁ ସେହି କମ୍ପାନୀରେ ମ୍ୟାନେଜିଂ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ରେ ତାଙ୍କୁ ଭାରତ ସରକାର ପ୍ରବାସୀ ଭାରତୀୟ ସମ୍ମାନ ଦେଇଥିଲେ। ପୂର୍ଣ୍ଣେନ୍ଦୁଙ୍କ ଭାଇ ଡ.ମିଟୁ ଭାର୍ଗବ କହିଛନ୍ତି, ୬୩ ବର୍ଷୀୟ ବଡ଼ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ତାଙ୍କୁ ଜେଲରେ ଏକାନ୍ତବାସରେ



ରହିବାକୁ ପଡ଼ିଛି। ତାଙ୍କ ମାନସିକ ସ୍ଥିତି କ'ଣ ଥିବ କିଛି ଜାଣିହେଉ ନାହିଁ। ଭାଇଙ୍କୁ ତୁରନ୍ତ ମୁକ୍ତ କରି ଭାରତ ଫେରାଇ ଆଣିବା ଦିଗରେ କେନ୍ଦ୍ର ସରକାର ଉଦ୍ୟମ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ସେହିପରି ୫୭ ବର୍ଷୀୟ କ୍ୟାପଟେନ ନଭତେଜ ସିଂ ଗିଲ୍ (ସୋର୍ଡ ଅଫ୍ ଅନର ବିଜେତା ତଥା ଗୋଲ୍ଡ ମେଡାଲିଷ୍ଟ)ଙ୍କ ଭାଇ ନଭଦୀପ ଗିଲ୍ କହିଛନ୍ତି, ଭାଇ ୨୦୧୨ରେ ଅବସର ନେଇ ୨୦୧୬ରେ କାତାର ଯାଇଥିଲେ। କମ୍ପାନୀର ନିର୍ଦ୍ଦେଶକ ପଦରେ ଅବସ୍ଥାପିତ ଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ଏହି ଗିରଫଦାରି ଆମ ପରିବାର ପାଇଁ ଏକ ଶକ୍ତ ଝଟ୍‌କା। ପୂର୍ବରୁ ହ୍ୱାଟ୍‌ସଆପ୍‌ରେ ଆମେ ତାଙ୍କଠାରୁ ମେସେଜ୍ ପାଉଥିଲୁ। ଗତ ସେପ୍ଟେମ୍ବର ୬ରେ ଭାଇଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଫୋନ୍ କରିବାରୁ ସୁଇଚ୍ ଅଫ୍ ଥିବା ଜାଣିବାକୁ ପାଇଥିଲୁ। କମ୍ପାନୀ ସହ ଯୋଗାଯୋଗ କରିବା ପରେ କାତାର

### ଦୋହା ସହ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କଲେ ପରିବାର ଲୋକେ

ସିକ୍ୟୁରିଟି ସର୍ଭିସ୍ ପକ୍ଷରୁ ତାଙ୍କୁ ଗିରଫ କରାଯାଇଥିବା କୁହାଯାଇଥିଲା। ଭାଇଙ୍କୁ ଯଥାଶୀଘ୍ର ପ୍ରତ୍ୟର୍ପିତ କରି ସ୍ୱଦେଶ ଫେରାଇ ଆଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛୁ। ଭାରତୀୟ ନୌସେନାର ଅନ୍ୟ ୬ ଅବସରପ୍ରାପ୍ତ ଅଧିକାରୀ ହେଲେ କମାଣ୍ଡର ବୀରେନ୍ଦ୍ର କୁମାର ବର୍ମା, କମାଣ୍ଡର ସୁଗୁନାକର କପଲା, କମାଣ୍ଡର ସଞ୍ଜୀବ ଗୁପ୍ତା, କମାଣ୍ଡର ଅମିତ ନାଗପାଲ, କ୍ୟାପ୍‌ଟେନ ସୌରଭ ବଶିଷ୍ଠ, ସୈଲର ରାଗେଶ।

### କ'ଣ କହୁଛି କେନ୍ଦ୍ର

ଦୋହା ଜେଲରେ ଥିବା ସମସ୍ତ ୮ ଅଧିକାରୀଙ୍କୁ କୂଟନୈତିକ ଚ୍ୟାନେଲରେ ଆଇନଗତ ସହାୟତା ପ୍ରଦାନ କରାଯିବ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନିକଟରେ ଏହି ପ୍ରସଙ୍ଗକୁ ସରକାର ପ୍ରାଥମିକତା ଦେଉଥିବା ପାର୍ଲାମେଣ୍ଟକୁ ଅବଗତ କରାଇଥିଲେ। ରାଜ୍ୟ ସଭାରେ ଜୟଶଙ୍କର କହିଥିଲେ, ଏହା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସେମାନଙ୍କ ହିତକୁ ଦୃଷ୍ଟିରେ ରଖାଯାଇଛି। ରାଷ୍ଟ୍ରଦୂତ ଓ ବରିଷ୍ଠ ଅଧିକାରୀମାନେ କାତାର ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି। କିନ୍ତୁ ଏହି ଆଶ୍ୱାସନା ବଳରେ ଭାର୍ଗବ ଓ ନବଦୀପଙ୍କ ଭଳି ଅନ୍ୟ ଭେଟେରାନ୍ ପରିବାର ଆଉ କେତେ ଦିନ ଘଣ୍ଟା ଓ କ୍ୟାଲେଣ୍ଡର ଦେଖି ଅପେକ୍ଷା କରିଥିବେ, ତାହା ହେଉଛି ବଡ଼ ପ୍ରଶ୍ନ।

## ଆଜି ବିମୁଦ୍ରୀକରଣ ରାୟ



**ନୂଆଦିଲ୍ଲୀ,୧।୧(ପି.ଟି.)**

୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ହୋଇଥିବା ୫୮ଟି ପିଟିଶନ ଉପରେ ସୋମବାର ରାୟ ଘୋଷଣା କରାଯିବ। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ପ୍ରଚଳିତ ୧୦୦୦ ଓ ୫୦୦ ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କରିଥିଲେ। ଏହାର ବୈଧତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। ଶୀତ ଛୁଟି ପରେ ସୋମବାର କୋର୍ଟ ଖୋଲୁଥିବାବେଳେ ଜଷ୍ଟିସ ଏସ୍.ଏ. ନାଜିରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ରାୟ ଶୁଣାଇବାକୁ ଯାଉଛନ୍ତି। ସୂଚନା ଅନୁଯାୟୀ ଉକ୍ତ ମାମଲା ଉପରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ବି.ଭି. ନାଗରତ୍ନା ଦୁଇଟି ଅଲଗା ରାୟ ଘୋଷଣା କରିବେ। ତେବେ ଉଭୟ ରାୟ ସମାନ ହେବ କି ଅସହମତି ରହିବ ତାହା ଜଣାପଡ଼ି ନାହିଁ। ଜଷ୍ଟିସ୍ ନାଜିର, ଗଭାଇ, ନାଗରତ୍ନାଙ୍କ ବ୍ୟତୀତ ସାମ୍ବିଧାନିକ ପୀଠରେ ଜଷ୍ଟିସ ଏ.ଏସ୍. ବୋପନ୍ନା ଏବଂ ଭି. ରାମସୁବ୍ରମଣ୍ୟନ୍ ରହିଛନ୍ତି। ସରକାରଙ୍କ ୨୦୧୬ ନିଷ୍ପତ୍ତି ଉପରେ ଆନୁଷଙ୍ଗିକ ରେକର୍ଡ ଦାଖଲ କରିବା ଲାଗି ଗତ ମାସ ୭ ତାରିଖରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଏବଂ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ନିର୍ଦ୍ଦେଶ ଦେବା ସହ ରାୟ ସଂରକ୍ଷିତ ରଖିଥିଲେ। ଅଦାଲତ ଆର୍‌ବିଆଇ ପକ୍ଷରୁ ଓକିଲ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଏବଂ ପିଟିଶନରମାନଙ୍କ ଓକିଲଙ୍କ ଯୁକ୍ତି ଶୁଣିଥିଲେ।

## ବୌଦ୍ଧଧର୍ମ ଧ୍ୱଂସ ଲାଗି ଉଦ୍ୟମ କରୁଛି ଚାଇନା: ଦଲାଇ ଲାମା

**ଗୟା,୧।୧**

ଚାଇନାର କମ୍ୟୁନିଷ୍ଟ ଶାସକ କ୍ରମାଗତ ୩ ବର୍ଷ ହେଲା ପଦ୍ମସମ୍ଭବ ମୂର୍ତ୍ତି ଭାଙ୍ଗିଚାଲିଛି। ସେଠାରେ ନିର୍ମିତ ବୌଦ୍ଧବିହାରକୁ ମଧ୍ୟ ସରକାର ଭାଙ୍ଗିଦେଇଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନଙ୍କୁ ବିଷ ଦିଆଯାଉଛି। ବୌଦ୍ଧଧର୍ମକୁ ଧ୍ୱଂସ କରିଦେବା ଲାଗି ଚାଇନା ଯୋଜନାବଦ୍ଧ ଉଦ୍ୟମ ଚଳାଇଛି। ତେବେ ବୁଦ୍ଧଙ୍କ ଉପରେ ଲୋକମାନଙ୍କର ଯେଉଁ ବିଶ୍ୱାସ ରହିଛି, ତାକୁ ବେଜିଂ ନଷ୍ଟ କରିପାରିବ ନାହିଁ ବୋଲି ଦଲାଇଲାମା ବୋଧଗୟାରେ ତାଙ୍କ ୩ ଦିନିଆ ଧର୍ମପ୍ରଚାର କାର୍ଯ୍ୟକ୍ରମର ଶେଷ ଦିନରେ କହିଛନ୍ତି। ବୌଦ୍ଧଧର୍ମକୁ



କ୍ଷତି ପହଞ୍ଚାଇବା ପାଇଁ ବେଜିଂର ସମସ୍ତ ଉଦ୍ୟମ ସତ୍ତ୍ୱେ ଏହା ନିଜ ସ୍ଥାନରେ ତିଷ୍ଠି ରହିଛି। ଚାଇନାର ଅନେକ ଲୋକ ବୌଦ୍ଧଧର୍ମରେ ବିଶ୍ୱାସ କରନ୍ତି। କେତେଜଣଙ୍କୁ କ୍ଷତି ଘଟାଇ ସମସ୍ତଙ୍କ ଧର୍ମକୁ ବିପଦରେ ପକାଯାଇପାରିବ ନାହିଁ ବୋଲି ତିବ୍ବତୀୟ ଧର୍ମଗୁରୁ କହିଛନ୍ତି।

## ସ୍କୁଟି ସହିତ ଯୁବତୀଙ୍କୁ ୪ କି.ମି. ଘୋଷାଡ଼ି ନେଲା କାର୍

**ନୂଆଦିଲ୍ଲୀ, ୧।୧**

ଦିଲ୍ଲୀ ସୁଲତାନପୁରି ଅଞ୍ଚଳରେ ରବିବାର ଭୋରରୁ ସ୍କୁଟିସମେତ ଜଣେ ଯୁବତୀଙ୍କୁ କାର୍ ୪ କି.ମି. ଦୂର ଘୋଷାଡ଼ି ନେବା ଫଳରେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଏହି ଘଟଣାରେ ମାରୁତି ବାଲେନୋରେ ଯାଉଥିବା ୫ ଯୁବକଙ୍କୁ ପୋଲିସ ଗିରଫ କରିଛି। ମୃତ ଯୁବତୀଙ୍କ ଉଲଗ୍ନ ଶରୀର ଓ ଭାଙ୍ଗିଥିବା ଗୋଡ଼ର ଫଟୋ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି, ଯାହାକୁ ଦେଖି ଯୁବତୀଙ୍କୁ ବଳାତ୍କାର କରାଯାଇଥିବା କୁହାଯାଉଛି। କିନ୍ତୁ ଦିଲ୍ଲୀ ପୋଲିସ ଏହାକୁ ଏକ ଦୁର୍ଘଟଣା ବୋଲି କହିଛି। ଜନୈକ ଯୁବତୀଙ୍କ ଶରୀର କାର୍‌ରେ ବନ୍ଧା ହୋଇଥିବାବେଳେ ଉକ୍ତ କାର୍ କୁତୁବଗଡ଼ ଏରିଆ ଆଡ଼କୁ ଯାଉଥିବା ସକାଳ ୩ଟା ୨୪ ମିନିଟରେ କାଞ୍ଝାୱାଲା ଥାନା ପାଖରେ ସୂଚନା ପହଞ୍ଚିଥିଲା। ମୃତଦେହକୁ ଉଦ୍ଧାର କରି ପୋଲିସ ପୋଷ୍ଟମର୍ଟମ ପାଇଁ ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲକୁ ପଠାଯାଇଛି।

ଯୁବତୀଙ୍କ ଗୋଡ଼ କାର୍ ଚକାରେ ଫସିଯିବା ଫଳରେ ଏହି ଦୁର୍ଘଟଣା ଘଟିଥିବା ଡିସିପି ହରେନ୍ଦ୍ର କୁମାର ସିଂ କହିଛନ୍ତି। ଯୁବତୀ କାର୍ ଚକାରେ ଫସିଥିବାରୁ ଅଭିଯୁକ୍ତମାନେ ଡରିଯାଇଥିଲେ ଏବଂ ମୃତଦେହକୁ ରାସ୍ତାରେ ଫୋପାଡ଼ି ଫେରାର୍ ହୋଇଥିଲେ। ଆଲକୋହଲ ପରୀକ୍ଷା ପାଇଁ ଡ୍ରାଇଭରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଯୁବତୀଜଣକ ମ୍ୟାରେଜ୍ ପାର୍ଟି ଫଙ୍କଶନ୍‌ରେ ପାର୍ଟଟାଇମ୍ ଜବ୍ କରୁଥିଲେ। ରବିବାର ଏକ କାର୍ଯ୍ୟକ୍ରମରୁ ଫେରିବା ସମୟରେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ଦିଲ୍ଲୀ ମହିଳା କମିଶନ ମୁଖ୍ୟ ସ୍ୱାତୀ ମାଲିୱାଲ ରବିବାର ଦିଲ୍ଲୀ ପୋଲିସକୁ ନୋଟିସ୍ ଜାରି କରିଛନ୍ତି।

## ଇଣ୍ଡିଆ ଗେଟ୍‌ରେ ଜୈନଙ୍କ ବିଶାଳ ବିକ୍ଷୋଭ

**ନୂଆଦିଲ୍ଲୀ,୧।୧**

ଝାଡ଼ଖଣ୍ଡର ହେମନ୍ତ ସୋରେନ୍ ସରକାର ସାମ୍ମେଦ ଶିଖରଜୀକୁ ପର୍ଯ୍ୟଟନ ସ୍ଥଳ ଘୋଷଣା କରିବା ପରେ ଏହା ବିରୋଧରେ ଜୈନ ସମ୍ପ୍ରଦାୟର ସଦସ୍ୟମାନେ ବିଭିନ୍ନ ସହରରେ ବିକ୍ଷୋଭ କରିଆସୁଛନ୍ତି। ରବିବାର ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ଆଗରେ ଏହି ସମ୍ପ୍ରଦାୟର ହଜାର ହଜାର ସଦସ୍ୟ ଏକାଠି ହୋଇ ସାମ୍ମେଦ ଶିଖରଜୀ ନିଷ୍ପତ୍ତିର ପ୍ରତିବାଦ ଜଣାଇଥିଲେ।

ଝାଡ଼ଖଣ୍ଡର ପରଶନାଥ ପାହାଡ଼ରେ ଅବସ୍ଥିତ ସାମ୍ମେଦ ଶିଖରଜୀ ଜୈନମାନଙ୍କର ପବିତ୍ର ତୀର୍ଥସ୍ଥାନ। ଏହାକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରାଯାଇଥିବାରୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ସୋରେନଙ୍କ ନିଷ୍ପତ୍ତିବିରୋଧରେ ଜୈନ ସମ୍ପ୍ରଦାୟ ପକ୍ଷରୁ ସାରା ଦେଶରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବରୁ ମଧ୍ୟପ୍ରଦେଶର ଜୈନ ସୋସାଇଟି ରାସ୍ତାକୁ ଓହ୍ଲାଇଥିଲା। ନିଷ୍ପତ୍ତିର ପୁନର୍ବିଚାର ଲାଗି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ ପ୍ରଧାନମନ୍ତ୍ରୀ ଏବଂ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖିଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୋଧରେ ବିଶ୍ୱ ହିନ୍ଦୁ ପରିଷଦ ଆପତ୍ତି ଉଠାଇବା ସହ ଭାରତର ସମସ୍ତ ତୀର୍ଥକ୍ଷେତ୍ରର ପବିତ୍ରତା ରକ୍ଷା ଲାଗି ସଂକଳ୍ପବଦ୍ଧ ବୋଲି କହିଛି।



ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ସମ୍ମୁଖରେ ରବିବାର ଜୈନ ସମ୍ପ୍ରଦାୟର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

## ଭଡ଼ା ନ ଦେବାରୁ ଟୁଇଟର ନାଁରେ ମକଦ୍ଦମା

**ୱାଶିଂଟନ୍, ୧।୧**

ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ଥିବା ମାଇକ୍ରୋ-ବ୍ଲଗିଂ ଆପ୍ ଟୁଇଟରର ମୁଖ୍ୟ କାର୍ଯ୍ୟାଳୟ କରାଯାଇଥିବା ବିଲ୍ଡିଂର ଭଡ଼ା ନ ଦେବାରୁ ମାଲିକ ଟୁଇଟର ବିରୋଧରେ କୋର୍ଟରେ ମକଦ୍ଦମା କରିଛନ୍ତି। ବ୍ଲୁମ୍‌ବର୍ଗରେ ପ୍ରକାଶିତ ଖବର ଅନୁସାରେ ହାର୍ଟଫୋର୍ଡ ବିଲ୍ଡିଂର ୩୦ତମ ଫ୍ଲୋରକୁ ମସ୍କ ଟୁଇଟର ଲାଗି ଭଡ଼ାରେ ନେଇଛନ୍ତି। ଘର ଭଡ଼ା ଦେବାରେ ମସ୍କ ଅନିୟମିତତା କରୁଥିବାବେଳେ ଗୁରୁବାର ଘର ମାଲିକ କମ୍ପାନୀ ବିରୋଧରେ ସାନ୍ ଫ୍ରାନ୍‌ସିସ୍କୋର ଷ୍ଟେଟ୍ କୋର୍ଟରେ ମକଦ୍ଦମା ଦାଏର କରିଛନ୍ତି। କେବଳ ଟୁଇଟର କାର୍ଯ୍ୟାଳୟ ନୁହେଁ ଏଲନ ମସ୍କ ନିଜର ଅନ୍ୟ ଗ୍ଲୋବାସ୍ ଅଫିସର ଭଡ଼ା ଠିକ୍ ସମୟରେ ପୈଠ କରୁ ନ ଥିବା ଏକାଧିକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଟୁଇଟର ବିରୋଧରେ ମକଦ୍ଦମା ଦାଏର କରାଯିବା ପ୍ରଥମ ନୁହେଁ। ପୂର୍ବରୁ ୨ ଚାର୍ଟର ଫ୍ଲାଇଟ୍ ପାଇଁ ଅର୍ଥ ଦେବାକୁ ମନା କରିବାରୁ କମ୍ପାନୀ ବିରୋଧରେ କୋର୍ଟରେ ଅଭିଯୋଗ ହୋଇଥିଲା। ମସ୍କ ଟୁଇଟର ମାଲିକାନା ହାତେଇବା ପରେ ଏ ପ୍ରକାର ବ୍ୟତିକ୍ରମ ଅଧିକମାତ୍ରାରେ ଦେଖାଯାଉଛି।

## ହରିୟାଣା ମନ୍ତ୍ରୀଙ୍କ ନାଁରେ ଯୌନ ନିର୍ଯାତନା ମାମଲା

**ଚଣ୍ଡିଗଡ଼,୧।୧**

ଜଣେ କୋଚ୍‌ଙ୍କ ଅଭିଯୋଗ ଆଧାରରେ ହରିୟାଣାର କ୍ରୀଡ଼ାମନ୍ତ୍ରୀ ସନ୍ଦୀପ ସିଂଙ୍କ ବିରୋଧରେ ଚଣ୍ଡିଗଡ଼ ପୋଲିସ ରବିବାର ଯୌନ ନିର୍ଯାତନା ମାମଲା ରୁଜୁ କରିଛି। ଫଳରେ ମନ୍ତ୍ରୀ ସିଂ ତାଙ୍କ ନିକଟରେ ଥିବା କ୍ରୀଡ଼ା ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରିଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ମନ୍ତ୍ରୀ ଖଣ୍ଡନ କରିଛନ୍ତି। ତାଙ୍କ ଭାବମୂର୍ତ୍ତିକୁ ନଷ୍ଟ କରିବା ଲାଗି ଏଭଳି ମନଗଢ଼ା




ଓ ଭିତ୍ତିହୀନ ଅଭିଯୋଗ ଅଣାଯାଇଥିବା ସେ କହିବା ସହ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି।

ମହିଳା ଜଣକ ବିରୋଧୀ ଦଳ ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି) କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ମନ୍ତ୍ରୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଗତବର୍ଷ ଫେବୃୟାରୀରୁ ନଭେମ୍ବର ପର୍ଯ୍ୟନ୍ତ ମନ୍ତ୍ରୀ ତାଙ୍କୁ ହଇରାଣ କରିବା ସହ ତାଙ୍କୁ ଧମକ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ମହିଳା ଜଣକ ସୋସିଆଲ ମିଡିଆ ଛାଡ଼ିଲେ ବୋଲି କହିଥିଲେ।

### କ୍ରୀଡ଼ା ବିଭାଗ ଛାଡ଼ିଲେ

## ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୨ ମୃତ

**ନାସିକ,୧।୧**

ମହାରାଷ୍ଟ୍ରର ନାସିକ୍‌ରେ ଥିବା ଏକ କାରଖାନାରେ ରବିବାର ବିସ୍ଫୋରଣ ପରେ ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୧୯ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କାରଖାନା ଭିତରେ ଆଉ ୨ ଜଣ ଫସିରହିଥିବା କୁହାଯାଉଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭାରତୀୟ ବାୟୁସେନା ହେଲିକପ୍ଟରକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଲଗାଯାଇଛି। ବିସ୍ଫୋରଣର



ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ପୂର୍ବାହ୍ନ ୧୧ଟା ୩୦ରେ ଜିନ୍ଦଲ ଗ୍ରୁପ୍‌ର ପଲିଥିନ୍ କାରଖାନା ମଧ୍ୟରେ ଥିବା ରାସାୟନିକ ପ୍ଲାଣ୍ଟ ବଏଲରରେ ପ୍ରଥମେ ନିଆଁ ଲାଗି ବିସ୍ଫୋରଣ ହେବା ପରେ ସମ୍ପୂର୍ଣ୍ଣ କାରଖାନାକୁ ନିଆଁ ବ୍ୟାପିଯାଇଥିଲା।

## ୨୦୨୨ରେ ୩୧ ହଜାର ମହିଳା ବିରୋଧୀ ଅପରାଧ

**ନୂଆଦିଲ୍ଲୀ,୧।୧(ପି.ଟି.)**

୨୦୨୨ରେ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ)କୁ ପାଖାପାଖି ୩୧,୦୦୦ ମହିଳା ବିରୋଧୀ ଅପରାଧ ଅଭିଯୋଗ ମିଳିଛି। ୨୦୧୪ରୁ ଏପର୍ଯ୍ୟନ୍ତ ଏହା ସର୍ବାଧିକ ହିଂସା ଅଭିଯୋଗ। ୨୦୨୧ରେ ମହିଳା ବିରୋଧୀ ହିଂସା ଅଭିଯୋଗ ସଂଖ୍ୟା ୩୦,୮୬୪ ଥିବାବେଳେ ୨୦୨୨ରେ ୩୦,୯୫୭ ଅଭିଯୋଗ ଦାଏର ହୋଇଛି। ଏନ୍‌ସିଡବ୍ଲ୍ୟୁ ତଥ୍ୟ ଅନୁଯାୟୀ ମହିଳାମାନଙ୍କର



ମର୍ଯ୍ୟାଦାର ସହ ବଞ୍ଚିବା ଅଧିକାର କ୍ଷୁଣ୍ଣ ଓ ଭାବାତ୍ମକ ଶୋଷଣ ନେଇ ସର୍ବାଧିକ ୯,୭୧୦ ଅଭିଯୋଗ ରହିଛି। ଏହା ପଛକୁ ରହିଛି ୬,୯୭୦ ଘରୋଇ ହିଂସା ଏବଂ ୪,୬୦୦ ଯୌତୁକ ନିର୍ଯାତନା ଅଭିଯୋଗ। ଅସଦାଚରଣ ନେଇ ୨,୫୨୩ ଅଭିଯୋଗ ଆସିଥିବାବେଳେ ୧,୭୦୧ଟି ବଳାତ୍କାର ଓ ବଳାତ୍କାର ଉଦ୍ୟମ ଅଭିଯୋଗ ରହିଛି। ସେହିପରି ପୋଲିସ ଅବହେଳାକୁ ନେଇ ୧,୬୨୩ ଅଭିଯୋଗ ଥିବାବେଳେ ୯୨୪ଟି ସାଇବର ଅପରାଧ ଅଭିଯୋଗ ରହିଛି।

ମୋଟ ଅଭିଯୋଗ ମଧ୍ୟରୁ ୫୪.୫ ପ୍ରତିଶତ ବା ୧୬,୮୭୨ଟି ଅଭିଯୋଗ କେବଳ ଉତ୍ତରପ୍ରଦେଶରୁ ଆସିଛି। ଦିଲ୍ଲୀରୁ ୩,୦୦୪ଟି ଅଭିଯୋଗ ମିଳିଥିବାବେଳେ ମହାରାଷ୍ଟ୍ରରୁ ୧,୩୮୧, ବିହାରରୁ ୧,୩୬୮ ଏବଂ ହରିୟାଣାରୁ ୧,୩୬୨ ଅଭିଯୋଗ ମିଳିଛି। ୨୦୧୪ରେ ଦେଶରେ ମହିଳା ବିରୋଧୀ ଅପରାଧ ନେଇ ସର୍ବାଧିକ ୩୩,୯୦୬ଟି ଅଭିଯୋଗ ଜାତୀୟ ମହିଳା କମିଶନଙ୍କ ହସ୍ତଗତ ହୋଇଥିଲା।

### ୨୦୧୪ରୁ ଅଦ୍ୟାବଧି ସର୍ବାଧିକ ହିଂସା ଅଭିଯୋଗ: ଏନ୍‌ସିଡବ୍ଲ୍ୟୁ

**ଆଧ୍ୟାତ୍ମିକ ପରିବେଶରେ ନବବର୍ଷ ପାଳନ**

କୃଷ୍ଣପ୍ରସାଦ,(ଡି.ଏନ୍.ଏ.): କୃଷ୍ଣପ୍ରସାଦ ଅଞ୍ଚଳବାସୀ ରବିବାର ଆଧ୍ୟାତ୍ମିକ ପରିବେଶରେ ନବବର୍ଷ ପାଳନ କରିଛନ୍ତି। ଦଳବେହେରା ସାହିସ୍ଥିତ ଗାଦିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ କୃଷ୍ଣଚନ୍ଦ୍ର ଦଣ୍ଡସେଣାଙ୍କ ନେତୃତ୍ୱରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ଜାଗିରିକୁଦା ଗ୍ରାମରେ ପ୍ରତ୍ୟୁଷରୁ ନାମସଂକୀର୍ତ୍ତନ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିଲା। ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମ କମିଟି ସଭାପତି ସଦାନନ୍ଦ ପ୍ରଧାନ, ସମ୍ପାଦକ ମଣ୍ଟୁ ପ୍ରଧାନଙ୍କ ସମେତ ଦହଣାଦେବୀ ଯୁବକ ସଂଘ ପାଠାଗାରର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜଟିଆଣୀଙ୍କଠାରେ ଲାଗି ହେଲା ପୋଡ଼ପିଠା



ଜଟଣୀ,୧।୧(ଡି.ଏନ୍.ଏ.): ଜଟଣୀର ଆରାଧ୍ୟ ଦେବୀ ମା'ଜଟୀଆଣୀଙ୍କ ୪୭ତମ ବାର୍ଷିକ ଶାମ୍ବଦଶମୀ ଉତ୍ସବ ଆରମ୍ଭ ହୋଇଯାଇଛି। ଗତ ଶନିବାର ପ୍ରଥମ ଦିବସ ନବମୀରେ ବାଜା ବାଣ ପରାମ୍ପରିକ ନୃତ୍ୟ ଗୀତ ସହିତ ରୋଷଣୀରେ ମା'ଙ୍କ ଘଟ ସାହି ପରିକ୍ରମା କରିଥିଲା। ରବିବାର ଦଶମୀରେ ମା'ଙ୍କ ଠାରେ ଲାଗି ହୋଇଥିଲା ପୋଡ଼ ପିଠା। ଦେବସ୍ଥଳୀ ପରିଚାଳନା ସମିତି ଜଟଣୀ, ମାନପୁର, ଜଗନ୍ନାଥପୁର (ପାତ୍ରପଡା ) ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ଉତ୍ସବ ପାଳନ କରାଯାଇଛି। ଉତ୍ସବର ଦିତୀୟ ଦିବସ ଶାମ୍ବଦଶମୀ ଏବଂ ଇଂଲିଶ ନୂଆବର୍ଷର ପ୍ରଥମ ଦିବସ ରବିବାର ହୋଇଥିବାରୁ ପ୍ରବଳ ଜନସମାଗମ ଦେଖାଯାଇଥିଲା। ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବ ଶେଷ ଦିବସରେ ସୋମବାର ପ୍ରତି ବର୍ଷ ପରି ମେଣ୍ଢା ଲଢେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ପୂଜାରୁ ଆରମ୍ଭ ଭୋଜିରେ ଶେଷ

**ଖୋର୍ଦ୍ଧା ଅଫିସ,୧।୧**

ନୂଆବର୍ଷର ପ୍ରଥମ ଦିନରେ ରବିବାର ଠାକୁରଙ୍କ ଦର୍ଶନ ସହ ପରିବାର ମଙ୍ଗଳ କାମନା ପାଇଁ ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଖୋର୍ଦ୍ଧାର ପ୍ରମୁଖ ଶୈବପୀଠ ଶ୍ରୀ ଧବଳେଶ୍ୱର, ଶ୍ରୀ ଲୋକେଶ୍ୱର, ସିଦ୍ଧେଶ୍ୱର, ଓମକାରେଶ୍ୱର, ଚନ୍ଦ୍ରଶେଖର, ତାରକେଶ୍ୱର, ଲକ୍ଷ୍ମୀନାରାୟଣ, ରାଧାବଲ୍ଲଭ, ଶ୍ରୀରାମଙ୍କ ମନ୍ଦିର, ଅଗ୍ନିସ୍ଥିତ ଶ୍ରୀଏକାଦଶ ରୁଦ୍ର ହଟ୍ଟକେଶ୍ୱର, ଗୋଡା ଲୋକନାଥ, ହରିପୁରଶାସନର ପଶ୍ଚିମାଶମ୍ଭୁ ପ୍ରତାପେଶ୍ୱର, ମା' ଭଗବତୀ, ଉଗ୍ରତାରା, ରାମଚଣ୍ଡୀ, ମହାପ୍ରଭୁଙ୍କ ଲୀଳା କ୍ଷେତ୍ର କାଙ୍କଣ ଶିଖରୀ ସମେତ ସମସ୍ତ ଶକ୍ତି ଓ ଦେବ ପୀଠରେ ଭକ୍ତଙ୍କ ଭିଡ ଜମିଥିଲା। ମନ୍ଦିରଗୁଡ଼ିକରେ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ବରୁଣେଇ ପୀଠରେ ପ୍ରବଳ ଜନ ସମାଗମ ହୋଇଥିଲା। ଲୋକେ ଏଠାରେ ମା ବରୁଣେଇ ଓ କରୁଣେଇଙ୍କ ଦର୍ଶନ ସହ ପରିବାର, ସାଙ୍ଗସାଥିଙ୍କ ମେଳରେ ବଣଭୋଜିର ମଜା ଉଠାଇଥିଲେ। ବରୁଣେଇରେ ୧୦ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ



ପର୍ଯ୍ୟଟନସ୍ଥଳରେ ଲୋକଙ୍କ ଗହଳି।

**ନୂଆବର୍ଷରେ ମନ୍ଦିର, ପିକ୍‌ନିକ୍ ସ୍ପଟ୍‌ରେ ଲୋକଙ୍କ ଭିଡ଼**

ହୋଇଥିବା ଜଣାପଡିଛି। ଅନ୍ୟପଟେ ଚିଲିକାରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥିଲା। ଜିଲାର ସମସ୍ତ ପିକ୍‌ନିକ୍ ସ୍ପଟରେ ଭୋଜିଭାତର ଆସର ଜମିଥିଲା। ସେହିପରି ମା' ଉଗ୍ରତାରା ଓ ରାମଚଣ୍ଡୀ ପୀଠରେ ମଧ ଭକ୍ତଙ୍କ ସମାଗମ ସହ ବଣଭୋଜି ଆୟୋଜନ ହୋଇଥିଲା। ପରସ୍ପରକୁ ଶୁଭେଚ୍ଛା ଜଣାଇ ସେଲ୍ଫି ନେଇ ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ସେହିପରି ପବିତ୍ର ଶାମ୍ବ ଦଶମୀ ଅବସରରେ ପ୍ରତ୍ୟେକ ପରିବାରରେ ସୂର୍ଯ୍ୟଦେବଙ୍କୁ ଭୋଗରାଗ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ଅନ୍ୟପଟେ ରାଜନେତାଙ୍କ ନିକଟରେ ମଧରେ ସମର୍ଥକଙ୍କ ଭିଡ ରହିଥିଲା। ଏହି ଅବସରରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ବାସଭବନରେ ନେତା, କର୍ମୀଙ୍କ ଶୁଭେଚ୍ଛାର ସୁଅ ଛୁଟିଥିଲା। ଧବଳଶ୍ୱେର ମନ୍ଦିର କମିଟି ସଦସ୍ୟ ଜିତେନ୍ଦ୍ର ସାହୁ କହିଛନ୍ତି, ମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଉଗ୍ରତାରା ପୀଠ ସେବକ ଯୁଧିଷ୍ଠିର ସାମନ୍ତରାୟ କହିଛନ୍ତି, ମାଙ୍କ ଦର୍ଶନ ଲାଗି ଜନ ସମାଗମ ହୋଇଥିଲା। ଭକ୍ତମାନେ ଲମ୍ୱାଧାଡିରେ ଆସି ପୂଜାର୍ଚ୍ଚନା କରିଥିଲେ। ହଟ୍ଟକେଶ୍ୱର ପୀଠ ସେବାୟତ ଦିଲୀପ ପଣ୍ଡା କହିଛନ୍ତି, ନୂତନ ବର୍ଷର ପ୍ରଥମ ଦିନରେ ବାବା ହଟ୍ଟକେଶ୍ୱରଙ୍କ ଦର୍ଶନ ଲାଗି ମନ୍ଦିର ଲୋକାରଣ୍ୟ ହୋଇ ଉଠିଥିଲା। ଏନେଇ ଭୋରରୁ ଦ୍ୱାରଫିଟା, ମଇଲମ, ଅବକାଶ, ତଡପଲାଗି କରାଯାଇ ସକାଳ ୭ଟାରେ ବାଲଭୋଗ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ମଧାହ୍ନରେ ଠାକୁରଙ୍କ ଅନ୍ନ ଭୋଗ ଲାଗି କରାଯାଇ ଅପରାହ୍ନରେ ପହୁଡ ଯାଇଥିଲେ। ଅପରାହ୍ନ ୩ଟା ଠାରେ ଠାକୁରଙ୍କ ପହୁଡ ଖୋଲିବା ପରେ ସିଂହାର କରାଯାଇ ସନ୍ଧ୍ୟା ଆଳତି, ଭୋଗ ଲାଗି ପରେ ରାତ୍ରି ପହୁଡ ଯାଇଥିଲେ। ଭକ୍ତଙ୍କ ସମାଗମକୁ ଲକ୍ଷ୍ୟ କରି ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଲବ, ସାମାଜିକ ଅନୁଷ୍ଠାନ ପକ୍ଷରୁ ବାଣ ଫୁଟାଇ, କେକ କାଟି ନୂତନ ବର୍ଷକୁ ସ୍ୱାଗତ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।

## କାଳିଜାଈ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼




**କୃଷ୍ଣପ୍ରସାଦ,୧।୧(ଡି.ଏନ୍.ଏ.)**

ନବବର୍ଷର ପ୍ରଥମ ଦିବସରେ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଈଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ହରିବୋଲ, ହୁଳହୁଳି ଶବ୍ଦରେ ସେଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭିଡ଼ ନିୟନ୍ତ୍ରଣ ଓ ମା'ଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରସିଦ୍ଧ ମକର ମେଳା ମହୋତ୍ସବ ନିମନ୍ତେ ଏଠାରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଜାନୁୟାରୀ ୧୪ରେ ମା'ଙ୍କ ପୀଠରେ ମକର ମେଳା ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ।

## ଗୀତି କବିତା ଆସର, ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୧।୧**

ଖୋର୍ଦ୍ଧା ଆମରି ସତ୍ୟ ବିକାଶ ପରିଷଦ ଆନୁକୂଲ୍ୟରେ ଇଂଲିଶ ନୂତନ ବର୍ଷକୁ ସ୍ୱାଗତ ଜଣାଇ ଏକ ଗୀତି କବିତା ଆସର, ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ମୁକୁନ୍ଦପ୍ରସାଦସ୍ଥିତ ବିଶ୍ୱାମିତ୍ର ଟ୍ରଷ୍ଟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ଜବାହାର ଲାଲ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। ଗୀତିକବି ରମେଶ ମଙ୍ଗରାଜଙ୍କ ଗୀତି କବିତା ପୁସ୍ତକ 'ଡାଇରୀ ସାଇତା କବିତା' ଉନ୍ମୋଚିତ ହୋଇଥିଲା। ଆୟୋଜିତ ଆଲୋଚନାରେ ଗୀତିକବି ବିପିନ ମହାନ୍ତି ମୁଖ୍ୟଅତିଥି, ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ, ଡ. ଶରତ ଚନ୍ଦ୍ର ମହାପାତ୍ର, ତ୍ରିଲୋଚନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇ ଶବ୍ଦ ସଂଯୋଜନା ଗୀତି କବିତାକୁ ବଳିଷ୍ଠ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଡ. ସୁକାକାନ୍ତୀ ମହାପାତ୍ର, ଆରତୀ ମଞ୍ଜରୀ ଦାଶ, କାଶୀନାଥ ଦାସ, ବାସୁଦେବ ସାହୁ, ବିଭୂପ୍ରସାଦ ହରିଚନ୍ଦନ, ବାସନ୍ତୀ ଦେଈ, ପଦ୍ମଲୋଚନ ସାହୁ, ଦିବ୍ୟଲୋଚନ ଭାରୀମଲ୍ଲ, ଜଗନ୍ନାଥ ନାୟକ, ଆଦି ନାରାୟଣ ଖଣ୍ଟୁଆଳ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଳାସିନୀ ଦାଶ, ସମରଜିତ୍ ପଟ୍ଟନାୟକ କବିତା ଆବୃତ୍ତି କରିଥିଲେ। ଗାଳ୍ପିକ ସୁନିଲ ବୋଷ, କବି ନଟବର ସାହୁ, କିଶୋର ପରମଗୁରୁ, ବିରଞ୍ଚି କୁମାର ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ଜଗଦୀଶ ପଟ୍ଟନାୟକ ଏବଂ କିଶୋର କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆମରି ସତ୍ୟର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ ଓ ରାମଶଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ବସନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ଆରତୀ କଳାମନ୍ଦିର ପକ୍ଷରୁ ଶିଶୁ ମହୋତ୍ସବ

ବାଲୁଗାଁ,୧।୧(ଡି.ଏନ୍.ଏ.): ନାଚୁଣୀ ନିକଟ ମୋରାମୋରି ପଞ୍ଚାୟତ ଅଧୀନ ନୟାକୋଟ ଗ୍ରାମସ୍ଥିତ ଆରତୀ କଳାମନ୍ଦିର ଅନୁଷ୍ଠାନ ପକ୍ଷରୁ ଦଶମ ବାର୍ଷିକ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବସନ୍ତ କୁମାର ମାଲି ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରଦୋଷ କୁମାର ଦାସ, ବକ୍ତା ଭାବେ ପୂର୍ବତନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ରମେଶ କୁମାର ମାର୍ଥି, ଜାନକୀ ବଲ୍ଲଭ ସାମନ୍ତରାୟ, ମନୋରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଶିଶୁ ସୃଜନଶୀଳତାକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବକ୍ତା ତ୍ରିପାଠୀ, ଗାୟକ କୁବେର ପରିଡ଼ା, ସରୋଜ ମାଲ, ଦିବ୍ୟାଙ୍ଗ କଳାକାର ଶୋଭନ ମାଲ, ସୁଶ୍ରୀ ଅର୍ଚ୍ଚନା ମାଲ, ଲିପାଞ୍ଜଳି ପରିଡ଼ା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ସ୍ଥାନୀୟ ବିଭିନ୍ନ ଶିକ୍ଷାନୁଷ୍ଠାନର କୃତୀ ମେଧାବୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆରତୀ କଳାମନ୍ଦିରର ସଭାପତି ମନୋରଞ୍ଜନ ପରିଡ଼ା ଓ ସମ୍ପାଦକ ସନ୍ତୋଷ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବାଲୁଗାଁ: ନାଚୁଣୀ ନିକଟ ନୟାକୋଟ ଗ୍ରାମସ୍ଥିତ ଆରତୀ କଳାମନ୍ଦିର ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଶିଶୁ ମହୋତ୍ସବରେ ଅତିଥିଙ୍କ ଗହଣରେ ପିଲାମାନେ।

## କଳାକାର ଭତ୍ତା ପ୍ରମାଣପତ୍ର ପ୍ରଦାନ

**ଖୋର୍ଦ୍ଧା ଅଫିସ, ୧।୧**

ରାଜ୍ୟ ସରକାର ସାହିତ୍ୟ, କଳା, ସାଂସ୍କୃତିକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବୟସ୍କ କଳାକାରଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା-୨୦୨୧ ମାଧ୍ୟମରେ ବିଭିନ୍ନ ସହାୟତା ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଚଳିତବର୍ଷ ଖୋର୍ଦ୍ଧା ପୌରପରିଷଦ ଅଧୀନ ବିଭିନ୍ନ ୱାର୍ଡର ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ କଳାକାର ଭତ୍ତା ପାଇଁ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଭତ୍ତା ନିମନ୍ତେ ୨୧ଜଣ ଆବେଦନ କରିଥିଲେ। ତେବେ ଆବଶ୍ୟକ ପ୍ରମାଣପତ୍ର ଅଭାବରୁ ୬ଜଣଙ୍କ ଆବେଦନପତ୍ର ଖାରଜ ହୋଇଯାଇଛି। ଅବଶିଷ୍ଟ ୧୫ ଜଣଙ୍କ ମଧ୍ୟରୁ ଚୟନ ପ୍ରକ୍ରିୟାରେ ପୂର୍ଣ୍ଣଚନ୍ଦ୍ର ବରାଳ, ଜଗବନ୍ଧୁ ପୃଷ୍ଟି, ବାଇଧର ସାହୁ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି କୃତକାର୍ଯ୍ୟ ହୋଇଥିଲେ। କାଉନସିଲର ନାଗଭୂଷଣ ଜେନା, ଅନିଲ ରାମ, ଶୁଭଶ୍ରୀ ବେହେରା, ମନସ୍ୱିନୀ ମହାରଣା, ଲୋପାମୁଦ୍ରା ସ୍ୱାଇଁ ଉପସ୍ଥିତ ଥିଲେ।

# ସରିଲା ବରଡ଼ାଳୀ ମହୋତ୍ସବ

**ବୋଲଗଡ଼,୧।୧(ଡି.ଏନ୍.ଏ.)**

ବୋଲଗଡ଼ ଅସରଳା ଗ୍ରାମରେ ଷୋଡଦଶ ବାର୍ଷିକ ବରଡ଼ାଳୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବରଡାଳି ମହୋତ୍ସବ କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଉକ୍ତ ମହୋତ୍ସବ ସ୍ଥାନୀୟ ମା'ବରଡାଳି ମନ୍ଦିର ନିକଟ ପଡିଆରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ଗ୍ରାମାଞ୍ଚଳର କଳାକାରଙ୍କ ଦ୍ୱାରା ଦଣ୍ଡ ନାଚ, ଓଡ଼ିଶୀ, ସଂକୀର୍ତ୍ତନ, ପାଲା, ଦାସକାଠିଆ, ଖଞ୍ଜଣୀ ଭଜନ ପରିବେଷଣ ଦେଖିବାକୁ ମିଳିଥିଲା। ପ୍ରସନ୍ନ ରଥଙ୍କ ପରିଚାଳନାରେ କୁଇଜ କାର୍ଯ୍ୟକ୍ରମ ହୋଇଥିଲା। ଆୟୋଜିତ ସାଧାରଣ ସଭାରେ ମହୋତ୍ସବ କମିଟି ଅଧ୍ୟକ୍ଷ ଭଗବତ ପ୍ରସାଦ ପାଣ୍ଡେଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା ପ୍ରଦୀପ କୁମାର ସାହୁ, ଅତିଥିଭାବେ ଫକୀର ଚରଣ ସ୍ୱାଇଁ, ରାମଚନ୍ଦ୍ର ପାଟ୍ଟଯୋଶୀ, ରଞ୍ଜନ କୁମାର ଖଟେଇ, ଅଶୋକ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମହୋତ୍ସବ କମିଟି ସମ୍ପାଦକ ମାନସ କୁମାର ସାହୁ ସମ୍ପାଦକୀୟ ପାଠ କରିଥିଲେ। ସଫଳ ପ୍ରତିଭାଧାରୀ ସମ୍ମାନିତ କରାଯାଇଥିଲା। ବ୍ରଦିନାଥ ପାଣ୍ଡେ, ସୁବାସ ମହାପାତ୍ର, ରବୀନ୍ଦ୍ରନାଥ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ବାଲୁଗାଁ,୧।୧(ଡି.ଏନ୍.ଏ.): ନାଚୁଣୀ ବଜାର ନିକଟ କଉଡ଼ିଖଣି ଛକଠାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଶଗଡ଼ିଆ ସାହିର କୁମାର ସାହୁ। ସୂଚନା ଅନୁଯାୟୀ, ଶନିବାର ସକାଳେ କୁମାର ଗାଡ଼ି ନମ୍ବର ପ୍ଲେଟ୍ ବଦଳାଇବା ପାଇଁ ଭୁବନେଶ୍ୱର ଯାଇଥିବା ବେଳେ ରାତିରେ ବାଇକ୍‌ରେ ଘରକୁ ଫେରୁଥିଲେ। କଉଡ଼ିଖଣି ଛକଠାରେ ବାଇକ୍‌ଟି ରାସ୍ତାପାର୍ଶ୍ୱ ଡିଭାଇଡରରେ ଧକ୍କା ହୋଇଥିଲା। ଫଳରେ କୁମାର ଗୁରୁତର ଆହତ ହୋଇଥିଲେ। ଗଙ୍ଗାଧରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ରାମଚଣ୍ଡୀ କ୍ଲବ ଠଣାପଲ୍ଲୀ ଚାମ୍ପିୟନ

**ବୋଲଗଡ଼,୧।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ରପୁରର ମା' କଙ୍କାଳୀ କ୍ଲବକୁ ହରାଇ ଠଣାପଲ୍ଲୀର ମା' ରାମଚଣ୍ଡୀ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ରାମଚଣ୍ଡୀ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ବିନିମୟରେ ୨୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ କଙ୍କାଳୀ କ୍ଲବ ୮୫ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଭଗବାନ ମଙ୍ଗରାଜ ଓ ବାବୁଲି ଜଗଦ୍ଦେବ ମ୍ୟାଚ୍ ପରିଚାଳନା କରିଥିଲେ। ଶାନ୍ତନୁ ଛୋଟରାୟ ଓ ଶିଶିର ବସ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ନିରଞ୍ଜନ ନାୟକଙ୍କ ପୌରୋହିତ୍ୟରେ ଅତିଥିଭାବେ ବିଜେଡି ନେତା ଭବାନୀ ଜଗଦ୍ଦେବ, ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ବିଜୟ ପ୍ରଧାନ, ପ୍ରମୋଦ ସ୍ୱାଇଁ, ମନୋରଞ୍ଜନ ମିଶ୍ର, ପ୍ରଦୀପ ପ୍ରଧାନ, ଶରତ ବାରିକ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଓ ରନର୍ସଅପ ଟିମ୍‌କୁ କପ୍ ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଶୃଙ୍ଖଳିତ ଦଳ, ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ବୋଲର, ମ୍ୟାନ୍ ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

## କାଙ୍କଣ ଶିଖରୀରେ ଚିତ୍ରକଳା ପ୍ରଦର୍ଶନୀ

**ବାଲୁଗାଁ,୧।୧(ଡି.ଏନ୍.ଏ.)**

ଚିଲିକା ବ୍ଲକ ଅଧୀନ ନଈରୀ ଗ୍ରାମ ନିକଟ ଚିଲିକା ହ୍ରଦ ଜଳ ପରିବେଷ୍ଟିତ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ କ୍ଷେତ୍ର କାଙ୍କଣ ଶିଖରୀରେ ଅନୁଷ୍ଠିତ 'ଗୁପ୍ତବ୍ରହ୍ମ' ଶୀର୍ଷକ ଏକ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପୀତବାସ ରାଉତରାୟଙ୍କ ପ୍ରେରଣାରେ ଭୁବନେଶ୍ୱରସ୍ଥିତ 'ଶକୁନ୍ତଳା ଆର୍ଟ ପ୍ୟାଲେସ ଗ୍ୟାଲେରୀ' ଆନୁକୂଲ୍ୟରେ ଆୟୋଜିତ ଏହି ଚିତ୍ରକଳା ଶିବିରରେ ସର୍ବଭାରତୀୟସ୍ତରରେ ୧୫ରୁ ଉର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ, ଶିବପ୍ରସାଦ ସାହୁ, ଡ. ସିତାଦ୍ରି ରଥ, ନମିତା ସାହୁ, ରାଜ କିଶୋର ମହାରଣା. ନିବେଦିତା ପଟ୍ଟନାୟକ, ମମତା ସାମନ୍ତରାୟ, ପ୍ରଦୀପ ପାଣ୍ଡେ, ଅଲିଭା ମିଶ୍ର, ରାଜେଶ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନିମ୍ବ କାଠର ଚକା ଖଣ୍ଡ ଚଟାଣ ଉପରେ ଗୁପ୍ତବ୍ରହ୍ମ ଶୀର୍ଷକ ରଙ୍ଗ ଓ ତୁଳୀ ଦ୍ୱାରା ବିଭିନ୍ନ ଚିତ୍ର ଅଙ୍କନ କରି ଏହାକୁ ଠାକୁରଙ୍କୁ ସମର୍ପଣ କରାଯାଇ ଶେଷରେ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ କରାଯାଇଥିଲା। ଏହି ଶିବିରରେ ଆର୍ଟ କଲେଜର ପୂର୍ବତନ ଅଧ୍ୟକ୍ଷ ବଳଦେବ ମହାରଣା ଦିଗଦର୍ଶନ ଦେଇଥିବା ବେଳେ ଚିତ୍ରଶିଳ୍ପୀ ପ୍ରଦୋଷ ସ୍ୱାଇଁ ସଂଯୋଜନା କରିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ର ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପୀଠର ଆବାହକ ଡ. ଶୁଶାନ୍ତ ସାହୁ, ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପୀଠର ଉପଦେଷ୍ଟା ହରବନ୍ଧୁ ପଟ୍ଟନାୟକ, ସମ୍ପାଦକ ପ୍ରଦୋଷ ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଇଲେଭେନ୍ ଷ୍ଟାର ଦହିଖିଆ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

**ନିରାକାରପୁର,୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତ ଅନ୍ତର୍ଗତ ଭଗବତୀ ହାଇସ୍କୁଲ ପଡ଼ିଆରେ ଗୋଳବାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଇଲେଭେନ୍ ଷ୍ଟାର ଦହିଖିଆ। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭବାନୀ ଇଲେଭେନ୍ ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଇଲେଭେନ୍ ଷ୍ଟାର ଦହିଖିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୩୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଭବାନୀ ଇଲେଭେନ୍ ୧୫ ଓଭରରେ ୯ ଉଇକେଟ ହରାଇ ୧୩୧ ରନ୍ କରି ପରାଜିତ ହୋଇଥିଲା। କାହ୍ନୁଚରଣ ପରିଡ଼ା ଓ ଶଶିକାନ୍ତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ସନ୍ତୋଷ କୁମାର ଶ୍ରୀଚନ୍ଦନ, ଗୌରୀ ପ୍ରସାଦ ଦାସ, ମାନସ କଳସ, ଦୀନବନ୍ଧୁ ମାର୍ଥା, ବୀରେନ ମହାପାତ୍ର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ନ୍ୟାୟ ପାଇଁ ଶାଶୁଘର ଆଗରେ ଧାରଣା

**ଖୋର୍ଦ୍ଧା ଅଫିସ,୧।୧**

- ଶୀତ କାକରରେ ପଡ଼ିଛନ୍ତି, ଆତ୍ମହତ୍ୟା ଚେତାବନୀ
- ସ୍ୱାମୀଙ୍କ ଖବର ମିଳୁନି, ଘରେ ତାଲା ପକାଇ ଶାଶୁଘର ଲୋକେ ଚମ୍ପଟ

ଭଲ ପାଇ ଜୀବନ ସାଥି ବାଛିଥିଲେ। ସମ୍ପର୍କରୁ ପରସ୍ପର ମଧ୍ୟରେ ନିବିଡ଼ତା ବଢିଥିଲା। ଶେଷରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଭାବିଥିଲେ ହସଖୁସିରେ ଜୀବନ କାଟିବେ। ତେବେ ସବୁ ପାଣି ଫୋଟକା ପରି ମିଳେଇ ଯାଇଥିଲା। ତାଙ୍କ ସୁନା ସଂସାରରେ ଭାଙ୍ଗିଯାଇଥିଲା। ଯାହାକୁ ମନ ଦେବତା ଭାବି ହାତ ଧରିଥିଲେ, ଶେଷରେ ସେ ହାତ ଛାଡି ଚାଲିଗଲେ। ଶେଷରେ ସ୍ୱାମୀକୁ ଖୋଜି ନ ପାଇ ନ୍ୟାୟ ପାଇ ଏବେ ଶ୍ୱଶୁର ଘର ସମ୍ମୁଖରେ ଧାରଣାରେ ବସିଛନ୍ତି ମହିଳା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳରେ। ଗତ ଏକ ମାସ ହେବ ଶୀତ କାକରରେ ଶାଶୁ ଘର ଆଗରେ ଖଣ୍ଡେ ଜରିପାଲ ଟାଣି ବସିଛନ୍ତି। କେବେ



ପିଙ୍କି ଧାରଣାରେ ବସିଛନ୍ତି।

ପରିବାର ଲୋକେ ତାଙ୍କୁ କୋଳେଇ ନେବେ, ପୁଣି ପୁରୁଣା ସଂସାର ଯୋଡି ହୋଇଯିବ ତାହାକୁ ଅପେକ୍ଷା କରିଛନ୍ତି।

ସୂଚନା ଅନୁଯାୟୀ, ବାଘମାରୀ ଗାଁର ଅଶୋକ ଦାଶ ଅନୁଗୋଳ ଜିଲାର ପିଙ୍କିଙ୍କୁ ୭ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ଭୁବନେଶ୍ୱରରେ ଘରଭଡ଼ା ନେଇ ରହୁଥିଲେ। ହସଖୁସିରେ ସଂସାର ଚାଲିଥିଲା। ହଠାତ୍ ତାଙ୍କ ଜୀବନରେ ଝଡ଼ ମାଡ଼ି ଆସିଲା। ଅଶୋକ ପିଙ୍କିଙ୍କୁ କିଛି ନ ଜଣାଇ କେଉଁ ଆଡେ ଚାଲିଗଲେ। ସ୍ୱାମୀଙ୍କ ବାଟକୁ ଚାହିଁ ପିଙ୍କି ଚାରିଆଡୁ ଖୋଜାଖୋଜି କରି ନିରାଶ ହେବା ପରେ ଖାରବେଳନଗର ଥାନାରେ ଏତଲା ଦେଇଥିଲେ। ଶେଷରେ ଅଶୋକଙ୍କୁ ନ ପାଇ ବାଘମାରୀରେ ପହଞ୍ଚିଥିଲେ। ଶ୍ୱଶୁର ଘର ଲୋକଙ୍କ ସହ ଯୋଗାଯୋଗ କରି ନିରାଶ ହୋଇ ସ୍ତ୍ରୀର ହକ୍ ପାଇବା ପାଇଁ ଗତ ମାସ ୨୬ତାରିଖରୁ ଘର ଆଗରେ ଧାରଣାରେ ବସିଛନ୍ତି। ସେପଟେ ଶାଶୁଘର ଲୋକେ ଘର ତାଲା ପକାଇ କେଉଁ ଆଡେ ଚାଲିଯାଇଛନ୍ତି। ଏନେଇ ଶାଶୁଘର ଲୋକଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ପିଙ୍କିଙ୍କ ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ ରହିଛନ୍ତି। ପିଙ୍କି କହିଛନ୍ତି, ଗତ ଏକ ମାସ ହେଲା ମୁଁ ଧାରଣାରେ ବସିଛି। ଏଠାକୁ ଆସିବା ପରେ ଅଶୋକଙ୍କ ସହ ଦେଖା ହେବା ଲାଗି ପରିବାର ଲୋକଙ୍କୁ ଅନୁରୋଧ କରିଥିଲି। ତେବେ କେହି ମୋତେ ସହଯୋଗ କରି ନ ଥିଲେ। ମୋ ସ୍ୱାମୀଙ୍କ ଦେଖା ହେଲେ ମୁଁ ତାଙ୍କ ସହ କଥା ହେବି, ସେ ଯାହା କହିବେ। ଯାହାଙ୍କୁ ନେଇ ଘର ସଂସାର କରିଥିଲି, ସେତ ମୋ ହାତ ଛାଡ଼ି କେଉଁ ଆଡେ ଚାଲିଗଲେ। ଭାଗ୍ୟକୁ ଆଦରି ଖୋଲା ଆକାଶ ତଳେ ପଡି ରହିଛି। ନ୍ୟାୟ ନ ମିଳିଲେ, ବାଧ ହୋଇ ଘରଭାଙ୍ଗି ଭିତରେ ପଶିବି, ନ ହେଲେ ଆତ୍ମହତ୍ୟା କରିବି ବୋଲି ପିଙ୍କି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

**ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସ**

ଚୌଦ୍ୱାର,(ଡି.ଏନ୍.ଏ.): ବିବେକାନନ୍ଦ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ସିଦ୍ଧେଶ୍ୱର ନାୟକ ଯୋଗଦେଇ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାକେନ୍ଦ୍ର ଅଧକ୍ଷ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଡ. ଝରଣା ସାହୁ, ଦୀପ୍ତିମୟୀ ବେହେରା, ଦୀପ୍ତିରଞ୍ଜନ ସାହୁ, ଭବାନୀ ଶଙ୍କର ମୁର୍ମୁ, ସ୍ମରଣିକା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ରାଜେଶ କୁମାର ଓଝା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜ୍ୱରରେ ପଡ଼ିଲେ ଶୋଭନେଶ୍ୱର

ନିଆଳି,୧୧(ଡି.ଏନ୍.ଏ.): ନିଆଳି ଅଞ୍ଚଳର ଶୋଭନେଶ୍ୱର ମହାଦେବ ରବିବାରଠାରୁ ଜ୍ୱରରେ ପଡ଼ିଛନ୍ତି। ପ୍ରାଚୀନ ପରମ୍ପରା ଅନୁଯାୟୀ, ଶୋଭନେଶ୍ୱରଙ୍କୁ ୧୫ ଦିନ ପର୍ଯ୍ୟନ୍ତ ଜ୍ୱର ଲାଗିରୁହେ। ଏହି ସମୟରେ ଠାକୁରଙ୍କୁ ଚାଦର ଘୋଡ଼ାଯାଇଥାଏ। ଠାକୁରଙ୍କ ନିକଟରେ ବାଜା, ଘଣ୍ଟ ଆଦି ବାଜିବା ନିଷେଧ ହୋଇଥିବାବେଳେ ଜଳଲାଗି ମଧ କରାଯାଇ ନ ଥାଏ। ଠାକୁରଙ୍କ ଏହି ଜ୍ୱର ଭଲ ହେବା ପାଇଁ ହରିଡ଼ା, ବାହାଡ଼ା, ଅଁଳା, ଚନ୍ଦନ, ମହୁ ଓ ଗୁଡ଼ ଭଳି ବହୁ ପଦାର୍ଥରେ ମଲମ ପ୍ରସ୍ତୁତ ହୋଇଥାଏ। ପ୍ରତିଦିନ ଏହାକୁ ଠାକୁରଙ୍କୁ ଲଗାଯାଇଥାଏ। ଆସନ୍ତା ମକର ସଂକ୍ରାନ୍ତିରେ ଠାକୁରଙ୍କ ଜ୍ୱର ଭଲ ହେବା ସହ ଜଳଲାଗି କରାଯିବ ବୋଲି ସେବାୟତ ଦର୍ଶନ ମହାପାତ୍ର, ଉପେନ୍ଦ୍ର ମହାପାତ୍ର ଓ ବଇଁଶୀ ମହାପାତ୍ର କହିଛନ୍ତି।

### ଖବରକାଗଜ ବିକ୍ରେତା ସଂଘ ଗଠିତ

କଣ୍ଟାପଡ଼ା,୧୧(ଡି.ଏନ୍.ଏ.): କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ଖବରକାଗଜ ବିକ୍ରି କରୁଥିବା ଏଜେଣ୍ଟମାନଙ୍କୁ ନେଇ ଖବରକାଗଜ ବିକ୍ରେତା ସଂଘ ଗଠନ ହୋଇଯାଇଛି। ଅଡ଼ଶପୁରସ୍ଥିତ ଜୟଦେବ ସାଧନା ପୀଠରେ ଶନିବାର ଅନୁଷ୍ଠିତ ବୈଠକରେ ଖବରକାଗଜ ବିତରକ ଗଗନ ବିହାରୀ ସାହୁଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା। ସେହିପରି ରାଜକିଶୋର ସାହୁ ଉପସଭାପତି, କାଳନ୍ଦୀ ଜେନା ସମ୍ପାଦକ, ସୋମନାଥ ବିଶ୍ୱାଳଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି। ଏହି ବୈଠକରେ ପ୍ରଶାନ୍ତ କୁମାର ରାଉତରାୟ, ମାଧବାନନ୍ଦ ପଟ୍ଟନାୟକ, କାଳନ୍ଦୀ ରାଉତ, ନୃସିଂହ ଚରଣ ଜେନା, ଅଟଳ ବିହାରୀ ଦାସ, ବିଶ୍ୱନାଥ ରଣା, ବିଜୟ କୁମାର ସାହୁ ପ୍ରମୁଖ ବିକ୍ରେତା ଯୋଗଦେଇଥିଲେ।

## ପରଲୋକରେ...

### ଭକ୍ତକବିଙ୍କ ନାତୁଣୀବୋହୂ

କଟକ ଅଫିସ,୧୧: ଭକ୍ତକବି ମଧୁସୂଦନ ରାଓଙ୍କ ନାତୁଣୀବୋହୂ ତଥା ଡାକ୍ତର



ପାର୍ଥ ରାଓଙ୍କ ସ୍ତ୍ରୀ ପୁଷ୍ପଲତା ରାଓ(୯୦)ଙ୍କର ରବିବାର ପୂର୍ବାହ୍ନରେ କଟକ କାଳୀଗଳିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ କନ୍ୟା ସୁସ୍ମିତା ରଥ, ଜାମାତା ଡା. ଜୟନ୍ତ ରଥ, ଦିଅର ପ୍ରଫେସର ସୁନ୍ଦର ରାଓ, ଯାଆ କସ୍ତୁରୀ ରାଓଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। କଟକ ସତୀଚୌରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନାତି ସଞ୍ଜୟ ରଥ ଓ ନାତୁଣୀ ଅଳକା ରଥ ମୁଖାଗ୍ନି ଦେଇଥିଲେ। ପୁଷ୍ପଲତା ଜଣେ ପରୋପକାରୀ, ସ୍ନେହୀ ଓ ଧର୍ମପରାୟଣା ମହିଳା ଥିଲେ। ଦୁଃଖୀ ଓ ଗରିବ ଲୋକମାନଙ୍କୁ ସେ ସର୍ବଦା ସାହାଯ୍ୟ କରିଆସୁଥିଲେ। ତାଙ୍କ ବିୟୋଗରେ କଟକ ମହାନଗର ନିଗମ ମେୟର ସୁବାସ ସିଂ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଓ ପ୍ରଫେସର ଖାରବେଳ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବ୍ରହ୍ମବିଦ୍ୟା ସମିତି ଅଧକ୍ଷା

କଟକ ଅଫିସ,୧୧: କଟକ କାଳୀଗଳିସ୍ଥିତ ବ୍ରହ୍ମବିଦ୍ୟା ସମିତିର ଅଧକ୍ଷା ଅମିୟବାଳା ମହାପାତ୍ର(୯୧)ଙ୍କର ରବିବାର ସକାଳେ



ମର୍କତନଗରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ମଣିପୁର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର, ସାନପୁଅ ଅନୁପ ମହାପାତ୍ରଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ମରଶରୀରକୁ ଡଗରପଡାସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଅମିୟବାଳାଙ୍କ ଦିବଂଗତ ସ୍ୱାମୀ ଲୋକନାଥ ମହାପାତ୍ର ଜିଲା ଜଜ୍ ତଥା ଆଇନ ବିଭାଗ ସଚିବ ଭାବେ କାର୍ଯ୍ୟ କରିଥିଲେ। ସେ ମଧ ବ୍ରହ୍ମବିଦ୍ୟା ସମିତିର କର୍ମକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ।

# ଚୋରି ପାଇଁ 'ମୋ ବସ୍'କୁ ଟାର୍ଗେଟ

କଟକ ଅଫିସ, ୧୧



■ଭୁବନେଶ୍ୱରରୁ ବାରଙ୍ଗ-ବେଲ୍‌ଭ୍ୟୁ ଦେଇ ଜଗତପୁର ଯାଉଥିଲା

■୧୮ ନଂ. ମୋ ବସ୍‌ରୁ ୫ ମୋବାଇଲ ଚୋରି

ଚୋରି ପାଇଁ ଦୁର୍ବୃତ୍ତମାନେ କଟକ-ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ମୋ ବସ୍‌କୁ ଟାର୍ଗେଟ୍ କରୁଛନ୍ତି। ପ୍ରଥମେ ସେମାନେ ବସ୍ ଭିତରେ ଲୋକମାନଙ୍କୁ ଘେରି ଜାମ୍ ପରିସ୍ଥିତି ସୃଷ୍ଟି କରନ୍ତି। ପରେ ସହଜରେ ମୋବାଇଲ କିମ୍ବା ଟଙ୍କା ଚୋରି କରି ଖସି ପଳାଇ ଯାଆନ୍ତି। ରବିବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରୁ ବାରଙ୍ଗ-ତ୍ରିଶୂଳିଆ-ହାଇକୋର୍ଟ ଛକ ଦେଇ ଜଗତପୁର ଯାଉଥିବା ୧୮ ନମ୍ବର ମୋ ବସ୍‌ରୁ ଦୁର୍ବୃତ୍ତମାନେ ୫ଟି ମୋବାଇଲ ଫୋନ୍ ଚୋରିକରି ନେଇଛନ୍ତି। ଏ ନେଇ ଲାଲବାଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ହେଲେ ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ସିସି କ୍ୟାମେରା ଭଳି ଅତ୍ୟାଧୁନିକ ବ୍ୟବସ୍ଥା ଥିବାସତ୍ତ୍ୱେ ଦୁର୍ବୃତ୍ତମାନେ ମୋ ବସ୍‌ରୁ ଚୋରି କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଯାତ୍ରୀମାନେ ଭୟଭୀତ ହୋଇପଡିଛନ୍ତି।

ରବିବାର ନୂଆବର୍ଷରେ ବୁଲାବୁଲି କରିବା ପାଇଁ ବହୁ ଲୋକ ବାରଙ୍ଗସ୍ଥିତ ନନ୍ଦନକାନନର ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲିବାକୁ ଯାଇଥିଲେ। ଏହାବାଦ କଟକ ଓ ଭୁବନେଶ୍ୱର ମଧ୍ୟରେ ଥିବା ପର୍ଯ୍ୟଟନ ସ୍ଥଳୀ ଓ ମନ୍ଦିରକୁ ମଧ ଲୋକେ ଯାଇଥିଲେ। ଏଥିଯୋଗୁ ସହର ମଧ୍ୟରେ ଚଳାଚଳ କରୁଥିବା ମୋ ବସ୍‌ରେ ଯାତ୍ରୀଙ୍କ ବେଶ୍ ଭିଡ଼ ରହିଥିଲା। ଭୁବନେଶ୍ୱରରୁ ୧୮ ନମ୍ବର ମୋ ବସ୍‌ଟି ସବୁଦିନ ଭଳି ରବିବାର ନିର୍ଦ୍ଧାରିତ ରୁଟ୍‌ରେ ଆସିବାବେଳେ ନନ୍ଦନକାନନ ନିକଟରୁ ବହୁ ଲୋକ ସେଥିରେ ଚଢ଼ିଥିଲେ। ବସ୍‌ଟି ତ୍ରିଶୂଳିଆ ଅତିକ୍ରମ କରି ନେତାଜୀ ସେତୁରେ କଟକ ଅଭିମୁଖେ ଆସୁଥିବାବେଳେ କେହି ଜଣେ ତାଙ୍କ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ନେଇ ବଡ଼ପାଟିରେ କହିଥିଲେ। ଏଭଳି କଥାରେ ଯାତ୍ରୀମାନେ ସଚେତନ ହୋଇ ନିଜ ନିଜ ମୋବାଇଲ୍ ଫୋନ୍ ଅଛି କି ନାହିଁ ପରଖି ନେଲେ। ଜଣକ ପରେ ଜଣେ ୫ ଜଣ ସେମାନଙ୍କ ମୋବାଇଲ ଫୋନ୍ ନଥିବା ଅଭିଯୋଗ ଉଠାଇଲେ। ଏହି ସମୟ ମଧ୍ୟରେ ବସ୍ ନେତାଜୀ ସେତୁ ଅତିକ୍ରମ କରି ବେଲ୍‌ଭ୍ୟୁ ଛକ ନିକଟରେ ପହଞ୍ଚି ସାରିଥିଲା। ସେତେବେଳକୁ ଅପରାହ୍ନ ପ୍ରାୟ ୨ଟା ହେବ। ଯାତ୍ରୀମାନେ ଓହ୍ଲାଇବାବେଳେ ଜଣକ ପରେ ଜଣଙ୍କୁ ବାହାରକୁ ଛାଡ଼ି ଯାଞ୍ଚ କରାଯାଇଥିଲା। ଏନେଇ ଲାଲବାଗ ଥାନାକୁ ଖବର ଦିଆଯାଇଥିଲା। ତୁରନ୍ତ ପୋଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ପଚରାଉଚରା କରିବା ସହ ପ୍ରାଥମିକ ତଦନ୍ତ କରିଥିଲା। ହେଲେ ଚୋରି ମୋବାଇଲର ସନ୍ଧାନ ମିଳିପାରିନଥିଲା। ମୋବାଇଲ ହଜିଥିବା ୫ ଜଣ ଲୋକ ଲାଲବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାଧିକାରୀ ରବିନାରାୟଣ ଭଞ୍ଜ କହିଛନ୍ତି, ମୋବାଇଲ୍ ଚୋରି ସମ୍ପର୍କରେ ୫ଟି ମିସିଂ ରିପୋର୍ଟ ହସ୍ତଗତ ହୋଇଛି। ଘଟଣାର ଅନୁସନ୍ଧାନ ଜାରି ରହିଛି। ଉକ୍ତ ମୋ ବସ୍‌ର ସିସି କ୍ୟାମେରା ସୋମବାର ଯାଞ୍ଚ କରାଯିବ।

ଗତ ନଭେମ୍ବରରେ ମୋ ବସ୍‌ରୁ ମୋବାଇଲ ଚୋରି ହୋଇଥିଲା। ଏନେଇ ମର୍କତନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୧୧/୨୨) ରୁଜୁ କରିଥିଲା। ବସ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସାକ୍ଷୀମାନଙ୍କୁ ପଚରାଉଚୁରା କରିଥିଲା। ସାକ୍ଷୀଙ୍କ ବୟାନ, ପାରିପାର୍ଶ୍ୱିକ ସ୍ଥିତି ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଡିସେମ୍ବର ୨୦ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ମୋ ବସ୍‌ରେ ଚୋରି କରିବା ପାଇଁ ଦୁର୍ବୃତ୍ତମାନେ ଗ୍ୟାଙ୍ଗ ଗଠନ କରିଛନ୍ତି। ଗ୍ୟାଙ୍ଗର ଜଣେ ବା ଦୁଇ ଜଣ ସଦସ୍ୟ ବ୍ୟାଙ୍କ ନିକଟରେ ରହି ଟଙ୍କା ଉଠାଉଥିବା ଲୋକଙ୍କ ଉପରେ ନଜର ରଖନ୍ତି। ସେଭଳି ଲୋକ ମୋ ବସ୍‌ରେ ଯିବାର ସୂଚନା ମିଳିଲେ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ସୂଚନା ଦିଆଯାଏ। ସେମାନେ ଟଙ୍କା ନେଇ ଯାଉଥିବା ଲୋକଙ୍କ ସହ ବସ୍‌ରେ ଉଠନ୍ତି। ବସ୍ ଭିତରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଚାରିପାଖରେ ଘେରି ଯାତ୍ରୀଜାମ୍‌ର ପରିସ୍ଥିତି ସୃଷ୍ଟି କରନ୍ତି। ପରେ ଟଙ୍କା ଲୁଟ୍ କରି ଖସି ଯାଆନ୍ତି। ଏଭଳି ଲୁଟ୍ କରୁଥିବା ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯାତ୍ରୀମାନେ ଦାବି କରିଛନ୍ତି।



ରବିବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନବବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

## ପାରିବାରିକ ବିବାଦରୁ ବୋମାମାଡ଼, ଗୁଳିଚାଳନା

ତିଗିରିଆ,୧୧(ଡି. ଏନ. ଏ )

**ଉଭୟ ପକ୍ଷରୁ ଥାନାରେ ମାମଲା**

ତିଗିରିଆ ଥାନା ଅନ୍ତର୍ଗତ ପଙ୍କାଳ ଗ୍ରାମରେ ପାରିବାରିକ ବିବାଦକୁ କେନ୍ଦ୍ର କରି ୨ ପରିବାରରେ ଗଣ୍ଡଗୋଳ ହୋଇଛି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ବୋମା ମାଡ଼ରେ କାର ଭାଙ୍ଗିଥିବା ଓ ଗୁଳିଚାଳନା ହୋଇଥିବା ଦର୍ଶାଯାଇଛି। ଅଭିଯୋଗ ଅନୁଯାୟୀ, ପଙ୍କାଳ ଗ୍ରାମର ବସିର ଅହମ୍ମଦ ଓ ନାଶର ଅହମ୍ମଦ ଦୁଇ ଭାଇ। ସେମାନଙ୍କର କଳାମୁଗୁନି ପଥର ଖଣି ଓ କ୍ରଶର ରହିଛି। ଏନେଇ ଉଭୟ ପରିବାର ମଧ୍ୟରେ ବିବାଦ ଲାଗି ରହିଛି। ଶନିବାର ପଙ୍କାଳ ଗ୍ରାମର ଜଣେ ଯୁବକ ନାଶର ଅହମ୍ମଦଙ୍କ କ୍ରଶର ପାଖରେ ବୁଲୁଥିଲେ। ଏହାଦେଖି ପୁଅ ଆଫ୍ରିଦି ଅହମ୍ମଦ ତାଙ୍କୁ ଗାଳିଗୁଲଜ କରିଥିଲେ। ସମ୍ପୃକ୍ତ ଯୁବକଙ୍କୁ ସନ୍ଧ୍ୟାବେଳେ ପଙ୍କାଳ ଛକରେ ଆଫ୍ରିଦି ମାଡ଼ ମାରିଥିଲେ। ପରେ ରାତି ପ୍ରାୟ ୧୧ଟା ୩୦ରେ ବସିର ଅହମ୍ମଦଙ୍କ ପୁଅ ସବୀର ଅହମ୍ମଦ ସମ୍ପୃକ୍ତ ଯୁବକକୁ ଧରି ନାଶର ଅହମ୍ମଦ ଘରେ ପହଞ୍ଚି ଗାଳିଗୁଲଜ କରିଥିଲେ। ଏହି ସମୟରେ ଆଫ୍ରିଦି ତାଙ୍କ କାର୍‌କୁ ବୋମା ମାଡ଼ କରିଥିବା ନେଇ ସବୀର ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ମାମଲା(ନଂ.୧/୨୩)ରୁଜୁ ହୋଇଛି। ଅପରପକ୍ଷେ ଆଫ୍ରିଦି ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଫାଙ୍କା ଗୁଳିଚାଳନା କରାଯାଇଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୨/୨୩) ରୁଜୁ ହୋଇଛି। ତିଗିରିଆ ଏଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନ ଏହି ମାମଲାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ।

## ବିଜେଡି, ଭାଜପାକୁ ଟାର୍ଗେଟ କଲେ ପ୍ରଦୀପ୍ତ



ବନ୍ଧୁମିଳନ ଉତ୍ସବରେ ପୂର୍ବତନ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ଓ ଅନ୍ୟ କଂଗ୍ରେସ କର୍ମୀମାନେ।

ନିଶ୍ଚିନ୍ତକୋଇଲି,୧୧(ସ୍ୱ.ପ୍ର.)

ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ବନ୍ଧୁମିଳନ ଆଳରେ ଭାଜପା ଓ ବିଜେଡିକୁ ଟାର୍ଗେଟ କରି କଟୁ ସମାଲୋଚନା କରିଛନ୍ତି ପୂର୍ବତନ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ। ଏଥିସହ କଂଗ୍ରେସ ଦଳକୁ ତୃଣମୂଳସ୍ତରରୁ ମଜଭୁତ୍ କରିବା ଉପରେ ସେ ଗୁରୁତାରୋପ କରି ଶତାଧିକ କର୍ମୀଙ୍କୁ ଶପଥପାଠ କରାଇଛନ୍ତି। ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ପଞ୍ଚାୟତର ଦାମୋଦରପୁରଠାରେ ଏହି ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଶିଷ୍ଟ କଂଗ୍ରେସ ନେତା ପ୍ରଦୀପ୍ତ ଯୋଗଦେଇଥିଲେ। ଏହି ଉତ୍ସବରେ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରଦୀପ୍ତ କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଥିବା ବେଳେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ସଭାରେ କଂଗ୍ରେସ ନେତା ଗୁଲାମ ଜିଲାନି ଖାଁ, ସେକ୍ ସିରାଜ ଉଦ୍ଦିନ, ସେକ ସଦାମ, ଦିଲୀପ କୁମାର ରାଉତ, ସଞ୍ଜୟ କୁମାର ବେହେରା, ଅମିୟ କୁମାର ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ନାୟକ,ମିଲନ ମଲିକ, ୟାକୁବ ଖାଁ ଓ ପ୍ରତାପ ନାୟକ ପ୍ରମୁଖ ବହୁ କଂଗ୍ରେସ ନେତା ଯୋଗ ଦେଇଥିଲେ। ଶେଷରେ ଡମ୍ବରୁଧର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପ୍ରଦୀପ୍ତଙ୍କୁ ନିକଟରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରାଯାଇଥିଲା। ପରେ ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ଆଧାର କରି ପିସିସି ପରିବର୍ତ୍ତନ ପରେ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଥିଲା।

## 'ସମାଜ କଲ୍ୟାଣ ପାଇଁ ବିଦ୍ୟାର୍ଥୀ କାର୍ଯ୍ୟ କରନ୍ତୁ'

**ରାମକୃଷ୍ଣ କୁଟୀରରେ କଳ୍ପତରୁ ଉତ୍ସବ**

କଟକ ଅଫିସ,୧୧

ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ କଳ୍ପତରୁ ଉତ୍ସବ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହରିଦ୍ୱାରସ୍ଥିତ ରାମକୃଷ୍ଣ ମିଶନର ସ୍ୱାମୀ ସୁଦର୍ଶନାନନ୍ଦ ଜୀ ମହାରାଜ ଉତ୍ସବକୁ ଉଦ୍‌ଘାଟନ କରି ସମାଜ କଲ୍ୟାଣ ପାଇଁ ବିଦ୍ୟାର୍ଥୀମାନେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ପ୍ରବଚକ ମହେଶ ପ୍ରସାଦ ଦଳବେହେରା ନୀରବଚ୍ଛିନ୍ନ ସାଧନା ଦ୍ୱାରା ଜୀବନରେ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଶିକ୍ଷାବିତ୍ ପ୍ରେମାନନ୍ଦ ରାୟ, ଦୈତାରୀ ସାହୁ ଓ ଅଶୋକ କୁମାର ଶତପଥୀଙ୍କୁ ବିଷ୍ଣୁଚରଣ ଜେନା ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। କୁଟୀରର ସଭାପତି ପଦ୍ମନାଭ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଉପସଭାପତି ଡ. ସତ୍ୟ ରାୟ ସ୍ୱାଗତ ଭାଷଣ, ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ବିବରଣୀ ପାଠ ଏବଂ ଡ. ଓଁକାର ରାଉତ ଓ ଲକ୍ଷ୍ମୀନାରାୟଣ ଦାଶ ମାନପତ୍ର ପାଠ କରିଥିଲେ। ସହସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ଅନ୍ୟତମ ଉପସଭାପତି ଡା. ସୁଦର୍ଶନ ପଟ୍ଟନାୟକ ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। କୁଟୀରର ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ୩୦ ଶଯ୍ୟାବିଶିଷ୍ଟ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ ଲୋକାର୍ପିତ



ବିଧାୟକ ପ୍ରତାପ ଜେନା ହସ୍ପିଟାଲ ଲୋକାର୍ପିତ କରୁଛନ୍ତି।

ନିଶ୍ଚିନ୍ତକୋଇଲି,୧୧(ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ସହରାଞ୍ଚଳ ଭଳି ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଦେବାପାଇଁ ନିଶ୍ଚିନ୍ତକୋଇଲି ବଜାରରେ ୩୦ ଶଯ୍ୟା ବିଶିଷ୍ଟ ଏକ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ ରବିବାର ଲୋକାର୍ପିତ ହୋଇଯାଇଛି। ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଗ୍ରାମାଞ୍ଚଳରେ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ ଖୋଲିବା ଯୋଗୁ ସ୍ଥାନୀୟ ଲୋକଙ୍କୁ ଜରୁରିକାଳୀନ ସେବା ପାଇଁ କଟକ କିମ୍ବା ଭୁବନେଶ୍ୱର ଯିବାକୁ ପଡ଼ିବନାହିଁ ବୋଲି କହିଥିଲେ। ଉତ୍ସବରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷା ସବିତା ଓଝା, ପୂର୍ବତନ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବ ସାମାଜିକ କର୍ମୀ ଅଭୟ କୁମାର ଓଝା, ଡା. ଅଶୋକ କୁମାର କର, କିଶୋର କୁମାର ମହାନ୍ତି, ସୁଚରିତା ପଣ୍ଡା, ପ୍ରମୁଖ ଯୋଗଦେଇଥିଲେ।

## ଜାନୁୟାରୀରେ ମାଗଣା ମିଳିବ ନିୟମିତ କୋଟା

କଟକ ସଦର,୧୧(ଡି.ଏନ୍.ଏ.)

**ଜାତୀୟ ଖାଦ୍ୟ ନିରାପତ୍ତା କାର୍ଡ**

୨୦୨୩ ଜାନୁୟାରୀରେ ଜାତୀୟ ଖାଦ୍ୟ ନିରାପତ୍ତା କାର୍ଡଧାରୀଙ୍କୁ ନିୟମିତ କୋଟାରେ ଗହମ ଓ ଚାଉଳ ମାଗଣାରେ ମିଳିବ। ଆଉ ରିଲିଫ ଦିଆଯିବ ନାହିଁ। ଏ ନେଇ ଓଡ଼ିଶା ରାଜ୍ୟ ସାଧାରଣ ଯୋଗାଣ ନିଗମ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଏଥିରେ ଏକ ବର୍ଷ ପାଇଁ ସମସ୍ତ କେନ୍ଦ୍ରୀୟ କାର୍ଡଧାରୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ୧ ଟଙ୍କା ଦରରେ ଗହମ ଓ ଚାଉଳ ମିଳୁଥିଲା। ଅବଶ୍ୟ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସବ୍‌ସିଡି ଦେଇ ୩ ଟଙ୍କାର ଚାଉଳ ଓ ୨ ଟଙ୍କାର ଗହମକୁ ୧ ଟଙ୍କାରେ ବାଣ୍ଟୁଥିଲେ। କିନ୍ତୁ ଚଳିତ ମାସରେ କେନ୍ଦ୍ରୀୟ ଯୋଜନାକୁ ନେଇ କାର୍ଡଧାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଜାନୁୟାରୀରେ ପୂର୍ବଭଳି ରିଲିଫ ମାଗଣାରେ ମିଳିବ ବୋଲି ପ୍ରଚାର ଜୋର୍ ଧରିଥିଲା। ଏ ନେଇ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସାକ୍ସେନା ପତ୍ରସଂଖ୍ୟା ୧୮୬୮୯/୩୦।୧୨।୨୦୨୨ରେ ଗାଇଡ୍‌ଲାଇନ ଜାରି କରିଛନ୍ତି।

## ୨ ଦୁର୍ଘଟଣା, ୫ ଗୁରୁତର

ଖୁଣ୍ଟୁଣୀ,୧୧(ଡି.ଏନ.ଏ.)

■ଅଟୋ-ବସ୍ ମୁହାଁମୁହିଁ

■ମାଟିଗଦାରେ ଚଢ଼ିଗଲା ବାଇକ୍



କଟକ ଜିଲା ଗୁରୁଡିଝାଟିଆ ଓ ଖୁଣ୍ଟୁଣୀ ଥାନା ଅଞ୍ଚଳରେ ରବିବାର ଦୁଇଟି ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣ ଗୁରୁତର ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଗୁରୁଡିଝାଟିଆ ଥାନା ଅଧୀନ ପ୍ରସନ୍ନାପୁର ଗ୍ରାମର ସାନୁ ଜେନା, କାଞ୍ଚନ ଜେନା, ବନିତା ଜେନା ଓ ତାଙ୍କ ୮ ଦିନର ଶିଶୁପୁତ୍ର ଏକ ଅଟୋରେ ଗୁରୁଡିଝାଟିଆ ଆସୁଥିଲେ। ଏହି ସମୟରେ ଓରନ୍ଦାଠାରେ ବିପରୀତ ଦିଗରୁ ଯାଉଥିବା ଏକ ଯାତ୍ରୀବାହୀ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଚାଳକ ପ୍ରସନ୍ନାପୁର ଗ୍ରାମର ନରେନ୍ଦ୍ର ସାହୁଙ୍କ ସମେତ ସାନୁ, କାଞ୍ଚନ, ବନିତା ଗୁରୁତର ହୋଇଥିଲେ। ସୌଭାଗ୍ୟବଶତଃ ଶିଶପୁତ୍ର ଅଳ୍ପକେ ରକ୍ଷା ପାଇଯାଇଥିଲା। ଖବରପାଇ ରାଜପଥ ପାଟ୍ରୋଲିଂ ଭ୍ୟାନ୍ ଓ ଗୁରୁଡିଝାଟିଆ ପୋଲିସ ପହଞ୍ଚି ଗୁରୁତରମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ ଅଟୋ ଜବତ କରି ତଦନ୍ତ ଚଳାଇଛି। ସେହିପରି ରାତି ପ୍ରାୟ ସାଢେ ୯ଟାରେ ୬୫ ନଂ. ରାଜ୍ୟ ରାଜପଥର ଭୋଗରା ପେଟ୍ରୋଲ ପମ୍ପ ନିକଟରେ ରାସ୍ତାକୁ ଲାଗି ରହିଥିବା ମାଟିଗଦା ଉପରେ ବାଇକ୍ ଭାରସାମ୍ୟ ହରାଇ ଚଢ଼ିଯାଇଥିଲା। ଏଥିରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଚିକିତ୍ସା ଲାଗି ତାଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## 'ମାନବ ଚେତନାରେ ସଂସ୍କାର ଆଣେ ଭଜନ'

କଟକ ଅଫିସ,୧୧




ପତିତପାବନଜୀଉ ମନ୍ଦିର ସମ୍ମୁଖରେ କଣ୍ଠଶିଳ୍ପୀ ଶରତ ନାୟକ ଭଜନ ପରିବେଷଣ କରୁଛନ୍ତି।

**ଶ୍ରୀ ଶ୍ରୀ ପତିତପାବନଜୀଉ ସାଂସ୍କୃତିକ ପରିଷଦର ରଜତ ଜୟନ୍ତୀ**

ଶ୍ରୀ ଶ୍ରୀ ପତିତପାବନଜୀଉ ସାଂସ୍କୃତିକ ପରିଷଦର ରଜତ ଜୟନ୍ତୀ ମହୋତ୍ସବ କଟକ ଦୋଳମୁଣ୍ଡାଇସ୍ଥିତ ପତିତପାବନଜୀଉ ମନ୍ଦିର ସମ୍ମୁଖରେ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଆଧାତ୍ମିକତାର ପ୍ରଚାର ପ୍ରସାର ମାଧ୍ୟମରେ ବଳିଷ୍ଠ ସମାଜ ଗଠନ ସମ୍ଭବପର। ଏହାରି ମାଧ୍ୟମରେ ମନୁଷ୍ୟ ସୁପଥରେ ଚାଲିବାର ଖୋରାକ ପାଇଥାଏ। ମନୁଷ୍ୟ ମନରେ ଆଧାତ୍ମିକତା ସୃଷ୍ଟିର ପ୍ରମୁଖ ମାଧ୍ୟମ ହେଉଛି ଭଜନ। ଏହି ଭଜନ ମାନବ ଚେତନାରେ ସଂସ୍କାର ଆଣିଥାଏ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସମ୍ମାନିତ ଅତିଥି ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡିସିପି ପିନାକ ମିଶ୍ର, ଆଇନଜୀବୀ ମନୋଜ ମିଶ୍ର, ଦେବୀପ୍ରସାଦ ଧଳ, ଡ. ମନୋରଞ୍ଜନ ମହାପାତ୍ର, ଶକ୍ତିପ୍ରସାଦ ସାହୁ, ଆରତୀ ସାହୁ, ସ୍ୱାତୀ ମଲ୍ଲିକ, ଶିକ୍ଷାବିତ୍ ପ୍ରଭୁଚରଣ ମହାନ୍ତି, ସିଏମ୍‌ସି ସ୍ୱାସ୍ଥ୍ୟ କମିଟି ଅଧକ୍ଷା ଦୀପ୍ତିମୟୀ ମୁଳିଆ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ କେଶବ ରାଉତଙ୍କୁ ପଞ୍ଚଜନ୍ୟ ସମ୍ମାନ, କଣ୍ଠଶିଳ୍ପୀ ସୁଧାକର ମିଶ୍ର ଓ ନାଜିଆ ଆଲାମଙ୍କୁ ପତିତପାବନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି କାର୍ତ୍ତିକ ମହାରଣା, ପ୍ରେମକୁମାର ବାରିକ, ଦେବେନ୍ଦ୍ର କୁମାର ସାହୁ, ବାମଦେବ ବରାଳ, ଇଂ. ଶ୍ରୀନିବାସ ଘଟୁଆରୀ, ବସନ୍ତ କୁମାର ଦାସଙ୍କୁ ଶ୍ରୀଚନ୍ଦ୍ରିକା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଡ. ରଞ୍ଜନ କୁମାର ବିଶ୍ୱାଳ, ଡା. ମନୋରଞ୍ଜନ ମହାପାତ୍ର, ଡ. ଅନୁସୂୟା ନାଥ, ଅନ୍ତରା ଚକ୍ରବର୍ତ୍ତୀ, କରୁଣାକର ସେଠୀଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଷଦର ମୁଖପତ୍ର ଚନ୍ଦ୍ରିକାର ୯ମ ବାର୍ଷିକ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଚିତ୍ରାନନ୍ଦ ପଣ୍ଡା, ନୀରଦ ଆର୍ଯ୍ୟ, ଜ୍ୟୋତି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପତିତପାବନଜୀଉ ସାଂସ୍କୃତିକ ପରିଷଦର ସ୍ଥାୟୀ ସଭାପତି ରବୀନ୍ଦ୍ରନାଥ ପ୍ରହରାଜ ଅଧକ୍ଷତା କରିଥିଲେ। ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ, ପ୍ରଚାର ଓ ପ୍ରସାର କମିଟି ଅଧକ୍ଷ ବରଦାକାନ୍ତ ମହାନ୍ତି, ହରିପୁର ସାହି ଅଧିକାରୀ ହରେକୃଷ୍ଣ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଇଂ. ସିଦ୍ଧାର୍ଥ ବେହେରା, ଉପସଭାପତି ପବନ ଅଗ୍ରୱାଲ, ସାଧାରଣ ସମ୍ପାଦକ ଭିକାରୀ ଚରଣ ବେଉରା, କୋଷାଧକ୍ଷ ବାମଦେବ ବରାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ପତିତପାବନଜୀଉ ମନ୍ଦିର ସମ୍ମୁଖରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨ ଜାନୁୟାରୀ, ୨୦୨୩



## ଘରେ ଲାଗିଗଲା ନିଆଁ, ଜଳିଗଲା ଆସବାବପତ୍ର

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.)- ଶ୍ରୀ ଲିଙ୍ଗରାଜ ଥାନା ଅଧୀନ ଶ୍ରୀରାମ ନଗର ଲେନ୍-୪ରେ ଥିବା ତ୍ରିଲୋଚନ ବିଶ୍ୱାଳଙ୍କ ଘରେ ବିଦ୍ୟୁତ୍ ସର୍ଟ ସର୍କିଟରୁ ନିଆଁ ଲାଗି ଘରର ଆସବାବପତ୍ର ଜଳିଯାଇଛି। ସୂଚନା ମୁତବାକ, ରବିବାର ଅପରାହ୍ଣରେ ତ୍ରିଲୋଚନଙ୍କ ଗ୍ୟାରେଜ ଘରୁ ଧୂଆଁ ବାହାରୁଥିବା ଦେଖି ଘରଲୋକ ପଦାକୁ ପଳାଇ ଆସିଥିଲେ। ଦମକଳ ବାହିନୀକୁ ଖବର ଦେବାରୁ ସେମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ନିଆଁରେ ଗୋଟିଏ ସ୍କୁଟର, ଗୋଟିଏ ନୂଆକାର, ସ୍କୁଟି ସହ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ପୋଡ଼ିଯାଇଥିବା ଜଣାଯାଇଛି।

## ସଂକ୍ଷେପରେ

### ସି ଫୁଡ୍ ପାର୍କରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ

#### ହତ୍ୟା ଅଭିଯୋଗ ଆଣିଲେ ବାପା

ବାରଙ୍ଗ,୧୧(ଡି.ଏନ୍.ଏ.): ଡେରାସ ଫାର୍ମରେ କାର୍ଯ୍ୟକ୍ଷମ ସି ଫୁଡ୍ ପାର୍କରୁ ରବିବାର ଚନ୍ଦକା ଥାନା ପୋଲିସ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ବାଘମାରୀ ଥାନା ଅଧୀନ ତଲଗଡ଼ ଗ୍ରାମର ଅନୁପ ବେହେରା। ଅନ୍ୟପଟେ ଅନୁପଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଛି ବୋଲି ତାଙ୍କ ବାପା ପ୍ରସନ୍ନ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩)ରୁଜୁ କରିଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ଜଣେ ମୃତ

ବାଲିଅନ୍ତା,୧୧(ଡି.ଏନ୍.ଏ.)- ବାଲିଅନ୍ତା ଅଣ୍ଡିଲୋ ମୁସଲିମ୍ ସାହିର ଜଣେ ଯୁବକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଅବ୍‌ଦୁଲ ରହିମ୍ (୨୩)। ଅବ୍‌ଦୁଲ ଶନିବାର ବିଳମ୍ବିତ ରାତିରେ ସାଲେପୁରରୁ ସାଙ୍ଗଙ୍କ ସହିତ ଜିରୋ ନାଇଟ୍ ସେଲିବ୍ରେଶନ ସାରି ସ୍କୁଟିରେ ଘରକୁ ଫେରୁଥିଲେ। କଟକ ଜଗତପୁର ନିକଟରେ ତାଙ୍କ ସ୍କୁଟିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ଅପରାହ୍ଣରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଅବ୍‌ଦୁଲଙ୍କୁ ଗାଁରେ କବର ଦିଆଯାଇଥିଲା।

### ଦିନକରେ ୧୦ ଲକ୍ଷ ଗଣିଲେ ଅମାନିଆ

ଭୁବନେଶ୍ୱର, ୧୧ (ବ୍ୟୁରୋ) ଶନିବାର-ରବିବାର ଅମାନିଙ୍କଠାରୁ ୧୦ ଲକ୍ଷ ୬୧ ହଜାର ୮୦୦ ଟଙ୍କା ଜରିମାନା ଆଦାୟ କରିଛି ଟ୍ରାଫିକ ଓ ଥାନା ପୋଲିସ। ଟ୍ରାଫିକ ପୋଲିସ ପକ୍ଷରୁ ଗାଡି ମୋଟର ଯାଞ୍ଚ କରାଯାଇ ୯୧୫ ଅମାନିଙ୍କଠାରୁ ୯ ଲକ୍ଷ ସାଢେ ୪ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ୩୦ଜଣ ବେଆଇନ ପାର୍କିଂ କରି ୨୪ ହଜାର ୫୦୦ ଟଙ୍କା ଗଣିଥିବାବେଳେ ୮୨୫ ଏମ୍‌ଭି ଆକ୍ଟ ଉଲ୍ଲଂଘନକାରୀଙ୍କଠାରୁ ୮ ଲକ୍ଷ ୮୦ ହଜାର ଜରିମାନା ଆଦାୟ କରାଯାଇଛି। ୭ ଜଣଙ୍କ ଲାଇସେନ୍ସ ବାତିଲ ହୋଇଥିବାବେଳେ ୫୩ ଗାଡି ଉଠାହୋଇଛି। ସେହିପରି ବିଭିନ୍ନ ଥାନା ପକ୍ଷରୁ ଚଢାଉ କରାଯାଇ ୩୨୦ ଅମାନିଙ୍କଠାରୁ ୧ ଲକ୍ଷ ୫୭ ହଜାର ୩୦୦ ଟଙ୍କା ଆଦାୟ ହୋଇଛି ଓ ୫ ଜଣଙ୍କୁ ଗିରଫ କରାଯାଇଛି। ଖୋଲାସ୍ଥାନରେ ମଦ୍ୟପାନ କରୁଥିବା ୨୫୨ ଅମାନିଆଙ୍କଠାରୁ ୧ ଲକ୍ଷ ୨୬ ହଜାର, ସର୍ବସାଧାରଣରେ ଧୂମପାନ କରୁଥିବା ୨୮ ଜଣଙ୍କଠାରୁ ୩ ହଜାର ୩୦୦ ଟଙ୍କା ଓ ଏମ୍‌ଭି ଆକ୍ଟ ଉଲ୍ଲଂଘନ କରିଥିବା ୩୪ ଜଣଙ୍କଠାରୁ ୨୮ ହଜାର ଆଦାୟ ହୋଇଛି। ସେହିଭଳି ଗୋଟିଏ ଅବକାରୀ କେସ୍ ରୁଜୁ ହୋଇଛି।

# ପ୍ରାଣୀଙ୍କୁ ସାପ କାମୁଡ଼ିଲେ ଭଗବାନ୍ ଭରସା

ଭୁବନେଶ୍ୱର, ୧୧(ବ୍ୟୁରୋ)

ସାପ କାମୁଡ଼ିଲେ ମଣିଷ ପାଇଁ ଯେତିକି ଗୁରୁତ୍ୱ ପ୍ରଦାନ କରାଯାଏ, ପ୍ରାଣୀଙ୍କ କ୍ଷେତ୍ରରେ ତାହା ଦେଖାଯାଏ ନାହିଁ। ବନ୍ୟପ୍ରାଣୀ ହେଉ କି ଗୃହପାଳିତ, ସାପ କାମୁଡ଼ିଲେ ଭଗବାନ୍ ଭରସା। ମଣିଷକୁ ସାପ କାମୁଡ଼ିଲେ ଯେଉଁ ଆଣ୍ଟିଭେନମ ଦିଆଯାଏ, ପ୍ରାଣୀଙ୍କୁ ମଧ୍ୟ ସେହି ଆଣ୍ଟିଭେନମ ଦିଆଯାଏ। କିନ୍ତୁ ଆଣ୍ଟିଭେନମ ଅଭାବ ଯୋଗୁ ବହୁ ପ୍ରାଣୀ ମୃତ୍ୟୁମୁଖରେ ପଡୁଛନ୍ତି। ରବିବାର ଓୟୁଏଟି ଭେଟେରିନାରି କଲେଜସ୍ଥିତ ସେଣ୍ଟ୍ରାଲ କ୍ଲିନିକକୁ ସାପ କାମୁଡ଼ାର ଶିକାର ହୋଇଥିବା ଦୁଇଟି କୁକୁରଙ୍କୁ ଅଣାଯାଇଥିଲା। ତେବେ ଆଣ୍ଟିଭେନମ୍ ଅଭାବରୁ ଗୋଟିଏ କୁକୁରର ସଙ୍ଗେ ସଙ୍ଗେ ମୃତ୍ୟୁ ଘଟିଥିବାବେଳେ ଅନ୍ୟଟି ଦେହରୁ ସାଲାଇନ ଖୋଲି ଅନ୍ୟ ଡାକ୍ତରଖାନାକୁ ନେଇଯିବାକୁ କହି ଫେରାଇ ଦିଆଯାଇଥିଲା। କେବଳ ଓୟୁଏଟି ନୁହେଁ, ସାରା ରାଜ୍ୟରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଏଭଳି ସ୍ଥିତି ଲାଗି ରହିଛି। ସବୁଠି ଆଣ୍ଟିଭେନମ୍‌ର ଅଭାବ ଲାଗି ରହିଥିବା ଜଣାପଡିଛି।

ସୂଚନାନୁସାରେ, ପଟିଆ ଅଞ୍ଚଳର ଅକ୍ଷୟ ପରିଡ଼ାଙ୍କ ଲାବ୍ରାଡର କୁକୁର 'ଜ୍ୟାକି' ରବିବାର ସକାଳ ପ୍ରାୟ ୪ଟାରେ ଏକ ଚନ୍ଦନ ବୋଡ଼ା ସାପକୁ ପାଟିରେ ଧରି ଘର ଭିତରକୁ ଯାଇଥିଲା। ଅକ୍ଷୟ ମଲା ସାପଟିକୁ ବାହାରେ ଫୋପାଡ଼ି ସାପ କାମୁଡାର ଶିକାର ହୋଇଥିବା 'ଜ୍ୟାକି'କୁ ଓୟୁଏଟି ସେଣ୍ଟ୍ରାଲ କ୍ଲିନିକ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଥମ ଡୋଜ୍ ଆକାରରେ ମାତ୍ର ଦୁଇ ଭାଏଲ ଆଣ୍ଟିଭେନମ୍ ଦିଆଯାଇଥିଲା, ଯାହାକୁ ନିଜେ ଅକ୍ଷୟ ବାହାରୁ କିଣି ନେଇଥିଲେ। ହେଲେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳକୁ ଡ୍ୟୁଟିରେ ଥିବା ପ୍ରାଣୀ ଚିକିତ୍ସକ କ୍ଲିନିକ୍ ବନ୍ଦ ଟାଇମ୍ ହୋଇଗଲା କହି କୁକୁର ଶରୀରରୁ ସାଲାଇନ ଖୋଲି ଶହୀଦନଗର ଭେଟେରିନାରି ଡାକ୍ତରଖାନା ନେଇଯିବାକୁ କହି ଚାଲିଯାଇଥିଲେ। ତେବେ ଅକ୍ଷୟ ଉକ୍ତ ଡାକ୍ତରଖାନା ଉପରେ ଭରସା ନ ରଖି କୁକୁରକୁ ଘରକୁ ନେଇ ଦୁଇ ଘଣ୍ଟା ବ୍ୟବଧାନରେ ୮ ଭାଏଲ ଆଣ୍ଟିଭେନମ ଦେଇଛନ୍ତି। ସେପଟେ ଚନ୍ଦକାର ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ୯ବର୍ଷର ଡୋବରମ୍ୟାନ କୁକୁର 'ପେପ୍‌ସୀ'ର ବାମପଟ ତଳ ପାଟିକୁ ମଧ୍ୟ ଏକ ଚନ୍ଦନ ବୋଡ଼ା କାମୁଡ଼ିଥିଲା। ବିଷ ପ୍ରଭାବରେ କୁକୁରଟି ଅସୁସ୍ଥ ହୋଇପଡୁଥିବାବେଳେ ସୂର୍ଯ୍ୟକାନ୍ତ ତାକୁ ଓୟୁଏଟିକୁ ନେଇଥିଲେ। ହେଲେ ସେଠାରେ ଆଣ୍ଟିଭେନମ ଇଞ୍ଜେକ୍ସନ ନ ଥିଲା। ଏପରିକି ଆଖପାଖରେ କୌଣସି ଔଷଧ ଦୋକାନରେ ମଧ୍ୟ ତାହା ମିଳି ନ ଥିଲା। ଅଳ୍ପ ସମୟ ଭିତରେ ତରଳ ରକ୍ତ ଝାଡ଼ା କରିବା ସହିତ 'ପେପ୍‌ସୀ' ସବୁଦିନ ପାଇଁ ଆଖି ବୁଜିଦେଇଥିଲା।

ଏନେଇ ଭୁବନେଶ୍ୱର ଏମ୍ସର ଫୋରେନସିକ ମେଡିସିନ ବିଭାଗର ଅତିରିକ୍ତ ପ୍ରଫେସର ତଥା ଓସ୍‌ଡମାର ସ୍ନେକ୍‌ବାଇଟ ରିଡକ୍ସନ ପ୍ରୋଗ୍ରାମ କୋର୍ କମିଟି ସଦସ୍ୟ ଡା. ସୁଦୀପ୍ତ ରଞ୍ଜନ ସିଂହ କୁହନ୍ତି, ସହରରେ ହୁଏତ କୁକୁର-ସାପ ଦ୍ୱନ୍ଦ୍ୱ ବିଷୟ ଗଣମାଧ୍ୟମରେ ଚର୍ଚ୍ଚା ହୁଏ। କିନ୍ତୁ ଗାଁ ଗହଳିରେ ସାପ କାମୁଡ଼ାରେ କେତେ ଗାଈ ଗୋରୁ ବା ଛେଳି ମେଣ୍ଢା ମରନ୍ତି ତାହାର ହିସାବ କାହା ପାଖରେ ନାହିଁ। ଦୈନିକ ୧୦/୧୫ ଲିଟର କ୍ଷୀର ଦେଉଥିବା ଗାଈଟିଏ ମରିଗଲେ ଚାଷୀଟି କେତେ କ୍ଷତିଗ୍ରସ୍ତ ହେବ ତାହା ସହରୀ ଲୋକ ଅନୁଭବ କରିବା ବି କଷ୍ଟ। ପ୍ରାଣୀଙ୍କ ପାଇଁ ସାପ କାମୁଡ଼ା ପାଇଁ ଗାଇଡ୍‌ଲାଇନ ସହିତ ଏବେ ଡାଟାବେସ ତିଆରି କରିବା ସମୟ ଆସିଯାଇଛି। ଏ ନେଇ ସ୍ନେକ୍ ହେଲ୍ପଲାଇନ ସାଧାରଣ ସମ୍ପାଦକ ତଥା ଓସ୍‌ଡମା ସ୍ନେକବାଇଟ ରିଡକ୍ସନ ପ୍ରୋଗ୍ରାମ କୋର୍ କମିଟି ସଦସ୍ୟ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ଓୟୁଏଟି ଭେଟେରିନାରି କଲେଜ ରାଜ୍ୟରେ ସବୁଠାରୁ ବଡ଼ ପ୍ରାଣୀ ଚିକିତ୍ସାଳୟ ହୋଇ ଶହୀଦନଗରକୁ ରୋଗୀ ପଠାଇବା ଆଶ୍ଚର୍ଯ୍ୟ ଲାଗୁଛି।

## ଆଣ୍ଟିଭେନମ ଅଭାବ



■ଗୋଟିଏ କୁକୁରର ଜୀବନ ଗଲା



■ଆଉ ଗୋଟିଏ କୁକୁରକୁ ଫେରାଇ ଦିଆଗଲା

# କଡ଼ାକଡ଼ି ହେବ 'ହ୍ୱାଇଟ ସ୍ୱାଇଡର' ଅଭିଯାନ: ପୋଲିସ କମିଶନର




ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୧୧ (ବ୍ୟୁରୋ)

ଟ୍ୱିନ୍ ସିଟିରେ ଅପରାଧ, ଟ୍ରାଫିକ ସମସ୍ୟା ଆଦି ରୋକିବା ଦିଗରେ ୨୦୨୨ରେ କମିଶନରେଟ ପୋଲିସକୁ କିଛି ସଫଳତା ମିଳିଥିଲା। ତେବେ ୨୦୨୩ରେ ପୋଲିସ ପାଇଁ ଏକାଧିକ ଚ୍ୟାଲେଞ୍ଜ ରହିଥିବାରୁ କିପରି ଆଗାମୀ କାର୍ଯ୍ୟପନ୍ଥା ରହିବ ସେନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ରବିବାର ପୋଲିସ ସେବା ଭବନରେ ଅଧିକାରୀସ୍ତରୀୟ ବୈଠକରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୧ ଓ ୨୦୨୨ରେ 'ହ୍ୱାଇଟ ସ୍ୱାଇଡର' ଅଭିଯାନ ଜରିଆରେ ରେକର୍ଡ ସଂଖ୍ୟକ ବ୍ରାଉନସୁଗାର ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୨୦୨୩ରେ ଏହି ଅଭିଯାନ ଅଧିକ କଡ଼ାକଡ଼ି କରାଯିବ। ସାଇବର କ୍ରାଇମ ମଧ୍ୟ ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡ଼ା ହୋଇଛି। ଏହି କ୍ରାଇମ କମାଇବାକୁ ଅଧିକ ପ୍ରଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ସେ ଆହୁରି ସୂଚନା ଦେଇଛନ୍ତି ଯେ, କମିଶନରେଟ ପୋଲିସର ସ୍ୱତନ୍ତ୍ର କ୍ରାଇମ ୟୁନିଟକୁ କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଆଗାମୀ ଦିନରେ କିପରି ସୁଫଳ ମିଳିପାରିବ ସେନେଇ ପ୍ରଚେଷ୍ଟା ରହିବ। ଟ୍ରାଫିକ ସମସ୍ୟା, ଷ୍ଟ୍ରିଟ୍ କ୍ରାଇମ ଆଦି ଦିଗରେ ଅଧିକ କାର୍ଯ୍ୟ କରାଯିବ। ୨୦୨୨ରେ ଟ୍ୱିନ୍ ସିଟିରେ ୨୬୦୦ରୁ ୨୭୦୦ ଲୁଟ୍ ମୋବାଇଲ ଫେରାଇ ଦିଆଯାଇଛି। 'ବସ୍ତିକୁ ଚାଲ' ଅଭିଯାନ ମାଧ୍ୟମରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ତିଆରି କରି ବସ୍ତିରେ ଅପରାଧ କମାଇବାକୁ ଚେଷ୍ଟା କରାଯାଉଛି। ସ୍କୁଲ ଓ କଲେଜରେ ସାଇବର କ୍ରାଇମ, ଟ୍ରାଫିକ ସଚେତନତା, ଆତ୍ମହତ୍ୟା ବିରୋଧରେ ଲଢ଼େଇ ଆଦି ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ବର୍ଷ ଏହାକୁ ଅଧିକ ମାତ୍ରାରେ କରାଯିବ ବୋଲି କମିଶନର କହିଛନ୍ତି।




ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ ସଂଘର ଖେଳାଳିମାନେ ରବିବାର ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଉତ୍କଳ ଦୃଷ୍ଟିବାଧିତ ସଂଘ ପରିସରରେ ଫୁଟ୍‌ବଲ୍‌ରେ ନୂଆବର୍ଷକୁ ସ୍ୱାଗତ କରୁଛନ୍ତି।

# ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ୍ ଖେଳାଳି ପାଳିଲେ ନବବର୍ଷ

ପୁରୁଣା ଭୁବନେଶ୍ୱର,୧୧(ବ୍ୟୁରୋ)

ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ୍ ସଂଘର ଖେଳାଳିମାନେ ନୂଆବର୍ଷକୁ ନିଆରା ଓ ନିରାଡ଼ମ୍ବର ଭାବେ ପାଳନ କରିଥିବା ଦୃଶ୍ୟ ସାମ୍ନାକୁ ଆସିଛି। ବ୍ରାଜିଲ୍‌ର କିମ୍ବଦନ୍ତୀ ଫୁଟ୍‌ବଲ୍ ଖେଳାଳି ତଥା କିଙ୍ଗ୍ ଅଫ୍ ଫୁଟ୍‌ବଲ୍ ଭାବେ ପରିଚିତ ପେଲେଙ୍କ ବିୟୋଗରେ ଦୃଷ୍ଟିବାଧିତ ଖେଳାଳିମାନେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନୂଆବର୍ଷକୁ ଖେଳାଳିମାନେ ଫୁଟ୍‌ବଲ୍‌ରେ ଇଂରାଜୀରେ ୱେଲ୍‌କମ୍-୨୦୨୩ ଲେଖି ନିରାଡ଼ମ୍ବର ରୂପେ ସ୍ୱାଗତ କରିଥିଲେ। କ୍ୟାପଟେନ୍ ବାପିନା ନାୟକ ଏବଂ ଦୃଷ୍ଟିବାଧିତ ଫୁଟ୍‌ବଲ୍ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରାଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ୟୁନିଟ-୩ସ୍ଥିତ ଉତ୍କଳ ଦୃଷ୍ଟିବାଧିତ ସଂଘ ପରିସର ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ବାଲୁକା ଶିଳ୍ପୀ ସୁବଳ ମହାରଣା, ପରିବେଶବିତ୍ ସୁଶାନ୍ତ ସାହୁ, ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ସାମାଜିକ କର୍ମୀ ବାଳକୃଷ୍ଣ ରାଉତ, ଫୁଟ୍‌ବଲ୍ ଖେଳାଳି ଶୁଭସ୍ମିତାରାଣୀ ରାଉତ ପ୍ରମୁଖ ଯୋଗଦେଇ ନୂଆବର୍ଷକୁ ସ୍ୱାଗତ କରିବା ସହ ଫୁଟ୍‌ବଲ୍ ଜଗତର ବାଦ୍‌ଶାହା ପେଲେ ଚିରଦିନ ପାଇଁ ପ୍ରେରଣା ହୋଇ ରହିବେ ବୋଲି ଆଶା ପ୍ରକଟ କରିବା ସହ ପେଲେଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ଗାଡ଼ି ଭାଙ୍ଗିଲେ, ଖଣ୍ଡା ବୁଲାଇଲେ

ଭୁବନେଶ୍ୱର, ୧୧ (ବ୍ୟୁରୋ)

## ନୂଆ ବର୍ଷରେ ଭୋଇ ସାହି ଅଶାନ୍ତ

■ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ

■ଗାଡି ଭଙ୍ଗାରୁଜାକୁ ବିରୋଧ କରିବାକୁ ଆକ୍ରମଣ

ରାଜଧାନୀରେ ଶୃଙ୍ଖଳିତ ତଥା ସୁରକ୍ଷିତ ଜିରୋ ନାଇଟ୍ ପାଳନ ସହ ନୂଆବର୍ଷକୁ ସ୍ୱାଗତ ପାଇଁ କମିଶନରେଟ ପୋଲିସ ପକ୍ଷରୁ ପୋଲିସ ମୁତୟନ ସହ ସ୍ଥିତି ଉପରେ ନଜର ରଖିଥିବା କୁହାଯାଇଥିଲା। ହେଲେ ନୟାପଲ୍ଲୀ ଥାନାଞ୍ଚଳ ଅଶାନ୍ତ ହୋଇପଡିଥିଲା। ରବିବାର ଭୋର୍ ୪ଟାରେ ଭୋଇ ସାହିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ୫ରୁ ୧୦ ଯୁବକ ହାତରେ ଖଣ୍ଡା, ଭୁଜାଲି ଓ ହକିଷ୍ଟିକ ଧରି ଆତଙ୍କ ଖେଳାଇଥିଲେ। ମାରଣାସ୍ତ୍ର ବୁଲାଇ ଲୋକଙ୍କୁ ଭୟଭୀତ କରିବା ସହ ଗାଡ଼ିମୋଟର ଭଙ୍ଗାରୁଜା କରିଥିଲେ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଧରି ଯୁବକଙ୍କ ଏଭଳି ଉତ୍ପାତ ସିସିଟିଭିରେ କଏଦ ହୋଇଛି। ସେହିପରି ଯୁବକଙ୍କ ଏଭଳି କାଣ୍ଡକୁ ବିରୋଧ କରିବାରୁ ଏକ ପରିବାରର ଏକାଧିକ ସଦସ୍ୟ ସେମାନଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ଭଙ୍ଗାରୁଜା ହୋଇଥିବା ଟ୍ରକର ମାଲିକ ଓ ଆକ୍ରମଣର ଶିକାର ହୋଇଥିବା ସବିତା ବେହେରା ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ.୨/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି। ଦାଦାବଟିକୁ ନେଇ ଏହି ଘଟଣା ଘଟିଥିବା ଜଣାପଡିଛି।



## ନୂଆ ଆଶା ଭରିଲା ନୂଆ ବରଷ

# ଦିଅଁ ଦର୍ଶନରୁ ଆରମ୍ଭ ହେଲା ପ୍ରଥମ ଦିନ

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ ୧୧

ନୂଆ ବର୍ଷରୁ ଆରମ୍ଭ ହୋଇଛି ନୂଆ ଯାତ୍ରା। ଦିଅଁ ଦର୍ଶନ, ବୁଲାବୁଲି, ଭୋଜିଭାତ, ମଉଜମଜଲିସ୍‌ରେ କଟିଛି ୨୦୨୩ର ପ୍ରଥମ ଦିନ। ରବିବାର ଥିବାରୁ ସବୁବର୍ଗର ଲୋକେ ନୂଆବର୍ଷ ପାଳିବାର ଅପୂର୍ବ ସୁଯୋଗ ପାଇଥିଲେ। ଏଥିପାଇଁ କାହିଁ କେତେ ଦିନରୁ ଚାଲିଥିଲା ପ୍ରସ୍ତୁତି। ଜିରୋ ନାଇଟ୍‌ରୁ ନୂଆବର୍ଷକୁ ସ୍ୱାଗତ କରିବା ସହ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ବିଶ୍ୱାସ କରାଯାଏ ନୂଆବର୍ଷର ପ୍ରଥମ ଦିନଟି ଯେମିତି କଟିବ, ବର୍ଷର ବାକିଦିନ ମଧ୍ୟ ସେମିତି ବିତିଯିବ। ଏଥିପାଇଁ ପ୍ରଥମଦିନକୁ ହସଖୁସିରେ କାଟିବା ପାଇଁ ଲୋକେ ସକାଳୁ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିବା ସହ ସୁଖସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ। ପରିବାର, ସାଙ୍ଗ, ସାଥୀ, ପ୍ରିୟଜନଙ୍କ ମେଳରେ ହସ ଖୁସିରେ କଟୁ। ପାଠପଢ଼ା, କ୍ୟାରିୟର ସବୁକ୍ଷେତ୍ରରେ ଯେପରି ସଫଳତା ମିଳିବ ସେଥିପାଇଁ ମଧ୍ୟ ଅନେକେ ଠାକୁରଙ୍କୁ ଡାକିଥିଲେ। ଏଥିପାଇଁ ରାଜଧାନୀ ଭୁବନେଶ୍ୱର, କଟକ, ପୁରୀ ସମେତ ବିଭିନ୍ନ ସ୍ଥାନରେ ଥିବା ମନ୍ଦିର ଓ ଧର୍ମାନୁଷ୍ଠାନରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଭୁବନେଶ୍ୱରର ରାମ ମନ୍ଦିର, ଲିଙ୍ଗରାଜ, ଇସ୍କନ, ସାଇବାବା ମନ୍ଦିର, କଟକର ଚଣ୍ଡୀ ମନ୍ଦିର, ଚର୍ଚ୍ଚରେ ପ୍ରବଳ ଭିଡ଼ ଲାଗି ରହିଥିଲା। ସେହିପରି ପାର୍କ, ପର୍ଯ୍ୟଟନସ୍ଥଳୀ ବୁଲିବା ସହ ଭୋଜିଭାତ, ମଉଜ କରିଥିଲେ। ଯୁବଗୋଷ୍ଠୀ ପାର୍କ, ନଦୀପଠା, ସମୁଦ୍ର କୂଳ ଭଳି ସ୍ଥାନ ବୁଲିବାକୁ ବେଶ୍ ପସନ୍ଦ କରିଥିଲେ। ଭୁବନେଶ୍ୱରର ନନ୍ଦନକାନନ, ବଟାନିକାଲ ଗାର୍ଡେନ, ଧଉଳି, ଖଣ୍ଡଗିରି-ଉଦୟଗିରି, ପ୍ଲାନେଟାରିୟମ, ଢ଼େରାସ, ଜୟଦେବ ବାଟିକା, ଏକାମ୍ର ପାର୍କରେ ସହରବାସୀ ନୂଆବର୍ଷ ପାଳିଥିଲେ। ସେହିପରି ବାରବାଟୀ ଦୁର୍ଗ, ଯୋବ୍ରା ପାର୍କ ଓ ସିଲ୍‌ଭର ସିଟି ବୋଟ୍ କ୍ଲବଠାରେ କଟକବାସୀ ପରିବାର ସହ ସମୟ ଅତିବାହିତ କରିଥିଲେ। ବାଲିଯାତ୍ରା ପଡ଼ିଆରେ ନିର୍ମାଣ ହୋଇଥିବା କଟକ ଇନ୍ କଟକଠାରେ ମଧ୍ୟ ବଣଭୋଜିର ଆସର ଜମିଥିଲା। ରାତିରେ ପାର୍କରେ ବସି ଲୋକେ ମନକୁ ହାଲ୍‌କା କରିଥିବାବେଳେ ପିଲାମାନେ ଖେଳକୁଦ, ପ୍ରେମୀଯୁଗଳ ଗପସପରେ ସମୟ କାଟିଥିଲେ। ଘରେ, ବାହାରେ ସବୁଠି ମିଠା ଖୁଆଇ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଥିଲା। ଏସବୁ ଭିତରେ ପ୍ରଥମ ଦିନରୁ ହିଁ ନୂଆ ଆଶା ଭରିଥିଲା ନୂଆ ବରଷ।



ଭୁବନେଶ୍ୱର ରାମ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ରହିଛନ୍ତି।



କଟକ ସିଲ୍‌ଭର ସିଟି ବୋଟ୍ କ୍ଲବଠାରେ ଲୋକେ ବୋଟିଂର ମଜା ନେଉଛନ୍ତି।

### ନୌବାଣିଜ୍ୟ ସଂଗ୍ରହାଳୟରେ ୨୨୨୬ ପର୍ଯ୍ୟଟକ, ରେକର୍ଡ ଆୟ

କଟକରେ ରହିଛି ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ। ପ୍ରତିଦିନ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁସଂଖ୍ୟକ ପର୍ଯ୍ୟଟକ ଆସିଥା'ନ୍ତି। ହେଲେ ଚଳିତବର୍ଷ ପ୍ରଥମ ଦିନରେ ଆୟ କରିବାରେ ରେକର୍ଡ କରିଛି ସଂଗ୍ରହାଳୟ। ରବିବାର ଗୋଟିଏ ଦିନରେ ୨୨୨୬ ପର୍ଯ୍ୟଟକ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏଥିରୁ ୧ ଲକ୍ଷ ୩୧ ହଜାର ୪୩୦ ଟଙ୍କା ଆୟ ହୋଇଛି, ଯାହା ଗତ ୧୦ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ସଂଗ୍ରହାଳୟ କର୍ତ୍ତୃପକ୍ଷ ପବିତ୍ର ମୋହନ ପ୍ରଧାନ କହିଛନ୍ତି।

# ନନ୍ଦନକାନନ, ବଟାନିକାଲ ଗାର୍ଡେନ ବୁଲିଲେ ୪୫ ହଜାର ପର୍ଯ୍ୟଟକ



ବାରଙ୍ଗ,୧୧(ଡି.ଏନ୍.ଏ.)

ନୂଆବର୍ଷରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ନନ୍ଦନକାନନକୁ ୪୧,୯୬୭ ଜଣ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ଅଫ୍‌ଲାଇନରେ ୩୯,୪୬୨ ଜଣ ଓ ଅନ୍‌ଲାଇନରେ ୨,୪୮୬ ଜଣ ପର୍ଯ୍ୟଟକ ଟିକେଟ କାଟିଥିଲେ। ତନ୍ମଧ୍ୟରୁ ୧୯ ଦିବ୍ୟାଙ୍ଗ ପର୍ଯ୍ୟଟକଙ୍କୁ ବିନା ଶୁଳ୍କରେ ନନ୍ଦନକାନନକୁ ପ୍ରବେଶ କରାଯାଇଥିଲା। ସେହିପରି ବଟାନିକାଲ ଗାର୍ଡେନକୁ ୩,୭୫୦ ପର୍ଯ୍ୟଟକ ଆସିଥିବା ବେଳେ ସେଥିମଧ୍ୟରୁ ଅଫ୍‌ଲାଇନରେ ୩,୬୬୧ ଓ ଅନ୍‌ଲାଇନରେ ୮୯ ଜଣ ପର୍ଯ୍ୟଟକ ଟିକେଟ କାଟିଥିଲେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ୍ କୁମାର କହିଛନ୍ତି। ତେବେ ଗହଳିର ସୁଯୋଗରେ ୧୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଲୁଟ୍‌ର ଶିକାର ହୋଇଛନ୍ତି। ସେଥିମଧ୍ୟରୁ କେତେଜଣ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିବା ବେଳେ କେତେଜଣ ଟିକେଟ ଯାଞ୍ଚ ଫାଟକ ନିକଟରେ ଥିବା ସୁରକ୍ଷା କର୍ମଚାରୀଙ୍କଠାରେ ଅଭିଯୋଗ କରି ଫେରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ୧୮ ନମ୍ବର ମୋ ବସ୍‌ରୁ ୬ଟି ମୋବାଇଲ ଫୋନ୍ ଚୋରି ହୋଇଥିବା ନେଇ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି।




୧।୧।୨୦୨୩

| | |
|---|---|
| ୧୧,୦୯,୫୭୬ ଟଙ୍କା | |
| ସୁନା | ୧୦ ଗ୍ରାମ |
| ରୁପା | ୨୫.୫୦୦ ଗ୍ରାମ |

# ନୂଆବର୍ଷରେ ଶ୍ରୀକ୍ଷେତ୍ର ଲୋକାରଣ୍ୟ

- ମହାପ୍ରଭୁଙ୍କୁ ଦର୍ଶନ କଲେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ
- ବେଳାଭୂମିରେ ବି ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼

ପୁରୀ ଅଫିସ, ୧।୧

ନୂତନ ବର୍ଷ-୨୦୨୩ର ପ୍ରଥମ ଦିନ ରବିବାର ଶ୍ରୀକ୍ଷେତ୍ର ଲୋକାରଣ୍ୟ ହୋଇଉଠିଛି। ଶ୍ରୀମନ୍ଦିର ଏବଂ ବେଳାଭୂମିରେ ଭକ୍ତ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡର ମାର୍କେଟ ଛକଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ନିର୍ମିତ ଅସ୍ଥାୟୀ ବ୍ୟାରିକେଡ୍‌ରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଲମ୍ବାଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ନିଜର ଓ ନିଜ ପରିବାରର ମଙ୍ଗଳ ନିମନ୍ତେ ପ୍ରାର୍ଥନା କରିଛନ୍ତି। ସେହିପରି ପର୍ଯ୍ୟଟକମାନେ ବେଳାଭୂମିରେ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ କରିବା ସହ ସମୁଦ୍ର ସ୍ନାନର ମଜା ନେଇଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ବହୁ ମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ନେତା ମଧ୍ୟ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି।

ଭକ୍ତ ଓ ପର୍ଯ୍ୟଟକମାନେ କିପରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁରୀର ବିଭିନ୍ନ ସ୍ଥାନ ବୁଲି ସୁଖଦ ଅନୁଭୂତି ନେଇ ଫେରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ, ଆଇନଶୃଙ୍ଖଳା, ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରୁ ମାର୍କେଟ ଛକ ପର୍ଯ୍ୟନ୍ତ ନିର୍ମିତ ବ୍ୟାରିକେଡ୍ ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍‌ଗୁଡ଼ିକୁ ଆଲୋକ ଓ ଫୁଲରେ ସଜାଯାଇଥିଲା। ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କରେ ଭକ୍ତଙ୍କୁ ସୂଚନା ଦେବା ପାଇଁ ଏଲ୍‌ଇଡି ଲଗାଯାଇଥିଲା। ପାନୀୟଜଳ ବ୍ୟବସ୍ଥା ସହ ଅନେକ


ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

ଜୋତାଷ୍ଟାଣ୍ଡ ଖୋଲାଯାଇଥିଲା। ଟ୍ରାଫିକ ସମସ୍ୟା ଦୂର କରିବାକୁ ବଡ଼ଦାଣ୍ଡରୁ ସମସ୍ତ ଉଠାଦୋକାନୀଙ୍କୁ ହଟାଇ ଦିଆଯାଇଥିଲା। ସେହିପରି ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ତଥା ଅଭିଯୋଗ ଶୁଣାଣି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ନିରାପଦ ସମୁଦ୍ର ସ୍ନାନ ଲାଗି ଲାଇଫଗାର୍ଡଙ୍କୁ ନିୟୋଜିତ କରାଯାଇଥିଲା। ଶନିବାର ରାତି ୧୦ଟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ହୋଇଥିଲା। ରାତି ୧ଟାରେ ଶ୍ରୀମନ୍ଦିର ଦ୍ୱାର ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବା ବେଳେ ରାତି ପ୍ରାୟ ୧ଟା ୨୫ ମିନିଟ୍‌ରେ ଦ୍ୱାର ଖୋଲାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ରାତି ଅଧରୁ ଭକ୍ତମାନେ ଅସ୍ଥାୟୀ ବ୍ୟାରିକେଡରେ ଧାଡ଼ି ଲଗାଇଥିଲେ। ବୟସ୍କ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିଥିବା ବେଳେ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ।

ବେଳାଭୂମିରେ ଉଦିତ ସୂର୍ଯ୍ୟର ଦର୍ଶନ ଲାଗି ପୁରୀବାସୀଙ୍କ ସମେତ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ତେବେ କୁହୁଡ଼ି ଆଚ୍ଛନ୍ନ ଯୋଗୁ ବିଳମ୍ବରେ ସୂର୍ଯ୍ୟ ଦେଖିବାକୁ ମିଳିଥିଲା। ନୂଆବର୍ଷ ଅବସରରେ ଶୁଭେଚ୍ଛା ଜଣାଇବାକୁ ଫୁଲତୋଡ଼ା କିଣିବା ଲାଗି ଫୁଲ ଦୋକାନଗୁଡ଼ିକରେ ଗହଳି ହୋଇଥିଲା। ବଡଦାଣ୍ଡରେ ଥିବା ବିଭିନ୍ନ ପୁଷ୍ପ ଭଣ୍ଡାର ପକ୍ଷରୁ ପ୍ରାକୃତିକ ଓ କୃତ୍ରିମ ଫୁଲରେ ବିଭିନ୍ନ କଳାକୃତି ନିର୍ମାଣ କରାଯାଇଥିଲ। ଉକ୍ତ କଳାକୃତି ସମ୍ମୁଖରେ ଯୁବଗୋଷ୍ଠୀ ଓ ପର୍ଯ୍ୟଟକ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ପ୍ରବଳ ଭିଡ଼ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ମାର୍କେଟ ଛକଠାରୁ ଶ୍ରୀମନ୍ଦିର ଆଡ଼କୁ ଗାଡ଼ି ଛଡ଼ାଯାଇ ନ ଥିଲା।

## ମା'ଙ୍କୁ ଦର୍ଶନ କଲେ ସହସ୍ରାଧିକ ଭକ୍ତ

ଅସ୍ତରଙ୍ଗ,୧।୧(ଡି.ଏନ୍.ଏ.)

ନୂଆବର୍ଷରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ରାତ୍ର ୪ ଘଟିକାରୁ ମା'ଙ୍କର ସମସ୍ତ ନୀତିକାନ୍ତି ସରିବା ପରେ ମନ୍ଦିରର ପହୁଡ଼ ଖୋଲିଥିଲା । ହଜାର ହଜାର ମାତୃଭକ୍ତ ଧାଡ଼ିରେ ଯାଇ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ନିଜ ନିଜର ପରିବାରର ଶୁଭ ମନାସିଥିଲେ। ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇଥିବାବେଳେ ଭକ୍ତମାନେ ମା'ଙ୍କୁ ଦର୍ଶନ କରି ଅସ୍ତରଙ୍ଗ ବେଳାଭୂମି ଓ ପୀର ଜାହାନିଆ ପୀଠ ଭ୍ରମଣ କରି ନବବର୍ଷକୁ ଭରପୁର ଉପଭୋଗ କରିଥିଲେ। ଗତ ୨ ବର୍ଷ ଧରି କରୋନା କଟକଣା ଯୋଗୁ ଯାତ୍ରୀ ମା'ଙ୍କୁ ଦର୍ଶନ କରିପାରି ଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ଭିତର ଓ ବାହାର ଫୁଲ ମାଳରେ ସଜାଯାଇ ମନ୍ଦିରକୁ ଆକର୍ଷଣୀୟ କରାଯାଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ବନ୍ଦୋବସ୍ତ କରାଯାଇଥିଲା।

## ସଂକ୍ଷେପରେ

### କଟକଣା ମାନିଲେ ସେବାୟତ, ଶ୍ରୀମନ୍ଦିର କର୍ମଚାରୀ

ପୁରୀ ଅଫିସ, ୧।୧: ଜାନୁୟାରୀ ୧ ତାରିଖ ରବିବାରଠାରୁ ଶ୍ରୀମନ୍ଦିର ପରିସରକୁ ମୋବାଇଲ ଫୋନ ନେବା ଉପରେ କଟକଣା କାର୍ଯ୍ୟକାରୀ ହୋଇଛି। ପ୍ରଶାସନର ନୂତନ ନିୟମ ତଥା କଟକଣା ମାନି ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନେ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଓ ଦକ୍ଷିଣ ଦ୍ୱାର ନିକଟରେ କରାଯାଇଥିବା ସ୍ୱତନ୍ତ୍ର ମୋବାଇଲ ଷ୍ଟାଣ୍ଡରେ ସେମାନଙ୍କ ମୋବାଇଲ ଫୋନ ରଖି ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ତେବେ ବିନା କ୍ୟାମେରା ଥିବା ମୋବାଇଲ ଫୋନ ଉପରେ ଏହି କଟକଣା ନ ଥିଲା। ମହାପ୍ରଭୁଙ୍କ ନୀତି ନିର୍ଘଣ୍ଟ ଜାଣିବା ପାଇଁ ଶ୍ରୀମନ୍ଦିର ଗାରଦ ଓ ଶାଖା କାର୍ଯ୍ୟାଳୟରେ ଗୋଟିଏ ଲେଖାଏ ସ୍ମାର୍ଟ ଫୋନ ରହିପାରିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ସ୍ୱାମୀ ଅଟକ

ଗୋପ,୧।୧(ଡି.ଏନ୍.ଏ.): ପୁରୀ ଜିଲା ଗୋପ ଥାନା ପୋଲିସ ରବିବାର ରାତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ ଦେବଦୂତ ସାମନ୍ତରାୟଙ୍କ ସ୍ତ୍ରୀ ଶିବାନୀ ମହାନ୍ତି(୨୦)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏହି ଘଟଣାରେ ପୋଲିସ ଦେବଦୂତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ବେରୁହାମାଳି ଗ୍ରାମର ଦେବଦୂତ ଗୋପ ନିକଟ ଶାରଦାଠାରେ ଥିବା ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ୨୦୨୨ ମେ'୧୧ ରେ ଦେବଦୂତ ଗଞ୍ଜାମ ଜିଲା ତାଲସେରଗା ଅଞ୍ଚଳର ଶିବାନୀ ମହାନ୍ତିଙ୍କୁ ବିବାହ କରଥିଲେ। କିଛି ମାସ ପରେ ଦେବଦୂତ ତାଙ୍କ ସ୍ତ୍ରୀଙ୍କ ସହିତ ଗୋପ ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମରେ ଭଡ଼ାରେ ରହୁଥିଲେ। ତେବେ ରବିବାର ରାତିରେ ଶିବାନୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ସୋମବାର ସାଇଣ୍ଟିଫିକ୍ ଟିମ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି।

### କୃତୀ ୨ ଖେଳାଳିଙ୍କୁ ସ୍ୱାଗତ

ଡେଲାଙ୍ଗ,୧।୧(ଡି.ଏନ୍.ଏ.): ଡେଲାଙ୍ଗ ରେଳ ଷ୍ଟେଶନଠାରେ ଖୋଖୋ ଓ ହ୍ୟାଣ୍ଡବଲରେ ସର୍ବଭାରତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିଙ୍କୁ ସ୍ୱାଗତ କରାଯାଇଛି। ଖୋଖୋରେ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଅର୍ଚ୍ଚନା ପ୍ରଧାନ ଓ ହ୍ୟାଣ୍ଡବଲରେ ରାଧାକାନ୍ତ ବିଦ୍ୟାପୀଠର ଛାତ୍ର ଶାନ୍ତନୁ ବିଶ୍ୱାଳଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଡ. କ୍ଷେତ୍ରବାସୀ ପ୍ରଧାନ, ଶିକ୍ଷକ ରମେଶ ପରିଡା, ବସନ୍ତ ଦାସ, ମାଧବ ପ୍ରଧାନ, କେ.ପି.ପି ପ୍ରଧାନଶିକ୍ଷକ ହୃଷିକେଶ ବଳିୟାରସିଂ, ପର୍ଶୁରାମ ପ୍ରଧାନ, କ୍ରୀଡାଶିକ୍ଷକ ନଟବର ସେଠୀ, ଲିପିକା ଭୋଇ, ନନ୍ଦିତା ବେହେରା ପ୍ରମୁଖ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସର୍ବଭାରତୀୟ କନିଷ୍ଠ ଖୋଖୋ ପ୍ରତିଯୋଗିତା ପଶ୍ଚିମବଙ୍ଗର ହୁଗୁଳି ଜିଲାର ବଣ୍ଡେଲ ଠାରେ ଅନୁଷ୍ଠିତ ହୋଇଥିଲା। କ୍ରୀଡା ପ୍ରଶିକ୍ଷକ ସୂର୍ଯ୍ୟନାରାୟଣ ଜେନାଙ୍କ ତତ୍ତ୍ୱାଧାନରେ ଓଡିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଅର୍ଚ୍ଚନା ଭଲ ପଦର୍ଶନ କରିବା ସହିତ ଟିମ୍‌କୁ ରୌପ୍ୟ ପଦକ ହାସଲ କରାଇବାରେ ସଫଳ ହୋଇଥିଲେ। ପଶ୍ଚିମବଙ୍ଗରେ ଅର୍ଚ୍ଚନାଙ୍କୁ ଖୋଖୋ ଫେଡେରେଶନ ପକ୍ଷରୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଶାନ୍ତନୁ ଅହମ୍ମଦାବାଦ ଠାରେ ଅନୁଷ୍ଠିତ ହ୍ୟାଣ୍ଡବଲରେ ଭଲ ପଦର୍ଶନ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ସ୍ମୃତି ସମାରୋହ


ସ୍ମୃତି ସମାରୋହରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ।

ନିମାପଡ଼ା,୧।୧(ଡି.ଏନ୍.ଏ.)

ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ, ବରିଷ୍ଠ ସାମ୍ୟବାଦୀ ନେତା, ଓଡ଼ିଶାର ଚାଷୀ ଆନ୍ଦୋଳନର ପୁରୋଧା ସ୍ୱର୍ଗତ ମୋହନ ଦାସଙ୍କ ୨୮ତମ ସ୍ମୃତି ସମାରୋହ ରବିବାର ନିମାପଡ଼ା ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଶହୀଦ ସ୍ମୃତି ସଂସଦ ଓ ମୋହନ ଦାସ ସ୍ମୃତି କମିଟି ପକ୍ଷରୁ ଏହି ସଭା ଆୟୋଜିତ ହୋଇଥିଲା। ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସିପିଆଇର ଜାତୀୟ ପରିଷଦର ସମ୍ପାଦକ ରାମକୃଷ୍ଣ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ତଥା ମୋହନ ଦାସ ସ୍ମୃତି କମିଟି ସମ୍ପାଦକ ସନ୍ତୋଷ ଦାଶ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଶହୀଦ ସ୍ମୃତି ସଂସଦ ସମ୍ପାଦକ ଡ. ବେଣୁଧର ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ସ୍ମୃତି ଚାରଣ କରିଥିଲେ। ଆଜିର ଯୁବ ଛାତ୍ର ତଥା ଆଗାମୀ ଦିନର ଦେଶ ଓ ରାଜ୍ୟର ଭବିଷ୍ୟତମାନେ ସ୍ୱର୍ଗତ ନେତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ 'ମୁକ୍ତିର ନବ ଦିଗନ୍ତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ନିମାପଡ଼ା କଲେଜର ୧ଶହରୁ ଉର୍ଦ୍ଧ୍ୱ ପିଜି ଓ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ସମାରୋହରେ ବହୁ ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷୟିତ୍ରୀ, ଶିକ୍ଷକ, ବୁଦ୍ଧିଜୀବୀ, ସିପିଆଇ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇଥିଲେ। ସେହିପରି ନିମାପଡ଼ାର 'ଜାଗ୍ରତ ଯୁବଶକ୍ତି' ଯୁବ ସଂଗଠନ ପକ୍ଷରୁ ନିମାପଡ଼ା ଦୋଳବେଦି ଛକଠାରେ ଥିବା ମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଡା. ନେତ୍ରାନନ୍ଦ ଭୋଇ, ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ, ଜାଗ୍ରତ ଯୁବଶକ୍ତି ସଂଗଠନର ଆବାହକ ଆଦର୍ଶ ଦାଶ, ସାମ୍ୟବାଦୀ ନେତା ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତଙ୍କ ସହ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ରବିବାର ଦିବ୍ୟ ଜୀବନ ସଂଘ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରାର୍ଥନା ଦିବସ।

## ସ୍ୱେଚ୍ଛାକୃତ ରକ୍ତଦାନ କରି ଇଂଲିଶ୍ ନବବର୍ଷ ପାଳିଲେ ଯୁବକ

ପିପିଲି,୧।୧(ଡି.ଏନ୍.ଏ./ସ୍ୱ.ପ୍ର.)

ନବବର୍ଷ ଉପଲକ୍ଷେ ପିପିଲି ଗୁଡ଼ିଆ ପୋଖରୀ କୃପା ଜଳ କଲେଜ ନିକଟ ବିମଳା ପେଟ୍ରୋଲ ପମ୍ପ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା, ପିପିଲି ପେଷାଦାର ସାମ୍ବାଦିକ ସଂଘ ଓ ସ୍ୱପ୍ନେଶ୍ୱର ଗୋ ସେବା ସଦସ୍ୟଙ୍କ ମିଳିତ ଆନୁକୂଲ୍ୟରେ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ଏଥିରେ ବିମଳା ପେଟ୍ରୋଲ ପମ୍ପର ମାଲିକ ଶିଶିର ଦାସ ଓ ତାଙ୍କ ଝିଅ ମେଘାଶ୍ରୀ ଦାସ ଅତିଥି ଭାବେ ଶିବିର ଉଦ୍‌ଘାଟନ କରିଥିଲେ। ୪୧ଜଣ ଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ନବବର୍ଷ ପ୍ରଥମ ଦିନରେ ଏହିଭଳି ମହତ କାର୍ଯ୍ୟ ସମସ୍ତ ଯୁବ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ପିପିଲି ପେଷାଦାର ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ରାଜକିଶୋର ସ୍ୱାଇଁ କହିଛନ୍ତି। ଏଥିରେ ପିପିଲି ପେଷାଦାର ସାମ୍ବାଦିକ ସଂଘ ସଭାପତି ମନୋରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଚନ୍ଦ୍ରମାଧବ ମିଶ୍ର, ସ୍ୱପ୍ନେଶ୍ୱର ଗୋ ସେବା ଅନୁଷ୍ଠାନର ସନ୍ତୋଷ ପ୍ରଧାନ, ଅଜୟ ଆଚାର୍ଯ୍ୟ, ମକର ମହାନ୍ତି, ଶୁଶାନ୍ତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କେନ୍ଦ୍ରାପଡ଼ା ରକ୍ତ ଭଣ୍ଡାରର ଡା. ମାନସ ଜେନା, ସୌମ୍ୟରଞ୍ଜନ ସାହୁ, ରାକେଶ ମିଶ୍ର, ମନୋଜ ଦାସ, ସୌମ୍ୟରଞ୍ଜନ ସେଠୀ ଓ ଅବଦୁଲ ଆସିକ୍ ପ୍ରମୁଖ କର୍ମଚାରୀ ଶିବିରରେ ରକ୍ତ ସଂଗ୍ରହ କରିଥିଲେ।


ମହାପ୍ରଭୁଙ୍କ ଦର୍ଶନ ସାରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ହରିୟାଣାର ଆଇନ ମନ୍ତ୍ରୀ ପଶ୍ଚିମ ଦ୍ୱାର ବାଟେ ଫେରୁଛନ୍ତି।

## 'ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ'

ପୁରୀ ଅଫିସ, ୧।୧

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ପୁରୀ ବିକାଶ ପରିଷଦ ଦାବି କରି ରବିବାର ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପାଇଁ ଏସ୍‌ସିଏସ୍ କଲେଜର ସମସ୍ତ ପ୍ରକାର ଯୋଗ୍ୟତା ରହିଥିବା ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଯୁକ୍ତି ବାଢ଼ିଛନ୍ତି। ଗୋଟିଏ ବର୍ଷରେ ପ୍ରତିଷ୍ଠା ହୋଇଥିବା ବାଲେଶ୍ୱରର ଫକିର ମୋହନ କଲେଜ, ସମ୍ବଲପୁରର ଗଙ୍ଗାଧର ମେହେର କଲେଜ ଏବଂ ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର କଲେଜକୁ ଦୀର୍ଘଦିନ ତଳୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିବା ବେଳେ ଏସ୍‌ସିଏସ୍ କଲେଜ ପ୍ରତି ଅବହେଳା କରାଯାଉଛି ବୋଲି ବସ୍ତିଆ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିକି ପଛରେ ପ୍ରତିଷ୍ଠା ହୋଇଥିବା କେତେକ କଲେଜକୁ ମଧ୍ୟ ସରକାର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିଛନ୍ତି। ୧୯୪୪ ମସିହାରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପ୍ରଖ୍ୟାତ ଜ୍ୟୋତିର୍ବିଦ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ବା ପଠାଣି ସାମନ୍ତଙ୍କ ନାମରେ ଏହି କଲେଜ ପ୍ରତିଷ୍ଠା କରାଯାଇଛି। ମହାବିଦ୍ୟାଳୟରେ ବର୍ତ୍ତମାନ ପ୍ରାୟ ୫ହଜାର ଛାତ୍ରୀଛାତ୍ର ପଢୁଛନ୍ତି। ଏଠାରେ +୩, ସ୍ନାତକୋତ୍ତର, ବିଇଡି, ଏମବିଏ, ବିବିଏ ଏବଂ ଏମଏ (ଆର୍ଥିକ ନିୟନ୍ତ୍ରଣ) ପାଠ୍ୟକ୍ରମ ରହିଛି। ଏସିଏସ୍ ମହାବିଦ୍ୟାଳୟକୁ ଦୀର୍ଘଦିନ ତଳୁ ସ୍ୱୟଂଶାସିତ ଏବଂ ନାକ୍ ଏ ଗ୍ରେଡ୍ ମାନ୍ୟତା ମିଳିସାରିଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାରେ ପୁରୀର ଏହି ମହାବିଦ୍ୟାଳୟ ପ୍ରତି ରାଜ୍ୟ ସରକାର ଅବହେଳା ଏବଂ ପକ୍ଷପାତ କରୁଥିବା ପରିଷଦ ସଭାପତି ବସ୍ତିଆ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଆବଶ୍ୟକ ଜମି, କୋଠା, ଭିତ୍ତିଭୂମି, ଅଧ୍ୟାପକ, କର୍ମଚାରୀ ରହିଛନ୍ତି। ତେଣୁ ତୁରନ୍ତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିବାକୁ ବସ୍ତିଆ ଦାବି କରିଛନ୍ତି।

## ଜବାହର ପ୍ରିମିୟର କ୍ରିକେଟ ଲିଗ୍: ଲିଜେଣ୍ଡ୧୧ ଦଳ ଚାମ୍ପିୟନ

ପିପିଲି,୧।୧(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ବ୍ଲକ ଜବାହାର ବିଦ୍ୟାପୀଠ ଖେଳ ପଡ଼ିଆରେ ୩ୟ ବର୍ଷ ଜବାହାର ପ୍ରିମିୟର କ୍ରିକେଟ ଲିଗ୍ ଫାଇନାଲ ମ୍ୟାଚ୍ ରବିବାର ନବବର୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲିଜେଣ୍ଡେ୧୧ ଏବଂ ଇନ୍‌ଭିଜିବୁଲ୧୧ ମୁହାଁମୁହିଁ ହୋଇଥିଲେ। ଲିଜେଣ୍ଡ୧୧ ଦଳ ଟସ୍ ଜିତି ନିର୍ଦ୍ଧାରିତ ୬ ଓଭରରେ ୫ଉଇକେଟ୍ ହରାଇ ୭୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଇନଭିଜିବୁଲ୧୧ ଦଳ ୯ଉଇକେଟ ହରାଇ ୫୨ ରନ୍ କରି ପରାଜିତ ହୋଇଥିଲା। ଚଳିତବର୍ଷ ଲିଜେଣ୍ଡେ୧୧ ଦଳ ଜବାହାର ପ୍ରିମିୟର କ୍ରିକେଟ ଲିଗ ୩ୟ ବର୍ଷର ଚାମ୍ପିୟନ ହୋଇଥିଲା। ଆୟୋଜିତ ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କର ଜିଲା ସଭାପତି କିଶୋର ଛୋଟରାୟ, ସମ୍ମାନୀତ ଅତିଥି ଭାବେ ୨୪ ନଂ. ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ପିପିଲି ବ୍ଲକ ସାଂସଦ ପ୍ରତିନିଧି ନାରାୟଣ ସ୍ୱାଇଁ, ସାମାଜିକ କର୍ମୀ ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟୀ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୌମ୍ୟରଞ୍ଜନ ଦୀକ୍ଷିତ, ମ୍ୟାନ ଅଫ୍ ଦି ସିରିଜି ଭାବେ ଚନ୍ଦନ ପ୍ରଧାନଙ୍କୁ ସମ୍ମାନୀତ କରାଯାଇଥିଲା। ରଣଜିତ ରାୟ, ଦେବାଶିଷ ରାଉତ, ଏସ୍ ଶେଖର ପ୍ରଧାନ, ପିଙ୍କୁ ପ୍ରଧାନ, ପବିତ୍ର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ଲିଗ୍‌ରେ ମୋଟ ୬ଟି ଟିମ ଭାଗ ନେଇଥିଲେ। ଖେଳର ପ୍ରତ୍ୟେକ ମ୍ୟାଚ୍ ୧୦ ଓଭର ବିଶିଷ୍ଟ ଥିଲା। କିନ୍ତୁ ଫାଇନାଲ ମ୍ୟାଚ୍‌ଟି ୬ଓଭର ବିଶିଷ୍ଟ ହୋଇଥିଲା।


ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ଦେଶର ସୁରକ୍ଷା ପାଇଁ ଚାଖି ଖୁଣ୍ଟିଆଙ୍କ ଅବଦାନ ଅତୁଳନୀୟ

ପୁରୀ ଅଫିସ, ୧।୧

ଦେଶର ସୁରକ୍ଷା ଓ ଗୌରବ ପାଇଁ ବୀର ଶହୀଦ ଚାଖି ଖୁଣ୍ଟିଆଙ୍କର ଅବଦାନ ଅତୁଳନୀୟ ବୋଲି ରବିବାର ଚାଖି ଖୁଣ୍ଟିଆଙ୍କ ୨୦୧ ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ସଂସ୍କୃତି ଭବନରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ସହଯୋଗରେ ଚାଖି ଖୁଣ୍ଟିଆଙ୍କ ୨୦୧ ତମ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ ମହାପୁରୁଷମାନଙ୍କ ସେବା, ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ିକୁ ଅବଗତ କରାଯିବା ଉଚିତ ବୋଲି କହିଥିଲେ। ଚାଖି ଖୁଣ୍ଟିଆ ୧୮୫୭ ସିପାହୀ ବିଦ୍ରୋହ ପୂର୍ବରୁ ବ୍ରିଟିଶଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ। ରାଣୀ ଲକ୍ଷ୍ମୀବାଈଙ୍କ ରାକ୍ଷୀ ଭାଇ ଭାବେ ପରିଚିତ ଚାଖି, ଇଂରେଜମାନଙ୍କ ବିରୋଧରେ ଲଢେଇ ଜାରି ରଖିଥିଲେ। ତାଙ୍କୁ ରାଷ୍ଟ୍ରୀୟ ସଂଗ୍ରାମୀର ମାନ୍ୟତା ମିଳିବା ଆବଶ୍ୟକ। ତାଙ୍କ ଜୀବନୀ, ଆଦର୍ଶ, ତ୍ୟାଗ ସମ୍ପର୍କରେ ଛାତ୍ରୀଛାତ୍ର ଓ ସାଧାରଣ ଜନତାଙ୍କୁ ଅବଗତ କରାଯିବା ଆବଶ୍ୟକ ବୋଲି ସାହୁ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ଚାଖିଙ୍କ ଜୀବନୀ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରି ତାଙ୍କ ପରି ଦୁର୍ଦ୍ଧଶ ସଂଗ୍ରାମୀ ପୁରୀ ମାଟିରେ ଜନ୍ମ ନେବା ଅତ୍ୟନ୍ତ ଗୌରବର କଥା ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ଦାସମହାପାତ୍ର ଚାଖି ଖୁଣ୍ଟିଆଙ୍କ ଜନ୍ମ, ନାମର ସାର୍ଥକତା, କର୍ମ, ସଂଗ୍ରାମ, ଦେଶପ୍ରେମ, ଆଧ୍ୟାତ୍ମିକତା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ମାୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସ୍ମୃତି ସମିତି ସମ୍ପାଦକ ଧ୍ରୁବ ଚରଣ କର ଏବଂ କୃଷ୍ଣଚନ୍ଦ୍ର ହଜୁରୀ ପ୍ରମୁଖ ଯୋଗଦେଇ ଚାଖି ଖୁଣ୍ଟିଆଙ୍କ ସ୍ମୃତି ଚାରଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଚନ୍ଦନ ସୌରଭ ନାମକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଶ୍ରୀପର୍ଣ୍ଣା କଳା ପରିଷଦ ସ୍ୱାଗତ ସଙ୍ଗୀତ ଓ ଚାଖିଙ୍କ ରଚିତ ଭଜନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଭୀମସେନ ଖୁଣ୍ଟିଆ ଓ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅନାମ ଚନ୍ଦ୍ର ସାହୁ ଓ ଶିବ ସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ରବି ନାରାୟଣ ହଜୁରୀ ଓ ନୀଳକଣ୍ଠ ହଜୁରୀ ପ୍ରମୁଖ ଉପସ୍ଥିତ ଥିଲେ। ନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ।


ପିକେଡିଏସ୍ଥିତ ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ଚାଖି ଖୁଣ୍ଟିଆଙ୍କ ବୀରତ୍ୱକୁ ଏ ଜାତି ମନେ ରଖିବ

ପୁରୀ ଅଫିସ: ପୁରୀ ଜିଲା ପ୍ରଶାସନ ଓ ଚାଖି ଖୁଣ୍ଟିଆ ସ୍ମୃତି ସଂସଦ ପକ୍ଷରୁ ରବିବାର ପୁରୀ-କୋଣାର୍କ ଉନ୍ନୟନ ପରିଷଦ ଛକରେ ଚାଖି ଖୁଣ୍ଟିଆଙ୍କ ୨୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଚାଖି ଖୁଣ୍ଟିଆଙ୍କ ବୀରତ୍ୱକୁ ଏ ଜାତି ମନେ ରଖିବ ବୋଲି କହିଥିଲେ। ଧ୍ରୁବଚରଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ରଘୁନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ମିଶ୍ର, ଶିବ ସୁନ୍ଦର ମିଶ୍ର, ସମାଜସେବୀ ବଦ୍ରି ମିଶ୍ର, ଅନାମ ସାହୁ, ସୁଧାକର ମହାପାତ୍ର, ନାରାୟଣ ନନ୍ଦ, ସୁକାନ୍ତ ପଣ୍ଡା, ଗଙ୍ଗାଧର ନନ୍ଦ, ମାୟାଧର ମହାରଣା, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ରାଧାକାନ୍ତ ଦାଶ ହଜୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନୀଳକଣ୍ଠ ହଜୁରୀ, କୃଷ୍ଣଚନ୍ଦ୍ର ହଜୁରୀ, ବିଶ୍ୱନାଥ ହଜୁରୀ, ସୌମ୍ୟଜିତ୍ ହଜୁରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୁଷ-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ସ୍କାଉଟ-ଗାଇଡ୍ ଛାତ୍ରୀଛାତ୍ରଙ୍କୁ ନେଇ ବଦ୍ରି ମିଶ୍ର ଓ ସୁକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ମାନବ ଶୃଙ୍ଖଳ କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସକାଳ ୯ଟା।
- ବୋଉ ଫାଉଣ୍ଡେଶନ ପକ୍ଷରୁ ବୋଉ ଦିବସ, ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟ, ଅପରାହ୍ନ ୫ଟା ୩୦।
- ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ୨୦୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ସାଧାରଣ ସଭା, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା 'ଶୂନ୍ୟ ପଞ୍ଜୁରୀ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

ବାଲିଅନ୍ତା
- ବିଶ୍ୱଶାନ୍ତି ମହାଯଜ୍ଞ, କୁଶଗାଡ଼ିଆ ମଠ ପରିସର, ସକାଳ ୯ଟା।

ଟିଗିରିଆ
- ରେଙ୍ଗାଲି ଦକ୍ଷିଣ କେନାଲରୁ ଭୂତଳ ପାଇପ ଲାଇନରେ ଚାଷ ଜମିକୁ ଜଳ ଯୋଗାଣ ଶୁଭାରମ୍ଭ, ନୂଆସଡ଼କ, ଅପରାହ୍ନ ୨ଟା।

କଟକ
- ଟିପିସିଓଡିଏଲ୍‌ର ଦକ୍ଷତା ବିକାଶ କେନ୍ଦ୍ରର ଉଦ୍‌ଘାଟନ, ବାଦାମବାଡ଼ି, ପୂର୍ବାହ୍ନ ୧୧ଟା।

# ନୂଆବର୍ଷରେ ଉପବାସ ରହିଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୧।୧(ଡି.ଏନ୍.ଏ.)



ରବିବାର ଇଂଲିଶ ନବବର୍ଷ ୨୦୨୩ ପାଇଁ ଦେବାଳୟମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ତେବେ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଲିଙ୍ଗରାଜଙ୍କ ପୀଠରେ ବ୍ୟତିକ୍ରମ ଦେଖାଦେଇଛି। ଭୋଗ ମଣ୍ଡପଠାରୁ ଜଣେ ବ୍ୟକ୍ତି ମନ୍ଦିର ଗର୍ଭଗୃହରେ ଥିବା ଭୋଗ ମଣ୍ଡପକୁ ପ୍ରବେଶ କରିବାରୁ ଭୋଗ ମାରା ହୋଇଥିଲା, ଯାହାକୁ ନେଇ ଦିନ ତମାମ୍ ଦିଅଁଙ୍କର ନୀତି ବନ୍ଦ ରହିଥିଲା। ଅନ୍ୟପଟେ ଭୋଗକୁ ଅମଣିଆ କୂଅରେ ପକାଯିବା ଏବଂ ନ ପକାଯିବାକୁ କେନ୍ଦ୍ରକରି ବଡୁ ନିଯୋଗ ସମ୍ପାଦକ ଅରଗଳି ଫାଟକରେ ତାଲା ପକାଇ ଦେଇଥିଲେ।

ସୂଚନା ମୁତାବକ, ପ୍ରାତଃରୁ ଠାକୁରଙ୍କ ମଙ୍ଗଳ ଆଳତି, ଅବକାଶ ଓ ଅନ୍ୟାନ୍ୟ ନୀତି ହୋଇଥିଲା। ସକାଳ ଧୂପ ସରିବା ପରେ ଠାକୁରାଣୀଙ୍କ ସକାଳ ଧୂପ ହୋଇଥିଲା। ଭୋଗ ମଣ୍ଡପରେ ଠା' କରାଯାଇ ରୋଷରୁ ଭୋଗ ମଣ୍ଡପକୁ ଭୋଗ ବୁହାଇଥିଲେ ମହାସୁଆର ସେବାୟତ। ଏହି ସମୟରେ କପିଳେଶ୍ୱର ଗ୍ରାମର ଜଣେ ବ୍ୟକ୍ତି ଭୋଗ ମଣ୍ଡପ ଭିତରକୁ ପ୍ରବେଶ କରିଥିଲେ। ଫଳରେ ଭୋଗ ମାରା ହେବା ଦର୍ଶାଇ ସେବାୟତମାନେ ଠାକୁରଙ୍କ ନୀତି ବନ୍ଦ କରିଥିଲେ। ପ୍ରଶାସନର ଅବହେଳାରୁ ରାତି ୯ଟା ସୁଦ୍ଧା ନୀତିରେ ସୁଧାର ଆସିପାରି ନ ଥିଲା। ଅନ୍ୟପଟେ ମାରା ଭୋଗକୁ ଅମଣିଆ କୂଅରେ ପକାଯିବା ଓ ନ ପକାଯିବାକୁ କେନ୍ଦ୍ରକରି ବଡୁ ନିଯୋଗ ଏବଂ ବ୍ରାହ୍ମଣ ନିଯୋଗ ମଧ୍ୟରେ ବଚସା ହୋଇଥିଲା। ଏହାପରେ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ ଅରଗଳି ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ଶ୍ରଦ୍ଧାଳୁମାନେ ଗର୍ଭଗୃହକୁ ଯାଇ ନ ପାରି ଆଡ଼କାଠ ନିକଟରେ ଠାକୁରଙ୍କୁ ଦର୍ଶନ କରିଥିଲେ। ଏପରି କି କୌଣସି ସେବାୟତ ମଧ୍ୟ ଗର୍ଭଗୃହ ପର୍ଯ୍ୟନ୍ତ ଯାଇପାରି ନ ଥିଲେ। ଏନେଇ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କୁହନ୍ତି, କୋଠଭୋଗ, ଜଜମାନ ଭୋଗ ଓ ସମସ୍ତ ଭୋଗ ମାରା ହେବାପରେ ଅମୁଣିଆ କୂଅରେ ପକାଇଛୁ। ବଡୁ

### ଅରଗଳି ଫାଟକରେ ତାଲା ପକାଇଲେ

ନିଯୋଗ ଅରଗଳି ଫାଟକରେ ତାଲା ପକାଇ ଦେଇଥିଲା। ଏହି ଫାଟକର ତାଲା ମନ୍ଦିର ପ୍ରଶାସନ ରଖିବା ବେଳେ ବଡୁ ନିଯୋଗ କିଭଳି ତାଲା ରଖିଛନ୍ତି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି, ମହାସୁଆର ସେବାୟତମାନେ କେବଳ କୋଠଭୋଗକୁ ମାରା ହେବା ପରେ ଅମୁଣିଆ କୂଅରେ ପକାଇଛନ୍ତି। ଜଜମାନ ଭୋଗକୁ ସେମାନେ ଶ୍ରଦ୍ଧାଳୁମାନଙ୍କୁ ବିକ୍ରି କରିଥିଲେ। ଯେଉଁ ମାରା ଭୋଗକୁ କେବଳ ଭୂତ, ପ୍ରେତ ଖାଇଥା'ନ୍ତେ କିଭଳି ଶ୍ରଦ୍ଧାଳୁଙ୍କୁ ଦେଲେ। ସିସିଟିଭି ଫୁଟେଜ ଯାଞ୍ଚ କରାଗଲେ ସତ୍ୟତା ଜଣାପଡ଼ିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର କୁହନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସେବାୟତଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଏଥିରେ ଆମର କିଛି ଭୂମିକା ନାହିଁ। ମନ୍ଦିର ପ୍ରଶାସନ ଅଧୀନରେ ବଚାରଯୋଗ୍ୟ।

# ନୂଆବର୍ଷରେ ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୧।୧ (ବ୍ୟୁରୋ):** ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗୀସ୍ଥିତ ପିପୁଲ୍ସ ବସ୍ତିରେ ରହୁଥିବା ଜଣେ ଯୁବକ ଶନିବାର ବିଳମ୍ବିତ ରାତିରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଯୁଧିଷ୍ଠିର ମହାରଣା (୩୩)। ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ପରିବାରର ଆର୍ଥିକ ଅନଟନ ଯୋଗୁଁ ଏଭଳି ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁସାରେ, ରବିବାର ସକାଳ ୧୦ଟା ପର୍ଯ୍ୟନ୍ତ ଯୁଧିଷ୍ଠିର ଘର କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗିଥିଲେ । ପରେ ଯୁଧିଷ୍ଠିର ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଜଣାଇଥିଲେ । ଯୁଧିଷ୍ଠିରଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନୂଆବର୍ଷ ଶୁଭେଚ୍ଛା ଜଣାଇବା ପାଇଁ ନବୀନ ନିବାସରେ ନେତା, କର୍ମୀ ଓ ଶୁଭେଚ୍ଛୁଙ୍କ ଭିଡ଼।

# ଚନ୍ଦ୍ରଭାଗାରେ ପର୍ଯ୍ୟଟକଙ୍କ ମୃତ୍ୟୁ

କୋଣାର୍କ,୧।୧(ଡି.ଏନ୍.ଏ.)

ରବିବାର ଇଂଲିଶ ନବବର୍ଷରେ କୋଣାର୍କ ଚନ୍ଦ୍ରଭାଗା ଠାରେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାରଦାଣ୍ଡି ଗ୍ରାମର ରାଜକିଶୋର ପ୍ରଧାନ(୭୦)। ସୂଚନା ମୁତାବକ, ପରିବାର ସହ ରାଜକିଶୋର କୋଣାର୍କ ଚନ୍ଦ୍ରଭାଗା ବୁଲିବାକୁ ଆସି ବଣଭୋଜି କରୁଥିଲେ। ହଠାତ୍ ରାଜକିଶୋର ତଳେ ପଡ଼ିଯିବା ସହ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସରେ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୋଣାର୍କ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

# ଅର୍କକ୍ଷେତ୍ରରେ ଗଡ଼ିଲା ସୂର୍ଯ୍ୟ ରଥ

କୋଣାର୍କ,୧।୧(ଡି.ଏନ୍.ଏ.)



ନବବର୍ଷର ଆରମ୍ଭ ଆଉ ସୂର୍ଯ୍ୟପୂଜାର ପ୍ରାଚୀନ ପରମ୍ପରା ସହ ଜଡ଼ିତ ପବିତ୍ର ଶାମ୍ବଦଶମୀ ଅବସରରେ ରବିବାର ଅର୍କକ୍ଷେତ୍ର କୋଣାର୍କ ଚଳଚଞ୍ଚଳ ହୋଇପଡ଼ିଥିଲା। କୃଷ୍ଣପୁତ୍ର ଶାମ୍ବଙ୍କ ସୂର୍ଯ୍ୟପୂଜାରେ ରୋଗମୁକ୍ତ ହେବାର ପରମ୍ପରାକୁ ଉଜ୍ଜୀବିତ ରଖିବା ଲକ୍ଷ୍ୟନେଇ ଶହ ଶହ ବର୍ଷ ଧରି ଶାମ୍ବଦଶମୀ ଏକ ପାରମ୍ପରିକ ପର୍ବ ଭାବେ ପାଳିତ ହୋଇଆସୁଛି। ସବୁବର୍ଷ ଭଳି ଚଳିତ ଶାମ୍ବଦଶମୀରେ ମଧ୍ୟ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଥିଲା। ଫଳରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼ ହୋଇଥିଲା। ଶାମ୍ବଦଶମୀ ତିଥି ଅବସରରେ କୋଣାର୍କ ସେର ମହାଯଜ୍ଞ କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ସେର ମହାଯଜ୍ଞର ଉଦ୍‌ଯାପିତ ହୋଇଥିଲା।

ରବିବାର ପ୍ରତ୍ୟୁଷରୁ ଚନ୍ଦ୍ରଭାଗାରେ ସୂର୍ଯ୍ୟପୂଜା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଚନ୍ଦ୍ରଭାଗାରେ ସ୍ନାନସାରି ଶ୍ରଦ୍ଧାଳୁ ସୂର୍ଯ୍ୟପୂଜା ପରେ ନବଗ୍ରହ ପୀଠରେ ଗ୍ରହଶାନ୍ତି ପୂଜା କରିଥିଲେ। ଏଥିସହ ସେର ମହାଯଜ୍ଞ ପୀଠରୁ ହଜାର ହଜାର ଜନସାଧାରଣ ଏକ ବିରାଟ ପଟୁଆରରେ ଘଣ୍ଟ ମର୍ଦ୍ଦଳ ଓ ସଂକୀର୍ତ୍ତନ ଶୋଭାଯାତ୍ରାରେ ବାହାରି ସୂର୍ଯ୍ୟମନ୍ଦିର ପରିକ୍ରମା କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ଅର୍କକ୍ଷେତ୍ରରେ ପ୍ରାଚୀନ ସୂର୍ଯ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଅବଧୂତ ମଠର ମଠାଧୀଶ ଆଦିତ୍ୟ ଚରଣ ଦାଶ ସୂର୍ଯ୍ୟଦେବଙ୍କ ଚଳନ୍ତି ପ୍ରତିମାକୁ ରଥାରୂଢ଼ କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଜୟ ସୂର୍ଯ୍ୟନାରାୟଣ ଧ୍ୱନି ଦେଇ ସହସ୍ରାଧିକ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ସୂର୍ଯ୍ୟରଥ କୋଣାର୍କ ପରିକ୍ରମା କରିବା ସମୟରେ ଶତାଧିକ ପର୍ଯ୍ୟଟକ ଏଥିରେ ସାମିଲ ହୋଇ ରଥ ଟାଣିଥିଲେ। ଏହି ସୂର୍ଯ୍ୟ ରଥଯାତ୍ରାକୁ ଓଡ଼ିଶା ସେର ବ୍ରାହ୍ମଣ ପରିଷଦର କର୍ମକର୍ତ୍ତା ପରିଚାଳନା କରିଥିଲେ। ଏଥିସହ ଗାୟତ୍ରୀ ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟରଥ କୋଣାର୍କ ପରିକ୍ରମା କରି ମଧ୍ୟାହ୍ନରେ ଚନ୍ଦ୍ରଭାଗାରେ ପହଞ୍ଚିଥିଲା। ସେଠାରେ ଏହି ରଥ ୨୭ ତିଥି ନକ୍ଷତ୍ରରେ ପୂଜା ହେବାପରେ ଆସନ୍ତା

### ସାଧୁସନ୍ଥଙ୍କ ସମାଗମ, ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼

ମାଘସପ୍ତମୀ ତିଥିରେ ପୁଣି ଅବଧୂତ ମଠକୁ ବାହୁଡ଼ିବ। ରଥଟଣା ଶେଷ ପରେ ସେର ମହାଯଜ୍ଞ ମଣ୍ଡପରେ ଚାଲିଥିବା ତ୍ରିଦିବସୀୟ ମହାଯଜ୍ଞ ପୀଠରୁ ଏକ ଶୋଭାଯାତ୍ରା ବାହାରି ସୂର୍ଯ୍ୟମନ୍ଦିର ପରିକ୍ରମା କରିଥିଲା। ସେଠାରେ ଛାୟାଦେବୀ ମନ୍ଦିରରେ ସୂର୍ଯ୍ୟଙ୍କୁ ରୀତିନୀତି ଅନୁଯାୟୀ ଘଣ୍ଟଘଣ୍ଟି ହୁଳହୁଳି ସହ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ସେର ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ତ୍ରିଦିବସୀୟ ସେର ମହାଯଜ୍ଞରେ ବାଉରୀବନ୍ଧୁ ଶତପଥୀ ଓ ରବୀନ୍ଦ୍ର ଦ୍ୱିବେଦୀ ପ୍ରମୁଖ ପୂଜାପାଠ କରିଥିଲେ। ସେର ମହାଯଜ୍ଞ କମିଟି ସଭାପତି ଭାଗୀରଥି ସ୍ୱାଇଁ, ପ୍ରତାପ କାଣ୍ଡି, ଶରତ ମଲ୍ଲ, ରାମକୃଷ୍ଣ ମହାନ୍ତି, ରଘୁନାଥ ମହାପାତ୍ର, ପ୍ରିୟରଞ୍ଜନ ରଥ, ନିରଞ୍ଜନ ତ୍ରିପାଠୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉପଲକ୍ଷେ କୋଣାର୍କରେ ଅନେକ ସାଧୁସନ୍ଥଙ୍କ ସମାଗମ ହୋଇଥିଲା।

# ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ନୂଆବର୍ଷ ପାଳିତ

**ଭୁବନେଶ୍ୱର, ୧।୧ (ବ୍ୟୁରୋ):** ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ରବିବାର ନୂତନ ବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ବିଭାଗର ଅଧିକାରୀମାନେ ସାକ୍ଷାତ୍ କରି ନୂତନ ବର୍ଷର ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ୨୦୨୨ରେ ବିଭାଗର ବିଭିନ୍ନ କାର୍ଯ୍ୟ ସଫଳତା ସମ୍ପର୍କରେ ଅଧିକାରୀମାନେ ନିର୍ଦ୍ଦେଶକଙ୍କ ସହିତ ସେମାନଙ୍କର ଅଭିଜ୍ଞତା, ଅନୁଭୂତି ଓ ସ୍ମୃତି ବାଣ୍ଟିଥିଲେ। ବିଭାଗର ଉନ୍ନତି ସମ୍ପର୍କରେ ନିର୍ଦ୍ଦେଶକ ତ୍ରିପାଠୀ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁରବୀର ସିଂ ଓ ବିଶ୍ୱଜିତ ଦାସ, ସହକାରୀ ଅର୍ଥ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଉପନିର୍ଦ୍ଦେଶକ ବସନ୍ତ କୁମାର ମହାନ୍ତି, ସ୍ୱତନ୍ତ୍ର ପ୍ରଦର୍ଶନୀ ଅଧିକାରୀ ସୁବାସ ଚନ୍ଦ୍ର ନିଆଲ ଓ ଅନ୍ୟ ସୂଚନା ଅଧିକାରୀମାନେ ସାକ୍ଷାତ୍ କରି ନିର୍ଦ୍ଦେଶକଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ।



ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇବା ଅବସରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ।



ନୂଆବର୍ଷରୁ ସର୍ବସାଧାରଣଙ୍କ ପାଇଁ ଖୋଲିଥିବା ଲୋକସେବା ଭବନ ପୁଷ୍ପ ଉଦ୍ୟାନକୁ ଲୋକେ ବୁଲି ଦେଖିବା ସହ ଫଟୋ ଉଠାଉଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲୋପାମୁଦ୍ରା



@ ରଶ୍ମିତା



@ ଐଶ୍ୱର୍ଯ୍ୟା



@ ସ୍ୱାଗତ



@ ରାକେଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିନନ୍ଦନ ବାର୍ତ୍ତା ଲେଖିବାକୁ ନେଇ ୨ ଗାଁ ମଧ୍ୟରେ ସଂଘର୍ଷ: ୧୦ରୁ ଊର୍ଦ୍ଧ୍ୱ ଆହତ

ବ୍ରହ୍ମଗିରି,୧।୧(ଡି.ଏନ୍.ଏ.)

ନୂଆବର୍ଷ ପାଇଁ ରାସ୍ତାରେ ଅଭିନନ୍ଦନ ବାର୍ତ୍ତା ଲେଖିବାକୁ ନେଇ ରବିବାର ୨ ଗାଁ ମଧ୍ୟରେ ଗୋଷ୍ଠୀସଂଘର୍ଷ ଦେଖିବାକୁ ମିଳିଛି। ସଂଘର୍ଷ ବେଳେ କଟୁରି, ଶାବଳ, ଠେଙ୍ଗାମାଡ଼ରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ କୁସୁବେଣ୍ଟି ପଞ୍ଚାୟତର ଡୁମୁଡୁମା ଗ୍ରାମର କିଛି ଯୁବକ ଉକ୍ତ ପଞ୍ଚାୟତର ମହରାଜପୁର ଗ୍ରାମ ଛକରେ ଶନିବାର ରାତିରେ ନୂଆବର୍ଷ ପାଇଁ ବାର୍ତ୍ତା ଲେଖୁଥିଲେ। ସେହି ଲେଖାକୁ ମହରାଜପୁର ଗ୍ରାମର କିଛି ଯୁବକ ଆମ ଗ୍ରାମ ଛକରେ କିଛି

### ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଲେଖନାହିଁ କହି ବିରୋଧ କରିଥିଲେ। ରାତିରେ ଏହି ଘଟଣାକୁ ନେଇ ୨ ଗାଁର ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ରବିବାର ସକାଳୁ ଉଭୟ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏଥିସହ ମହରାଜପୁର ଗ୍ରାମର କିଛି ମହିଳା, ପୁରୁଷ ମହରାଜପୁର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାରୁ ରାସ୍ତା ଅବରୋଧ ଉଠିଥିଲା।



ନୂଆବର୍ଷ: ୨୦୨୩ର ପ୍ରଥମ ଦିନ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବବର୍ଷର ଅଭିନନ୍ଦନ ଜଣାଉଛନ୍ତି ଜଣେ ଦିବ୍ୟାଙ୍ଗ।



ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନର ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରେ ଥିବା ୩ ହାତୀଙ୍କୁ ରବିବାର ଢେଙ୍କାନାଳ-କପିଳାସ ରାସ୍ତାରେ ଚଲାଇ ନିଆଯାଉଛି। ହାତୀମାନେ ଦୈନିକ ହାରାହାରି ୫୦ କି.ମି. ଚାଲିବା ଜରୁରୀ ଥିବାବେଳେ ସେମାନଙ୍କ ଶାରୀରିକ ସୁସ୍ଥତା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ନୂଆବର୍ଷରେ ହାତୀଙ୍କ ଏଭଳି ପରିକ୍ରମାକୁ ପର୍ଯ୍ୟଟକମାନେ ଉପଭୋଗ କରିଥିଲେ।



ଭୁବନେଶ୍ୱର ଜୟଦେବ ବାଟିକାରେ ଲୋକମାନେ ବୁଲାବୁଲି କରୁଛନ୍ତି।





ଭୁବନେଶ୍ୱର ଖଣ୍ଡଗିରି ଓ ଉଦୟଗିରି ପାହାଡ଼କୁ ରବିବାର ନୂଆବର୍ଷ ପାଇଁ ବୁଲି ଆସିଥିବା ଲୋକମାନେ।



ଗଞ୍ଜାମର ତାରାତାରିଣୀ ମନ୍ଦିର।



ଦାରିଙ୍ଗିବାଡ଼ି ୱାଚ୍ ଟାୱାରରେ ପର୍ଯ୍ୟଟକ।



କଟକ ବାରବାଟୀ ଦୁର୍ଗର ପ୍ରାକୃତିକ ପରିବେଶରେ ବୁଲୁଥିବା ଲୋକମାନେ।



ଶାନ୍ତିସ୍ତୂପ ଧଉଳିରେ ନୂଆବର୍ଷ ଗହଳି।



ନୂଆବର୍ଷର ଶୁଭକାମନା କରି କଟକ ଚଣ୍ଡୀମନ୍ଦିରରେ ଦୀପ ଜାଳୁଥିବା ଶ୍ରଦ୍ଧାଳୁ।




ନୂଆବର୍ଷ ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ବୁଲିବାକୁ ଆସିଥିବା ଲୋକମାନେ।

**ତେଲଙ୍ଗାନାରେ ବଦଳିବ ଭାଜପା ନେତୃତ୍ୱ**

ତେଲଙ୍ଗାନାର ଭାଜପା ନେତୃତ୍ୱରେ ପରିବର୍ତ୍ତନ ହେବାକୁ ଯାଉଛି। ଆସନ୍ତା ଫେବୃୟାରୀ କିମ୍ବା ମାର୍ଚ୍ଚରେ ଭାଜପା ନେତା ବଣ୍ଡି ସଞ୍ଜୟଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ହୁଜୁରାବାଦ ବିଧାୟକ ଏଟାଲା ରାଜେନ୍ଦରଙ୍କୁ ଭାଜପା ରାଜ୍ୟ ସଭାପତି ନିଯୁକ୍ତ କରାଯିବା ସହ ଆସନ୍ତା ବିଧାନସଭା ନିର୍ବାଚନରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇପାରେ। ଭାଜପା ରାଷ୍ଟ୍ରୀୟ ଉପସଭାପତି ଡି.କେ. ଅରୁଣା, ପୂର୍ବତନ ଏମ୍‌ପି ଜିତେନ୍ଦର ରେଡ୍ଡୀ ରାଜ୍ୟ ନେତୃତ୍ୱ ଦୌଡ଼ରେ ଥିବାବେଳେ କେନ୍ଦ୍ରୀୟ ନେତୃତ୍ୱ ଏଟାଲା ରାଜେନ୍ଦରଙ୍କୁ ସଭାପତି ନିଯୁକ୍ତ କରିବାକୁ ଚାହୁଁଛି।

# ସବୁ ଦଳର ଦାବି ୨୦୨୩ରେ ସେମାନଙ୍କର ଭଲ ହେବ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

୨୦୨୩ ବର୍ଷରେ ରାଜ୍ୟ ରାଜନୀତି ଏକରକମ ସରଗରମ ହେବ ବୋଲି ଅନୁମାନ କରାଯାଉଛି। କାରଣ ଏହିବର୍ଷ ଶେଷଆଡ଼କୁ କିମ୍ବା ୨୦୨୪ ଆରମ୍ଭରୁ ରାଜ୍ୟରେ ସାଧାରଣ ନିର୍ବାଚନ ହୋଇପାରେ। ତେଣୁ ଏହି ବର୍ଷଟି ସବୁ ରାଜନୈତିକ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ତେବେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଏବର୍ଷ ସେମାନଙ୍କ ଲାଗି ଭଲ ହେବ ଏବଂ ସେମାନେ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୋଇପାରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ଶାସକ ଦଳ ଲାଗି ପୁଣିଥରେ ଲୋକଙ୍କ ଆସ୍ଥାଭାଜନ ହୋଇ ସରକାର ବିରୋଧୀ ହାୱାକୁ ପ୍ରତିହତ କରିବା ସହିତ ଆଗାମୀ ନିର୍ବାଚନ ଲାଗି ଟିକେଟ ବଣ୍ଟନ ପ୍ରକ୍ରିୟା ଠିକ୍ ଭାବେ କରିବା ଚ୍ୟାଲେଞ୍ଜିଂ ହେବ। ସେହିପରି ରାଜ୍ୟରେ ଭାଜପା ତୃଣମୂଳସ୍ତରରେ ନିଜ ସଙ୍ଗଠନକୁ ମଜଭୁତ କରି ସରକାରୀ ବିରୋଧୀ ହାୱା ଗାଁ ଗାଁରେ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ତେବେ ରାଜ୍ୟରେ ଅତ୍ୟନ୍ତ ଦୁର୍ବଳ ସ୍ଥିତିକୁ ଚାଲିଯାଇଥିବା କଂଗ୍ରେସ ପୁଣିଥରେ ପୂର୍ବାବସ୍ଥାକୁ ଫେରିବ ବୋଲି ଆଶା ରଖିଛି।

ରବିବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଏ ବର୍ଷ ଆମ ପାଇଁ ଥିବା ପ୍ରତ୍ୟେକ ଚ୍ୟାଲେଞ୍ଜଗୁଡ଼ିକୁ ସାମ୍ନା କରିବାକୁ କାର୍ଯ୍ୟକର୍ତ୍ତାମାନେ ପ୍ରସ୍ତୁତ ଅଛନ୍ତି। ବିଚାର ଆଧାରିତ ପାର୍ଟିରେ କାମ କରୁଥିବା କାର୍ଯ୍ୟକର୍ତ୍ତାଙ୍କୁ ନା ଚେରାପୁଞ୍ଜିର ବର୍ଷା ଧୋଇଦେବ ନା ତାଙ୍କୁ ଥର୍ ମରୁଭୂମିର ଉଷ୍ମତା ଜଳାଇ ପାରିବ। ମୋଦିଙ୍କୁ ସାରା ବିଶ୍ୱ ରୋଲ୍ ମଡେଲ୍ ମାନୁଛି। ମୋଦି ସରକାରଙ୍କ ସମସ୍ତ କେନ୍ଦ୍ରୀୟ ଯୋଜନାର ଲାଭ ସାରା ଦେଶବାସୀ ପାଉଛନ୍ତି। ହେଲେ ଓଡ଼ିଶା ସରକାରଙ୍କ ପାଇଁ ଏଭଳି ଯୁଗାନ୍ତକାରୀ ଯୋଜନାର ସୁଫଳ ରାଜ୍ୟବାସୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରି ନାହିଁ। ଦାୟିତ୍ୱବାନ୍ ଓ ସଚେତନ ବିରୋଧୀ ଦଳ ଭାବେ ବିଭିନ୍ନ ସମୟରେ ରାଜରାସ୍ତାଠାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ଭାଜପା ସ୍ୱର ଉଠାଇ ପ୍ରତିବାଦ କରିଆସୁଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ହକ୍ ପାଇଁ ଲଢ଼େଇ କରୁଛୁ। ୨୦୨୩ରେ ମଧ୍ୟ ଏହି ଲଢ଼େଇ ଜାରି ରହିବ ବୋଲି ସମୀର କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ କୋଟି କୋଟି ଟଙ୍କାର ଦୁର୍ନୀତି ଚାଲିଛି। ଏପରିକି ଚିଟ୍‌ଫଣ୍ଡ ଏବଂ ମାଇନିଂ ସ୍କାମ୍ ଚାଲିଛି। ମୁଖ୍ୟମନ୍ତ୍ରୀ ନିର୍ବାଚନ ଜିତିଯିବା ପରେ ଅଫିସରମାନଙ୍କୁ କ୍ଷମତା ବା ଶାସନ ଭାର ଦେଇ ଦଉଛନ୍ତି। ତେଣୁ ଓଡ଼ିଶାରେ ଅଫିସରରାଜ୍ ଚାଲିପାରିବ ନାହିଁ। ୨୦୨୩ ହେଉଛି କଂଗ୍ରେସ ପାଇଁ ସଂଘର୍ଷ କରିବାର ସମୟ। କଂଗ୍ରେସ ଘରକୁ ଘର ବୁଲିକି ଲୋକଙ୍କ ପାଖକୁ ଯାଇ ସଂଘର୍ଷ କରିବା ସହ ସେମାନଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କରିବୁ।

ବିଜେଡି ନେତ୍ରୀ ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡି ପାଇଁ କେତେବେଳେ ହେଲେ ଏଠି ଚ୍ୟାଲେଞ୍ଜ ହୋଇନାହିଁ। ନିର୍ବାଚନ କେବେ ମଧ୍ୟ ବିଜେଡି ପାଇଁ ଚ୍ୟାଲେଞ୍ଜ ହେଇନି। ବିଜେଡିର ନେତାମାନେ ସବୁବେଳେ ଲୋକଙ୍କ ସାଙ୍ଗରେ ରହି ସେମାନଙ୍କ କାମ କରୁଛନ୍ତି। ଦଳ ଭିତରେ କିଛି ଅସନ୍ତୋଷ ନାହିଁ, କାରଣ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଦାୟିତ୍ୱ ଦେଇ ରଖିଛନ୍ତି ବୋଲି ସେ କହିଛନ୍ତି।

# ରାହୁଲଙ୍କ ନୂଆ ଅବତାର ଜାରି ରହିଲେ ରାଜନୀତି ବଦଳିବ: ସଞ୍ଜୟ ରାଉତ

**ମୁମ୍ବାଇ,୧।୧**



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରାକୁ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ନେତା ସଞ୍ଜୟ ରାଉତ ପ୍ରଶଂସା କରିଛନ୍ତି। ରାହୁଲଙ୍କର ଏହି ଅବତାର ଯଦି ୨୦୨୩ରେ ଜାରି ରହେ, ତେବେ ୨୦୨୪ରେ ରାଜନୀତିରେ ପରିବର୍ତ୍ତନ ଆସିପାରେ ବୋଲି ସଞ୍ଜୟ ଦଳୀୟ ମୁଖପତ୍ର ସାମ୍‌ନାରେ ଲେଖିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ରାହୁଲ ଗାନ୍ଧୀ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଶିବସେନା ନେତା ତାଙ୍କର ସାପ୍ତାହିକ ସ୍ତମ୍ଭ 'ରୋକ୍‌ଠୋକ୍'ରେ ଲେଖିଛନ୍ତି, କେନ୍ଦ୍ର ସରକାର ମହାରାଷ୍ଟ୍ର ସମେତ ସାରା ଦେଶକୁ ଧୋକା ଦେଇଛନ୍ତି। ଏହା ସତ୍ତ୍ୱେ ରାହୁଲ ସତ୍ୟ ଓ ସାହସର ଯାତ୍ରା ଆରମ୍ଭ କରି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କ ଯାତ୍ରାକୁ ବନ୍ଦ କରିବା ଲାଗି ଅନେକ ଷଡ଼ଯନ୍ତ୍ର କରାଯାଇଛି। ପ୍ରବଳ ଶୀତ ଲହରି ସତ୍ତ୍ୱେ ରାହୁଲ ଟି-ସାର୍ଟ ପିନ୍ଧି ପଦଯାତ୍ରାର ନେତୃତ୍ୱ ନେଉଛନ୍ତି। ୨୦୨୨ ରାହୁଲଙ୍କ ଏକ ନୂଆ ଅବତାର ଦେଖିଛି। ଯଦି ଏହି ଅବତାର ୨୦୨୩ରେ ଜାରି ରହେ ତେବେ ରାଜନୀତିରେ ପରିବର୍ତ୍ତନ ଆସିବ ବୋଲି ଶିବସେନା ଏମ୍‌ପି କହିଛନ୍ତି।

# ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଛି: ସମୀର



ମା' ଉଗ୍ରତାରାଙ୍କୁ ଦର୍ଶନ କରି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଫେରୁଛନ୍ତି।

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ/ ନିରାକାରପୁର,୧।୧ (ଡି.ଏନ୍.ଏ)**

ନୂଆବର୍ଷରେ ଆମ ପାଇଁ ଥିବା ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ କାର୍ଯ୍ୟକର୍ତ୍ତା ପ୍ରସ୍ତୁତ। ଭାଜପା ଏକ ବିଚାର ଆଧାରିତ ଓ ଶୃଙ୍ଖଳିତ ଦଳ। ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟଙ୍କ ଏକାତ୍ମବାଦ ଦର୍ଶନକୁ ଆଧାରକରି ଭାଜପା ଓଡ଼ିଶାବାସୀଙ୍କ ସେବା କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାରା ବିଶ୍ୱ ରୋଲ୍ ମଡେଲ୍ ମାନୁଛି। କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ଲାଭ ଦେଶବାସୀ ପାଉଥିବାବେଳେ ଓଡ଼ିଶାରେ ଏହାର ସୁଫଳ ରାଜ୍ୟବାସୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରୁନାହିଁ। ଦାୟିତ୍ୱବାନ୍ ଓ ସଚେତନ ବିରୋଧୀ ଦଳ ଭାବେ ଭାଜପା ବିଭିନ୍ନ ସମୟରେ ସ୍ୱର ଉଠାଉଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ହକ୍ ପାଇଁ ଲଢେଇ କରୁଛି। ୨୦୨୩ରେ ମଧ୍ୟ ଏହି ଲଢ଼େଇ ଜାରି ରହିବ। ଆଗାମୀ ଦିନରେ ନୂତନ ଆଶା, ଉତ୍ସାହ ଓ ସମ୍ଭାବନା ନେଇ ଦଳ ନିର୍ବାଚନ ମଇଦାନକୁ ଓହ୍ଲାଇବ। ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ିଚାଲିଛି। ହାତଗଣତି ଦୁର୍ନୀତିର ପର୍ଦ୍ଦାଫାଶ କରି ସରକାର ଜନତାଙ୍କୁ ବୋକା ବନାଇବାର ଅପପ୍ରୟାସ କରୁଛନ୍ତି। ଓଡ଼ିଶାରେ ମହିଳା ସୁରକ୍ଷିତ ନୁହନ୍ତି। ଜେଲ ମଧ୍ୟ ସୁରକ୍ଷିତ ନୁହେଁ। ମମିତା ମେହେର ଆତ୍ମାକୁ ନ୍ୟାୟ ମିଳିପାରିଲା ନାହିଁ। ଗଣତନ୍ତ୍ରରେ ଜନତା ହିଁ ମାଲିକ ଏବଂ ସେମାନେ ରାଜ୍ୟ ସରକାରଙ୍କୁ ଉଚିତ ଜବାବ୍ ଦେବେ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଇଂଲିଶ ନବବର୍ଷ-୨୦୨୩ର ପ୍ରଥମ ଦିବସ ରବିବାର ସକାଳେ ଭାଜପା ରାଜ୍ୟ ସଭାପତି ଖୋର୍ଦ୍ଧାର ପ୍ରସିଦ୍ଧ ଶକ୍ତିପୀଠ ତଥା ଐତିହାସିକ ମୂଳିଝରଗଡ଼ର ଆରାଧ୍ୟା ଦେବୀ ମା' ଉଗ୍ରତାରାଙ୍କୁ ଦର୍ଶନ କରି ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟର କାମନା କରିଛନ୍ତି। ଶାମ୍ବଦଶମୀରେ ସେ ସମସ୍ତଙ୍କ ମଙ୍ଗଳ କାମନା କରି ସୂର୍ଯ୍ୟଦେବଙ୍କୁ ସାମୂହିକ ଦୀପଦାନ କରିଥିଲେ। ଭାରତ ଶୀର୍ଷ ସ୍ଥାନରେ ପହଞ୍ଚିବା ଏବଂ ଜି-୨୦ର ସଫଳତା ପାଇଁ ମା' ଉଗ୍ରତାରାଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି। ମହାନ୍ତିଙ୍କ ସହିତ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ ଏବଂ ରାଜ୍ୟ ମିଡିଆ ସହସଂଯୋଜକ ସୁଜିତ ଦାସ ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଲୁ ଖଣ୍ଡାୟତରାୟ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, ବିପିନ କୁମାର ପାଲଟାସିଂହ, ଆଲୋକ ରଞ୍ଜନ ଛୋଟରାୟ ଏବଂ ସୀତାରାମ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

କିଶୋର ବରାଳ, ଜୟକୃଷ୍ଣ ଦାଶ, ମନୋରଞ୍ଜନ ଦାଶ, ରମେଶ ବେହେରା, କେଦାର ସାହୁ, ଗଙ୍ଗାଧର ଚମ୍ପତି, ଅଭିମନ୍ୟୁ ଘଡ଼ୁଆଳ, ଜିତେନ୍ଦ୍ର ବେହେରା, ରଜତ ଶର୍ମା, ପ୍ରଭାତ ରାଉତରାୟ, ହରେକୃଷ୍ଣ ମହାନ୍ତି, ସତ୍ୟବାଦୀ ଭୁଜବଳ, ଶଶିକାନ୍ତ ମହାନ୍ତି, ଅନିଲ୍ ପଟ୍ଟନାୟକ, ଶିବ ପ୍ରସାଦ ପ୍ରଧାନ, ଭବାନୀ ଶଙ୍କର ଜେନା, ଜିତେନ୍ଦ୍ର ପ୍ରଧାନ, ସରୋଜିନୀ ପ୍ରଧାନ, ରଶ୍ମିତା ଭୁଜବଳ, ରବୀନ୍ଦ୍ର ଭୁଜବଳ, ଉଲ୍ଲାସ ବଳିୟାରସିଂହ, ଆଲୋକ ବାରିକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏମ୍‌ପି ଭାଜପା ନେତୃତ୍ୱକୁ ଉମା ଭାରତୀଙ୍କ ବିରୋଧ

**ଭୋପାଳ,୧।୧:** ମଧ୍ୟପ୍ରଦେଶରେ ଭାଜପା ନେତୃତ୍ୱକୁ ଦଳର ବରିଷ୍ଠ ନେତ୍ରୀ ଉମା ଭାରତୀ କିଛିଦିନ ହେଲା ଖୋଲାଖୋଲି ବିରୋଧ କରୁଥିବା ଦେଖାଯାଇଛି। ଏପରିକି ଆଗାମୀ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ବିଜୟୀ ହେବ ବୋଲି ସେ କହିଛନ୍ତି। ୨୦୧୯ରେ ସେ ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିବା ପରଠାରୁ ତାଙ୍କୁ ଦଳରେ ଅଣଦେଖା କରାଯାଉଛି। ଆସନ୍ତା ବର୍ଷ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଓ ୨୦୨୪ରେ ଲୋକ ସଭା ନିର୍ବାଚନ ଥିବା ବେଳେ ତାଙ୍କୁ ଦଳରେ ବିଶେଷ ଗୁରୁତ୍ୱ ଦିଆଯାଉ ନ ଥିବା ଉମା ଭାରତୀ ଅନୁଭବ କରୁଛନ୍ତି। ତାଙ୍କ ନିର୍ବାଚନ ମଣ୍ଡଳୀ ଖଜୁରାହୋରୁ ଏବେ ଭାଜପା ରାଜ୍ୟ ସଭାପତି ଭି.ଡି. ଶର୍ମା ଏମ୍‌ପି ଥିବାବେଳେ ଭୋପାଳରୁ ପ୍ରଜ୍ଞା ସିଂ ଠାକୁର ଏବଂ ଝାନ୍ସିରୁ ଅନୁରାଗ ଶର୍ମା ପ୍ରତିନିଧିତ୍ୱ କରୁଛନ୍ତି। ଅଗ୍ନିବର୍ଷୀ ନେତ୍ରୀ ଉମା ଭାରତୀ ୩ ଦିନ ପୂର୍ବରୁ ଛିନ୍ଦୱାରାଠାରେ ଗଣମାଧ୍ୟମକୁ କହିଥିଲେ, ଭଗବାନ ରାମ ଏବଂ ହନୁମାନ ଭାଜପାର ପେଟେଣ୍ଟ ନୁହନ୍ତି। ସେମାନଙ୍କୁ ଭକ୍ତି କରିବାର ଅଧିକାର ଏହି ଦଳକୁ କେବଳ ମିଳିନାହିଁ। ଭାଜପା ଏବଂ ଜନସଂଘ ପ୍ରତିଷ୍ଠା ହେବା ପୂର୍ବରୁ ଭଗବାନ ରାମ ଏବଂ ହନୁମାନ ରହିଥିଲେ। ମୋଗଲ ଏବଂ ବ୍ରିଟିଶ ଶାସନ କାଳରେ ମଧ୍ୟ ରାମ, ହନୁମାନଙ୍କ ଅବସ୍ଥିତି ଥିଲା। ବରିଷ୍ଠ କଂଗ୍ରେସ ନେତା କମଲ ନାଥ ତାଙ୍କ ନିର୍ବାଚନ ମଣ୍ଡଳୀ ଛିନ୍ଦୱାରାର ସେମାରିଆଠାରେ ୧୦୧ ଫୁଟ୍ ଉଚ୍ଚତା ବିଶିଷ୍ଟ ହନୁମାନ ମୂର୍ତ୍ତି ସହ ବିଶାଳ ମନ୍ଦିର ନିର୍ମାଣ କରିଥିବାରୁ ଭାଜପା ରାମ ଏବଂ ହନୁମାନଙ୍କ ନାଁରେ ଶପଥ ନେବ କି ବୋଲି ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ ଉମା କହିଥିଲେ।














































# ମସ୍ତିଷ୍କକୁ ସକ୍ରିୟ ରଖେ ଭିଟାମିନ୍ 'ଡି'



ଆମ ଶରୀରରେ ଭିଟାମିନ୍ 'ଡି' ସ୍ତର ସନ୍ତୁଳିତ ରହିବା ନିହାତି ଦରକାର। ବିଶେଷଭାବରେ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଭିଟାମିନ୍ 'ଡି'ର କେଉଁ ପ୍ରକାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡୁଛି, ତାହା ଜାଣିବା ଲାଗି ୟୁନିଭର୍ସିଟି ଅଫ୍ ବର୍ଲିନର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିୟମିତ ଭିଟାମିନ୍ 'ଡି' ଖାଇବା ଦ୍ୱାରା ଶରୀର ଭିତରେ 'ସେରୋଟୋନିକ୍' ନାମକ ତତ୍ତ୍ୱ ସନ୍ତୁଳିତ ରହିଥାଏ। ଏହାଫଳରେ ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ରହେ। ଶରୀରରେ ଭିଟାମିନ୍ 'ଡି' ସ୍ତର କମିଗଲେ ଅସ୍ଥି ଦୁର୍ବଳ ହୋଇଯାଏ। ଏହାସହ କ୍ୟାଲ୍‌ସିୟମ ସ୍ତର ଅସନ୍ତୁଳିତ ରହିଥାଏ। ଏପରି କି ଏହାଦ୍ୱାରା ହାର୍ଟ ଆଟାକ୍ ଏବଂ କିଡ୍‌ନୀରେ ଷ୍ଟୋନ୍ ହେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ମାଛ, ଅଣ୍ଡା, ଦୁଗ୍ଧଜାତୀୟ ଖାଦ୍ୟ ଏବଂ ଛତୁରେ ଏହି ଭିଟାମିନ୍ ଭରି ରହିଛି।

# ଜିନ୍ କାର୍ଯ୍ୟଧାରା ଅସନ୍ତୁଳିତ ହେଲେ...

ଆମ ଶରୀର ଭିତରେ ଯଦି ଜିନ୍‌ର କାର୍ଯ୍ୟଧାରା ଅସନ୍ତୁଳିତ ହୁଏ, ତେବେ ତାହା ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତାହା କ'ଣ ଜାଣନ୍ତି? ଏହାଦ୍ୱାରା ଜଣେ ବ୍ୟକ୍ତି ମେଦବହୁଳତାର ସମ୍ମୁଖୀନ ହେବାର ଆଶଙ୍କା ରହିଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। 'ଜିନ୍‌ର ଅସନ୍ତୁଳିତ କାର୍ଯ୍ୟଧାରା ଏବଂ ମେଦବହୁଳତା' ଶୀର୍ଷକ ବିଷୟ ଉପରେ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଜାଣିପାରିଥିଲେ ଯେ, ଜିନ୍‌ର କାର୍ଯ୍ୟ ଅସନ୍ତୁଳିତ ରହିଲେ ତାହା ମେଦବହୁଳତାକୁ ଡାକି ଆଣିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏଭଳି ସମମ୍ୟା ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କର ଓଜନ ମାପିବା ସମୟରେ ଏହାଦ୍ୱାରା ସେମାନଙ୍କର ଓଜନ ବଢୁଥିବାର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ।



# ଭାରତର ପ୍ରଥମ ଘରୋଇ ରକେଟ୍



ନିକୁଞ୍ଜ ବିହାରୀ ସାହୁ

"ବିକ୍ରମ-ଏସ୍ ରକେଟ୍‌ର ଉତ୍‌କ୍ଷେପଣ ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ଏକ ବିରାଟ ପ୍ରଯୁକ୍ତିଗତ ଉପଲବ୍ଧି ଏବଂ ସେମାନଙ୍କ ଅଫୁରନ୍ତ ପ୍ରତିଭାର ପରିଚୟ। ଘରୋଇ ଉଦ୍ୟୋଗର ଅନ୍ତରୀକ୍ଷ କ୍ଷେତ୍ରରେ ବହୁଳ ଭାଗୀଦାରି ସୁନିଶ୍ଚିତ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଅନ୍ତରୀକ୍ଷ ବିଭାଗ ଅଧୀନରେ 'ରାଷ୍ଟ୍ରୀୟ ଅନ୍ତରୀକ୍ଷ ସଂବର୍ଦ୍ଧନ ଓ ପ୍ରାଧିକରଣ କେନ୍ଦ୍ର ନାମକ ଏକ ସଂସ୍ଥା ଗଠନ କରାଯାଇଛି। ଏହା ଏପର୍ଯ୍ୟନ୍ତ ଅନ୍ତରୀକ୍ଷ କ୍ଷେତ୍ରରେ କାର୍ଯ୍ୟରତ ୫ଟି ଘରୋଇ ସଂସ୍ଥାକୁ ଭାରତରେ ଅନ୍ତରୀକ୍ଷ ଅନୁସନ୍ଧାନ ନିମନ୍ତେ ପ୍ରାଧିକାର ପ୍ରଦାନ କରିବା ସାଙ୍ଗକୁ ସମୁଦାୟ ୧୬ଟି ରାଜିନାମା ସ୍ୱାକ୍ଷରିତ କରିସାରିଛି।"



ଗତ ବର୍ଷ ନଭେମ୍ବର ୧୮ ତାରିଖରେ ଭାରତର ଅନ୍ତରୀକ୍ଷ ଅଭିଯାନ କ୍ଷେତ୍ରରେ ଏକ ନୂତନ ଯୁଗର ଅୟମାରମ୍ଭ ହୁଏ। ଏହି ଦିନ ବେସରକାରୀ ଉଦ୍ୟମରେ ନିର୍ମିତ ଏକ ରକେଟ୍ ପ୍ରଥମ ଥର ପାଇଁ ମହାକାଶକୁ ଉତ୍‌କ୍ଷେପିତ ହୋଇଛି। ଏହି ରକେଟ୍‌ର ନାମ ବିକ୍ରମ-ଏସ୍ (VIKRAM-S), ଯାହାକୁ ଇସ୍ରୋର ଶ୍ରୀହରିକୋଟାସ୍ଥିତ ଉତ୍‌କ୍ଷେପଣ କେନ୍ଦ୍ରରୁ ସଫଳତାର ସହିତ ପ୍ରେରଣ କରାଯାଇଛି। ପୂର୍ବରୁ ଆମ ଦେଶରେ ଅନ୍ତରୀକ୍ଷ କାର୍ଯ୍ୟକ୍ରମ କେବଳ ସରକାରୀ ଉଦ୍ୟମରେ ପରିଚାଳିତ ଭାରତୀୟ ଅନ୍ତରୀକ୍ଷ ସଙ୍ଗଠନ (ଇସ୍ରୋ, ISRO)ର ଏକଚାଟିଆ ଅଧିକାର ଥିଲା, ଯାହା ୧୯୬୯ ମସିହାରେ ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ଜନକ ଡ. ବିକ୍ରମ ସରାଭାଇଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠା ହୋଇଥିଲା।

ଇସ୍ରୋ ନିଜର ଦୀର୍ଘ ୩୩ ବର୍ଷର ସମୟକାଳ ମଧ୍ୟରେ ଆମର ପଡ଼ୋଶୀ ଚନ୍ଦ୍ର ଓ ମଙ୍ଗଳ ଗ୍ରହ ସମେତ ସମଗ୍ର ଅନ୍ତରୀକ୍ଷକୁ ନିଜସ୍ୱ ଯାନ ଜରିଆରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ପ୍ରେରଣ କରିବା ସାଙ୍ଗକୁ ଅନ୍ୟ ରାଷ୍ଟ୍ରମାନଙ୍କର ଉପଗ୍ରହସବୁକୁ ମଧ୍ୟ ମହାକାଶରେ ଅବସ୍ଥାପିତ କରି ନିଜର ଦକ୍ଷତା ଓ ଉତ୍କର୍ଷର ପରିଚୟ ଦେଇଛି। ଏହା ଭାରତକୁ ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇବା ସାଙ୍ଗକୁ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ଯଥା କୃଷି, ଜଙ୍ଗଲ, ପାଣିପାଗ ନିରୂପଣ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କ୍ଷେତ୍ରରେ ନିଜର ଯୋଗଦାନ ସୁନିଶ୍ଚିତ କରି ରାଷ୍ଟ୍ରୀୟ ପ୍ରଗତିକୁ ତ୍ୱରାନ୍ୱିତ କରିଛି। ଏହି ସଂସ୍ଥା ସ୍ୱଳ୍ପ ପୁଞ୍ଜି ବିନିଯୋଗ ଦ୍ୱାରା ଭାରତ ଭଳି ଏକ ବିକାଶଶୀଳ ଦେଶ ପକ୍ଷରେ କିପରି ମହାକାଶ ଅଭିଯାନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିବା ସମ୍ଭବ ତାହା ପ୍ରମାଣିତ କରିଛି। ମାତ୍ର ଏକ ବ୍ୟବସାୟିକ ସଂସ୍ଥା ରୂପେ 'ଇସ୍ରୋ' ଆଶାନୁରୂପ ସଫଳତା ପ୍ରାପ୍ତ ହୋଇପାରି ନାହିଁ ଏବଂ ବିଶ୍ୱ ଅନ୍ତରୀକ୍ଷ ବଜାରରେ ଏହାର ଆୟ ମାତ୍ର ୨% ମାତ୍ରା ମଧ୍ୟରେ ସୀମିତ ଅଛି। ଏହା ସେତେଟା ଆଖିଦୃଶିଆ ହୋଇ ନ ଥିଲେ ସୁଦ୍ଧା ଇସ୍ରୋ ଆଗାମୀ ଦିନରେ ବେସରକାରୀ



ସଂସ୍ଥାମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅନ୍ତର୍ଭୁକ୍ତ କରି ନିଜର ଆୟକୁ ୮%କୁ ବୃଦ୍ଧି କରିବାକୁ ଆଶା ରଖିଛି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ରାଷ୍ଟ୍ରୀୟ ଅନ୍ତରୀକ୍ଷ ନୀତି (NATIONAL SPACE POLICY) ବେସରକାରୀ ସଂସ୍ଥାମାନଙ୍କୁ ଅନ୍ତରୀକ୍ଷ କ୍ଷେତ୍ରରେ ଯୋଗଦାନ କରିବାକୁ ପ୍ରୋତ୍ସାହିତ କରିବ, ଯାହା ଫଳରେ ସେମାନେ ନିଜସ୍ୱ ଯାନ ଓ ଉପଗ୍ରହ ବିକଶିତ କରି ସେସବୁକୁ ଇସ୍ରୋର ଉତ୍‌କ୍ଷେପଣ ଘାଟିରୁ ମହାକାଶକୁ ପ୍ରେରଣ କରିବା ସାଙ୍ଗକୁ ବ୍ୟବସାୟିକ ଉପଲବ୍ଧି ହାସଲ କରିପାରିବେ। ଅନ୍ତରୀକ୍ଷ କ୍ଷେତ୍ରକୁ ଘରୋଇକରଣ ନିମନ୍ତେ ଆମେରିକୀୟ ମହାକାଶ ସଂସ୍ଥା ନାସା (NASA)କୁ ପ୍ରାୟ ଏକ ଦଶକ ସମୟ ଲାଗିଥିଲାବେଳେ ଇସ୍ରୋ ଏହି ଲକ୍ଷ୍ୟକୁ ଆଗାମୀ ୧୦-୧୫ ବର୍ଷ ସମୟ ମଧ୍ୟରେ ହାସଲ କରିବ ବୋଲି ଆଶା ବାନ୍ଧିଛି। ଘରୋଇ ସଂସ୍ଥାମାନଙ୍କୁ ଭିତ୍ତିଭୂମି ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଇସ୍ରୋ ଏବେ ଶ୍ରୀହରିକୋଟାଠାରେ ଏକ ତୃତୀୟ ଉତ୍‌କ୍ଷେପଣ ମଞ୍ଚ (LAUNCH PAD) ଓ ତାମିଲନାଡୁର ତୁତିକୋରିନଠାରେ ଏକ ନୂଆ ଅନ୍ତରୀକ୍ଷ ବନ୍ଦର (SPACE PORT) ସ୍ଥାପନ କରିବାକୁ ପଦକ୍ଷେପ ନେଉଛି।

ବିକ୍ରମ-ଏସ୍ ରକେଟ୍‌କୁ ହାଇଦ୍ରାବାଦସ୍ଥିତ ଏକ ଷ୍ଟାର୍ଟ-ଅପ୍ 'ସ୍କାଇରୁଟ ଏରୋସ୍ପେସ୍' ଦୀର୍ଘ ଦୁଇ ବର୍ଷର ଗବେଷଣା ଓ କଠିନ ପରିଶ୍ରମ କରି ବିକଶିତ କରିଥିଲା। କଠିନ ଇନ୍ଧନରେ ଚାଳିତ ୬ ମିଟର ଲମ୍ବର ନିମ୍ନ-କକ୍ଷପଥୀୟ (SUB-ORBITAL) ଗତି ବିଶିଷ୍ଟ ଏହି ରକେଟ୍ ଉତ୍‌କ୍ଷେପଣ ପରେ ୫ ମିନିଟ କାଳ ଉଡ୍ଡାଣ ଭରି ଅନ୍ତରୀକ୍ଷରେ ୮୯.୫ କି.ମି. ଦୂରତା ଆରୋହଣ କରିଥିଲା ଏବଂ ଇପ୍ସିତ ଅଭିଯାନର ସମସ୍ତ ଲକ୍ଷ୍ୟ ହାସଲ କରି ବଙ୍ଗୋପ ସାଗରରେ ପତନ ଦେଇଥିଲା। ବିକ୍ରମ-ଏସ୍ ରକେଟ୍‌ର ଏକ ବିଶେଷତ୍ୱ ହେଉଛି ଯେ, ଏହାର ନିର୍ମାଣରେ କିଛି ଅତ୍ୟାଧୁନିକ ପ୍ରଯୁକ୍ତି ଓ ଜ୍ଞାନକୌଶଳ ବ୍ୟବହାର କରାଯାଇଛି, ଯାହା ମଧ୍ୟରେ ଏହାର ଧୂଆଁନଳୀ ରୂପରେଖ ପ୍ରସ୍ତୁତିରେ ଓଡି (3D) ପ୍ରିଣ୍ଟର କୌଶଳ ଏବଂ ମୋଟର ଆବରଣ ଗଠନରେ ନାନୋ-କାର୍ବନ୍ ପ୍ରଯୁକ୍ତି ପ୍ରମୁଖ ଅଟେ। ଏହାର ଉତ୍‌କ୍ଷେପଣ କାଳୀନ ଓଜନ ୫୪୫ କି.ଗ୍ରା., ଯାହା ୮୦ କି.ଗ୍ରା. ଭାର ବହନ କରି ଅନ୍ତରୀକ୍ଷକୁ ଯାତ୍ରା କରିବାକୁ ସକ୍ଷମ। ସ୍କାଇରୁଟ୍ କମ୍ପାନୀ ଆଗାମୀ ଦିନରେ ଆମ ଦେଶର କେନ୍ଦ୍ରୀୟ ନିୟନ୍ତ୍ରକ ସଂସ୍ଥା 'ରାଷ୍ଟ୍ରୀୟ ଅନ୍ତରୀକ୍ଷ ସଂବର୍ଦ୍ଧନ ଓ ପ୍ରାଧିକରଣ କେନ୍ଦ୍ର'ଙ୍କ ଅନୁମତି କ୍ରମେ କକ୍ଷରେ ଅବସ୍ଥାପିତ ହୋଇ ଗତି କରିପାରୁଥିବା ବିକ୍ରମ-୧ ଶ୍ରେଣୀର ଉନ୍ନତ ରକେଟ୍ ପ୍ରେରଣ କରି ଅନ୍ତରୀକ୍ଷ ଅଭିଯାନର କିଛି ଜଟିଳ ଜ୍ଞାନକୌଶଳ ପରୀକ୍ଷା କରିବାକୁ ଆଶା ବାନ୍ଧିଛି। ଏହି ଅଭିଯାନକୁ ଭାରତର ଅନ୍ତରୀକ୍ଷ କାର୍ଯ୍ୟକ୍ରମର ଜନକ ଡ. ବିକ୍ରମ ସରାଭାଇଙ୍କ ନାମରେ ନାମିତ କରାଯାଇଛି।

ବିକ୍ରମ-ଏସ୍ ରକେଟ୍‌ର ଉତ୍‌କ୍ଷେପଣ ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ଏକ ବିରାଟ ପ୍ରଯୁକ୍ତିଗତ ଉପଲବ୍ଧି ଏବଂ ସେମାନଙ୍କ ଅଫୁରନ୍ତ ପ୍ରତିଭାର ପରିଚୟ। ଘରୋଇ ଉଦ୍ୟୋଗର ଅନ୍ତରୀକ୍ଷ କ୍ଷେତ୍ରରେ ବହୁଳ ଭାଗୀଦାରି ସୁନିଶ୍ଚିତ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଅନ୍ତରୀକ୍ଷ ବିଭାଗ ଅଧୀନରେ 'ରାଷ୍ଟ୍ରୀୟ ଅନ୍ତରୀକ୍ଷ ସଂବର୍ଦ୍ଧନ ଓ ପ୍ରାଧିକରଣ କେନ୍ଦ୍ର ନାମକ ଏକ ସଂସ୍ଥା ଗଠନ କରାଯାଇଛି। ଏହା ଏପର୍ଯ୍ୟନ୍ତ ଅନ୍ତରୀକ୍ଷ କ୍ଷେତ୍ରରେ କାର୍ଯ୍ୟରତ ୫ଟି ଘରୋଇ ସଂସ୍ଥାକୁ ଭାରତରେ ଅନ୍ତରୀକ୍ଷ ଅନୁସନ୍ଧାନ ନିମନ୍ତେ ପ୍ରାଧିକାର ପ୍ରଦାନ କରିବା ସାଙ୍ଗକୁ ସମୁଦାୟ ୧୬ଟି ରାଜିନାମା ସ୍ୱାକ୍ଷରିତ କରିସାରିଛି। ଏହା ମଧ୍ୟ ଇତିମଧ୍ୟରେ ବିଭିନ୍ନ ଘରୋଇ ସଂସ୍ଥାଠାରୁ ଅନ୍ତରୀକ୍ଷ କ୍ଷେତ୍ରକୁ ଉପଯୋଗ ନିମନ୍ତେ ଅନୁରୋଧ, ସୁବିଧା ପ୍ରଦାନ ଓ ସମର୍ଥନ ନିମନ୍ତେ ୧୫୦ଟି ଆବେଦନ ପ୍ରାପ୍ତ ହୋଇସାରିଛି। ଅନ୍ତରୀକ୍ଷ କ୍ଷେତ୍ରର ଘରୋଇକରଣ ପ୍ରକ୍ରିୟା ପ୍ରଥମେ ୨୦୨୦ ଜୁନ୍‌ରେ ଭାରତ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁସାରେ ଆରମ୍ଭ ହୋଇଥିଲା। (କ୍ରମଶଃ..)

- ଏଜୁକେସନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

# କୁକିଂ ଏକ୍ସପର୍ଟ ରୋବୋ

ଆଜିକାଲି ବିଭିନ୍ନ କ୍ଷେତ୍ରରେ ରୋବୋର ବ୍ୟବହାର କରାଯାଉଛି। ଏପରି କି ଚିକିତ୍ସା ବିଜ୍ଞାନରେ ପୁଣି ଅପରେଶନ ସମୟରେ ଏହାର ସହାୟତା ନିଆଯାଉଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏଭଳି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ଘରର ଅନେକ କାମକୁ ସୂଚାରୁ ରୂପେ ସମ୍ପାଦନ କରିପାରିବ। ଉନ୍ନତ ଜ୍ଞାନକୌଶଳ ଦ୍ୱାରା ତିଆରି ହୋଇଥିବା ଉକ୍ତ ରୋବୋ ରୋଷେଇ ମଧ୍ୟ କରିପାରିବ। କେବଳ ସେତିକି ନୁହେଁ, ଘରଦ୍ୱାର ସଫା କରିବା ଏପରି କି ବାସନମାଜିବା କାମକୁ ମଧ୍ୟ ତୁଲାଇପାରିବ। ଏହି ରୋବୋରେ ୨୫ଟି ମୋଟର ଏବଂ ୧୩୦ଟି ସେନ୍‌ସର ଲାଗିଛି। ରୋବୋ ରୋଷେଇ କରିବା ସମୟରେ ତାକୁ ପ୍ରାରମ୍ଭିକ କିଛି ସୂଚନା ଦେବା ସହ ଅଳ୍ପ ସମୟ ଅନୁଧ୍ୟାନ କରିବା ପରେ ସେ ଅକ୍ଲେଶରେ ରୋଷେଇ କାମକୁ ସମ୍ପାଦନ କରିପାରିବ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ସୂଚନା ଦିଆଯାଇଛି।



# ଷ୍ଟେମ୍ ସେଲ୍ ଓ ଡାଇବେଟିସ୍

ଜଣେ ବ୍ୟକ୍ତି ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେଲେ ଏଥିଲାଗି ସତର୍କ ରହିବାକୁ ପଡିଥାଏ। ବିଶେଷ ଭାବରେ ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ, ଔଷଧ ଖାଇବା ଏବଂ ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନେବା ପ୍ରତି ନଜର ଦେବାକୁ ହୋଇଥାଏ। ଡାଇବେଟିସ୍‌ରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବା ସମ୍ଭବ ନୁହେଁ। ଏହାକୁ କେବଳ ନିୟନ୍ତ୍ରଣରେ ରଖାଯାଇଥାଏ। ତେବେ ଏଥିଲାଗି ଏକ ନୂଆ ଉପାୟ ଖୋଜି ପାଇଛନ୍ତି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଷ୍ଟେମ୍ ସେଲ୍‌କୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ମତ ଦେଇଛନ୍ତି ଯେ, ଯଦି ଏହି ସେଲ୍‌କୁ ଇନ୍‌ସୁଲିନ୍‌ରେ ରୂପାନ୍ତରିତ କରାଯାଇପାରନ୍ତା, ତେବେ ଏହାଦ୍ୱାରା ଡାଇବେଟିସ୍‌କୁ ନିୟନ୍ତ୍ରଣରେ ରଖାଯାଇପାରନ୍ତା। ତେବେ ଏଭଳି କଥା ପଛରେ ଆହୁରି କେତେ ସତ୍ୟତା ଅଛି, ତାହା ଜାଣିବାକୁ ଆଉ ଗବେଷଣାର ଆବଶ୍ୟକତା ରହିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ବୁଦ୍ଧିମତ୍ତା ବୃଦ୍ଧି କରିବାର ସହଜ ଉପାୟ

ବୁଦ୍ଧିମତ୍ତା ବୃଦ୍ଧି କରିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଏଥିପାଇଁ ଆପଣଙ୍କୁ ନିଜର ଜୀବନଶୈଳୀ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ପ୍ରଥମେ ନିତିଦିନିଆ ରୁଟିନ୍‌ରେ ବ୍ୟାୟାମ ସାମିଲ କରନ୍ତୁ। ତା'ସହ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ। ଯଦି ଆପଣଙ୍କର ବିଳମ୍ବରେ ଖାଇବାର ଅଭ୍ୟାସ ଅଛି, ତେବେ ତାହାକୁ ତୁରନ୍ତ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ବିଳମ୍ବରେ ଖାଦ୍ୟ ଖାଇଲେ ତାହା ବୁଦ୍ଧିମତ୍ତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ମତବ୍ୟକ୍ତ କରିଛନ୍ତି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ। ନିୟମିତ ବିଳମ୍ବରେ ଖାଉଥିବା କେତେକ ବ୍ୟକ୍ତିଙ୍କର ବୁଦ୍ଧିମତ୍ତାକୁ ସେମାନେ ଠିକ୍ ସମୟରେ ଖାଦ୍ୟ ଖାଉଥିବା ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ସହ ତୁଳନା କରି ସେମାନେ ଏକଥା ଜାଣିବାକୁ ପାଇଥିଲେ। ଠିକ୍ ସମୟରେ ଖାଦ୍ୟ ଖାଇଲେ ତାହା ବୁଦ୍ଧିମତ୍ତା ବିକାଶରେ କେତେକାଂଶରେ ସାହାଯ୍ୟ କରିଥାଏ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଅଧିକ ଝାଳ ବୋହିଲେ...



ଆମ ଶରୀରରୁ ଝାଳ ବାହାରିବା ଦରକାର। ହେଲେ କେତେକ ବ୍ୟକ୍ତିଙ୍କ ଦେହରୁ ଆବଶ୍ୟକତାଠାରୁ ଅଧିକ ଝାଳ ବୋହିଥାଏ। ଏଭଳି ସମସ୍ୟା ଦେଖାଦେଲେ ତାହା କେତେକ ରୋଗର କାରଣ ସାଜିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଯଦି ଜଣେ ବ୍ୟକ୍ତିଙ୍କର ଶରୀର ଭିତରେ ଇନ୍‌ଫେକଶନ ବା ସଂକ୍ରମଣ ରହିଛି ତେବେ ତାଙ୍କ ଶରୀରରୁ ଆବଶ୍ୟକତାଠାରୁ ଅଧିକ ଝାଳ ବାହାରିଥାଏ। ବିଶେଷଭାବରେ ବୋନ୍ ବା ଅସ୍ଥି ଇନ୍‌ଫେକ୍‌ଶନ କିମ୍ବା ଏଚ୍‌ଆଇଭି ଇନ୍‌ଫେକଶନ ଯୋଗୁ ମଧ୍ୟ ଅଧିକ ଝାଳ ବାହାରେ। ତେବେ ଏଭଳି ସମସ୍ୟା ଜଟିଳ ଆକାର ଧାରଣ କରିବା ପୂର୍ବରୁ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ରକ୍ତ ସଞ୍ଚାଳନରେ ଅସନ୍ତୁଳନ ଦେଖାଦେଲେ ଅଧିକ ଝାଳ ବୋହିଥାଏ।

# ସ୍ୱାସ୍ଥ୍ୟ ସୂଚନା

➢ଯଦି ଆପଣ ଅବସାଦଗ୍ରସ୍ତ ଅଛନ୍ତି, ତେବେ ତାହାକୁ ନେଇ ବିଚଳିତ ହୁଅନ୍ତୁ ନାହିଁ। ବରଂ ସେଥିରୁ କିପରି ମୁକୁଳିବେ ସେ ନେଇ ଉପାୟ ଚିନ୍ତା କରନ୍ତୁ।

➢ଆଜ୍‌ମା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସଫାସୁତରା ପରିବେଶରେ ରହିବା ଦରକାର। କାରଣ ଧୂଳି ସଂସ୍ପର୍ଶରେ ଆସିବା ଦ୍ୱାରା ଏହି ରୋଗର ପ୍ରକୋପ ବଢ଼ି ଯାଇଥାଏ।

➢ମାନସିକ ଶାନ୍ତି ପାଇବାର ଏକ ସରଳ ଉପାୟ ରହିଛି। ପ୍ରତିଦିନ କିଛି ସମୟ ଯୋଗ କଲେ ଆପଣଙ୍କୁ ଏଭଳି ଫାଇଦା ମିଳିବାର ସମ୍ଭାବନା ରହିଛି।

➢ସବୁବେଳେ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ରୋଗଠାରୁ ଦୂରେଇ ରଖିଥାଏ।

➢ଦିନତମାମ ଯେତେ ପରିଶ୍ରମ କରୁଛନ୍ତି, ସେହି ଅନୁସାରେ ବିଶ୍ରାମ ନେବା ଜରୁରୀ। ନ ହେଲେ ଏହାର ପ୍ରଭାବ ନିଦ୍ରା ଉପରେ ପଡ଼ିଥାଏ।

➢ବେଳେବେଳେ ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ମନ ହୋଇଥାଏ। ତେଣୁ ସବୁବେଳେ ଲୋଭକୁ ନିୟନ୍ତ୍ରଣ କରନ୍ତୁ।

➢ସବୁବେଳେ ଟେନସନ୍‌ଠାରୁ ନିଜକୁ ଦୂରେଇ ରଖନ୍ତୁ। ନ ହେଲେ ଏହାର ପ୍ରଭାବ ରକ୍ତସଞ୍ଚାଳନ ଉପରେ ପଡ଼ିଥାଏ।

➢ଏକାଥରେ ପୁରାଏ ଖାଦ୍ୟ ଖାଇବା ଅପେକ୍ଷା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଝୁମୁକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାର୍ଯ୍ୟରେ ଅବହେଳା ଯୋଗୁ ୧୦ ଶିକ୍ଷୟିତ୍ରୀ/ଶିକ୍ଷକ ଚାକିରିରୁ ବହିଷ୍କୃତ

**ମାଲକାନଗିରି,୧୧(ଡି.ଏନ.ଏ.)**

ବର୍ଷ ଆରମ୍ଭରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ମାଲକାନଗିରି ଜିଲା ପ୍ରଶାସନ। କାର୍ଯ୍ୟରେ ଅବହେଳା ପାଇଁ ଜିଲାର ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟରତ ୧୦ଜଣ କନିଷ୍ଠ ଶିକ୍ଷକଙ୍କୁ ଶନିବାର ଚାକିରିରୁ ବହିଷ୍କୃତ କରିଛି। ଏହି ଶିକ୍ଷକମାନେ ହେଲେ ଅରୁଣାରାଣୀ ବେଉରିଆ, ସନ୍ତୋଷ ସ୍ୱାଇଁ, ଜସ୍ମିନ ଦାସ, ନୀଳିମା ଜେନା, ଜ୍ୟୋତିର୍ମୟୀ ସୁତାର, ରମେଶ ଚନ୍ଦ୍ର ନାୟକ, ସସ୍ମିତା ସାହୁ, ଦେବଶ୍ରୀ ବେହେରା, ସାବିତ୍ରୀ ପାତ୍ର ଓ ରଞ୍ଜନ ବେହେରା। ସେମାନେ ଗତ ୨ ବର୍ଷ ଧରି କାର୍ଯ୍ୟରେ ଯୋଗ ଦେଉ ନ ଥିଲେ। କ୍ରମାଗତ ଭାବେ ଅବହେଳା କରି ଆସୁଥିବାରୁ ଜିଲାର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଏହି ଶିକ୍ଷକମାନଙ୍କୁ ଜିଲା ଶିକ୍ଷା ଅଧିକାରୀ ମାନସ ଜେନା ପ୍ରଥମେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ତେବେ ନୋଟିସର କୌଣସି ଉତ୍ତର ଦେଇ ନ ଥିବାରୁ ସେମାନଙ୍କୁ ବହିଷ୍କୃତ କରାଯାଇଛି ବୋଲି ଜେନା କହିଛନ୍ତି।



# ପ୍ରତିବାଦ ସଙ୍ଗୀତ ଗାଇ ନୂଆବର୍ଷ ପାଳିଲେ ଅଙ୍ଗନୱାଡି କର୍ମୀ

**ଭୁବନେଶ୍ୱର,୧୧(ବ୍ୟୁରୋ)**

## ୪୨ ଦିନରେ ଧାରଣା

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡ଼ିଜ୍ ୱାର୍କର୍ସ ଆସୋସିଏଶନର ଆହ୍ୱାନକ୍ରମେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଲୋୟର ପିଏମଜିରେ ଚଳାଇଥିବା ଆନ୍ଦୋଳନ ୪୨ ଦିନରେ ପହଞ୍ଚିଛି। ଧାରଣାସ୍ଥଳରେ ହିଁ ଶନିବାର ମଧ୍ୟରାତିରେ ନୂଆବର୍ଷ ପାଳିଛନ୍ତି। ମୁରୁଜ ପକାଇ ଦୀପ ଜାଳି ୨୦୨୩କୁ ସ୍ୱାଗତ କରିବା ସହ ପ୍ରତିବାଦ ସଙ୍ଗୀତ ଗାଇ ସରକାରଙ୍କ ନିକଟରେ ନିଜର ଦାବି ଜଣାଇଛନ୍ତି। ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବିଭିନ୍ନ ବ୍ଲକରୁ ଆସି ଥିବାବେଳେ ଏଭଳି ଭିନ୍ନ ଢଙ୍ଗରେ ପ୍ରତିବାଦ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ସରକାର ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଗୀତ ମାଧ୍ୟମରେ ଦାବି ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ସଙ୍ଗୀତ ଗାନ କରିଥିଲେ। ଦିନରେ ପ୍ରବଳ ଖରା ଓ ରାତିରେ ପ୍ରବଳ ଶୀତରେ ମହିଳାମାନେ ରାଜରାସ୍ତାରେ ପଡ଼ିରହିବାର ଯନ୍ତ୍ରଣା ଏହି ଗୀତ ମାଧ୍ୟମରେ ପ୍ରକାଶ କରିଛନ୍ତି କର୍ମୀ। ୮ଦଫା ଦାବି ନେଇ ଦୀର୍ଘ ଦିନ ଧରି ଆନ୍ଦୋଳନ କରୁଥିବା ଅଙ୍ଗନୱାଡି କର୍ମୀଙ୍କ ପ୍ରତି ସରକାର ଉଦାସୀନ ରହିଲେ ଭବିଷ୍ୟତରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗକୁ ଅଚଳ କରିଦିଆଯିବ ବୋଲି ରାଜ୍ୟ ସଭାନେତ୍ରୀ ସୁମିତ୍ରା ମହାପାତ୍ର, ସାଧାରଣ ସମ୍ପାଦିକା ଝୁନୁପମା ଶତପଥୀ, ଅଖିଳ ଭାରତୀୟ ସଂଗଠନ ସମ୍ପାଦିକା ଅଞ୍ଜଳି ପଟେଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

# କଂସଙ୍କ ପ୍ରଶ୍ନବାଣରେ ଅଧିକାରୀ ଘାଇଲା

**ମଥୁରାନଗରୀ/ଗୋପପୁର,୧୧**

## ଧନୁଯାତ୍ରାରେ ରଙ୍ଗସଭା

ବରଗଡ଼ ଧନୁଯାତ୍ରା ମହୋତ୍ସବର ରବିବାର ଷଷ୍ଠ ଦିବସରେ ମଥୁରାନଗରୀ ରାଜ ଦରବାରରେ କଂସ ମହାରାଜଙ୍କ ରଙ୍ଗସଭା ଏବଂ ଗୋପପୁରରେ ବସ୍ତ୍ରହରଣ ଦୃଶ୍ୟାଭିନୟ ହୋଇଥିଲା। ଏହାକୁ ଦେଖିବା ପାଇଁ ଉଭୟ ମଥୁରା ଏବଂ ଗୋପପୁରରେ ଦର୍ଶକଙ୍କ ପ୍ରବଳ ସମାଗମ ହୋଇଥିଲା। ଅପରାହ୍ନରେ କଂସ ମହାରାଜ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ ଏବଂ ଭ୍ରମଣ ସାରି ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗମହଲକୁ ଯାଇଥିଲେ। ସେଠାରେ ନାଚଗୀତରେ ମସଗୁଲ୍ ହେବା ସହିତ ଚିତ୍ରକଳା ପ୍ରଦର୍ଶନୀରେ ସାମିଲ ହୋଇଥିବା ଶିଳ୍ପୀଙ୍କୁ ପୁରସ୍କୃତ କରିଥିଲେ ।

ଏହାପରେ ମହାରାଜ କଂସ ହାଟପଦାସ୍ଥିତ ରାଜଦରବାରକୁ ଯାଇଥିଲେ ଏବଂ ସେଠାରେ ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏହି କ୍ରମରେ ଯୁଦ୍ଧ ପରାକ୍ରମ ଦେଖାଇବା ପାଇଁ ସେ ସୈନ୍ୟ, ସାମନ୍ତଙ୍କୁ ଆଦେଶ ଦେଇଥିଲେ। ମଥୁରାନଗରୀରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଠିକ୍ ଭାବେ ଚାଲୁ ନ ଥିବା ନେଇ ବିଦୁଷକ କଂସ ମହାରାଜଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂସ ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ ସମ୍ମୁଖରେ ହାଜର କରି ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ହେବା ପରେ କଂସ ସେମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ କରି ଘାଇଲା କରିଥିଲେ।


ନୂତନ ବର୍ଷ ଉପଲକ୍ଷେ ସମସ୍ତ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ନୂତନ ବର୍ଷ-୨୦୨୩ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ।

ମାଧପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଧପୁର

ଅଭିନନ୍ଦନ ୨୦୨୩
ଇଂରାଜୀ ନବବର୍ଷ ଅବସରରେ ରେଢ଼ାଖୋଲ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ଶରତ କୁମାର ପ୍ରଧାନ
ଜିଲା ପରିଷଦ ସଭ୍ୟ, ଜୋନ୍-୨, ରେଢ଼ାଖୋଲ

ଅଭିନନ୍ଦନ ୨୦୨୩

ନବବର୍ଷ ୨୦୨୩ ଉପଲକ୍ଷେ ସୁବର୍ଣ୍ଣପୁର ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ସମସ୍ତଙ୍କର ସୁଖ ଓ ସମୃଦ୍ଧି ପାଇଁ ମା' ସୁରେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛି।
ଶ୍ରୀବତ୍ସ ମଲ୍ଲିକ
ସମାଜସେବୀ, ସୋନପୁର

ନୂତନ ବର୍ଷ ଉପଲକ୍ଷେ ବିସ୍ଥାପିତ ଗାଡ଼ି ମାଲିକ ସଂଘ(ଗୋପାଳପୁର)ର ସମସ୍ତ ଗାଡ଼ି ମାଲିକ, କର୍ମକର୍ତ୍ତା ତଥା ସୁନ୍ଦରଗଡ଼ର ସମସ୍ତ ଗୁରୁଜନ, ମା' ଭଉଣୀ ଓ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ନୂତନବର୍ଷ-୨୦୨୩ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ଏହା ହିଁ ମା' ମାଣିକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।
ଅଭିନନ୍ଦନ ୨୦୨୩

ଗୋପାଳ ଚନ୍ଦ୍ର ପ୍ରଧାନ
ସଭାପତି, ବି.କି.ଏମ୍.ଏସ୍., ଗୋପାଳପୁର

ଯୁଧିଷ୍ଠିର ଗିଦିଲି
ସାଧାରଣ ସମ୍ପାଦକ, ବି.କି.ଏମ୍.ଏସ୍., ଗୋପାଳପୁର

ଅଭିନନ୍ଦନ ୨୦୨୩

ଇଂରାଜୀ ନବବର୍ଷ ୨୦୨୩ ଅବସରରେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ ଏହା ମା' ସୁରେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।
ଇଂ. ରଘୁନାଥ ଜଗଦଲା
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଭାଜପା

ଅଭିନନ୍ଦନ ୨୦୨୩
ନୂତନ ବର୍ଷ ୨୦୨୩ ଅବସରରେ ସୁନ୍ଦରଗଡର ସମସ୍ତ ଟ୍ରକ ମାଲିକ ଓ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ନୂତନ ବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧିର ବର୍ଷଟିଏ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ସୁନ୍ଦରଗଡ ଟ୍ରକ ମାଲିକ ସଂଘ
ସୁନ୍ଦରଗଡ

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

LOAN
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949


REAL ESTATE

SALE

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385

3BHK brand new semi furnished apartment for sale in Sahid nagar.Amenities-lift, power backup,covered parking, security. Prime location near Inox . Contact - 9090031234. D-2378

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

ଭୁବନେଶ୍ୱର Sum Hospital 4 k.m. RI training Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

Duplex sale at Bhubaneswar @ 45 lakhs only. Contact: 9777433701. D-74171

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା

ଶ୍ରୀଲିପ୍ସା ପାଣି (ଝୁମୁକା)
ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ
ଆଜି ତୋର ଜନ୍ମଦିନରେ ପରମ ପିତା, ପରମେଶ୍ୱର ଶ୍ରୀଜଗନ୍ନାଥ ଓ ମା' ମଣିନାଗ ଦୁର୍ଗାଙ୍କ ପଦ କମଳରେ ଏତିକି ମିନତି ଆଗାମୀ ଚଲାପଥକୁ କୁସୁମିତ କରନ୍ତୁ। ସ୍ୱର୍ଗପୁରରୁ ବାପା ଏବଂ ଅଜାଙ୍କର ଆଶୀର୍ବାଦ ଧାରା ବରଷୁ ଥାଉ।
ଶୁଭେଚ୍ଛା ସହ: ଆଈ, ମମି, ଡାଡି, ମାମା, ପାପା, କୁଟୁଲୁ, ସୁଟୁଲୁ, ବାଘା, ନନା, ବୋଉ, କାକା, ଖୁଡୀ ଓ ଅନ୍ୟାନ୍ୟ ପରିବାରବର୍ଗ ।
ଧ-୭୩୫୨୮

PURCHASE

Wanted 2/3BHK readymade flat location:- Kalinga Nagar, Andharua, Gothapatana, Bhubaneswar. 6371090682. D-74304




Relax, Refresh your body, Mind at Saikrupa Spa with best therapies. 8984068077. D-2374

Full body massage by smart I expert therapist @999 only. 9078484455. D-73670

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

୧୯ତମ ଶ୍ରଦ୍ଧାଞ୍ଜଳି

ଏରଶ୍ମି ମଲ୍ଲିକ
ସ୍ୱା: ଶ୍ୟାମ ସୁନ୍ଦର ମଲ୍ଲିକ
(ଗ୍ରାମ:ଶ୍ୱରଡ଼ିହ, ଯାଜପୁର)
ଆବିର୍ଭାବ: ତା୧୯।୦୪।୧୯୩୯
ତିରୋଧାନ: ତା୦୩।୦୧।୨୦୦୪
ବୋଉ, ଆମକୁ ୧୯ ବର୍ଷ ହେଲା ଛାଡ଼ି ଚାଲିଗଲୁ। କେବଳ ତୋ ସ୍ମୃତିକୁ ସାଇତି ଦିନ ବିତାଉଛୁ। ତୋର ଆତ୍ମା ଶାନ୍ତିରେ ଥାଉ। ଭଗବାନଙ୍କ ନିକଟରେ ଆଜି ଶ୍ରାଦ୍ଧ ଦିବସରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୩୮୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଏସତ୍ୟ ରଞ୍ଜନ ନାୟକ
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା ଭଲରେ ଥା।
-:ଶୋକସନ୍ତପ୍ତ:-
ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୨୩୭୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏଶଶିମଣି ବିଶୋଇ
କୁମ୍ଭାରପଡ଼ା, ପୁରୀ
ଆବିର୍ଭାବ: ୦୯।୧୧।୧୯୩୫
ତିରୋଧାନ: ୨୩।୧୨।୨୦୨୨
ସଳିତା ପରି ଜଳି ବୋଉ ତୁ ଆମ୍ଭମାନଙ୍କୁ ଯେଉଁ ଆଲୋକ ଦେଇଛୁ, ତାହା ଜନ୍ମ ଜନ୍ମ ଧରି ଅଭୁଲା ରହିବ। ଆମ୍ଭର ଏତେ ବଡ଼ ପରିବାରକୁ ତୋର କର୍ତ୍ତବ୍ୟନିଷ୍ଠା ଆମ୍ଭର ସବୁଦିନ ପାଇଁ ମନେ ରହିବ। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ ।
ଧ-୭୩୫୨୭

# ହଷ୍ଟେଲ ରୁମ୍‌ରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ପୁରୀ ଅଫିସ, ୧।୧

ନୂଆବର୍ଷରେ ସମସ୍ତେ ହସଖୁସିରେ ମସ୍‌ଗୁଲ ଥିବାବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସ ପରିସରରୁ ଆସିଛି ଦୁଃଖଦ ଖବର। ବିଶ୍ୱବିଦ୍ୟାଳୟର ପିଜି ବେଦାନ୍ତ ବିଭାଗରେ ଅଧ୍ୟୟନ କରୁଥିବା ଜଣେ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରବିବାର ହଷ୍ଟେଲ୍ ରୁମ୍‌ରୁ ମିଳିଛି। ମୃତ ଛାତ୍ରୀ ହେଲେ କଟକ ଜିଲା ଅନ୍ତର୍ଗତ ବାଙ୍କୀ ନୂଆଗାଁର ପ୍ରଜ୍ଞା ପାରମିତା ପରିଡ଼ା। ଖବର ପାଇ ସାଇଣ୍ଟିଫିକ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। କୌଣସି ମାନସିକ ଚାପ କିମ୍ବା ଅନ୍ୟକୌଣସି କାରଣରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି।

ସୂଚନା ଅନୁଯାୟୀ, ନୂଆବର୍ଷ କଟାଇବା ପାଇଁ ବିଶ୍ୱବିଦ୍ୟାଳୟରେ ଥିବା ବ୍ରାହ୍ମୀ ଛାତ୍ରୀ ନିବାସର ଅଧିକାଂଶ ଛାତ୍ରୀ ସେମାନଙ୍କ ଘରକୁ ଯାଇଥିଲେ। ଅଳ୍ପ କେତେଜଣ ଛାତ୍ରୀ ହଷ୍ଟେଲରେ ରହୁଥିଲେ। ଶନିବାର ସନ୍ଧ୍ୟାରେ ପ୍ରଜ୍ଞା ପାରମିତା ତାଙ୍କ ମା'ଙ୍କ ସହିତ ମୋବାଇଲରେ କଥା ହୋଇଥିଲେ। ସେ ନୂଆବର୍ଷରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି କହିବା ସହ ଅନ୍ୟ କିଛି ବିଷୟରେ କଥା ହୋଇଥିଲେ। ସେହିପରି ସେ ଛାତ୍ରୀ ନିବାସର ଅନ୍ୟ ପିଲାଙ୍କ ସହ କଥା ହୋଇଥିବା ମଧ୍ୟ ଜଣାପଡ଼ିଛି। ପରେ ରାତିରେ ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ କରିଦେଇଥିଲେ। ରବିବାର ସକାଳେ ସେ ତାଙ୍କ ରୁମ୍‌ର ଦ୍ୱାର ଖୋଲି ନ ଥିଲେ। ଫଳରେ ତୁରନ୍ତ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଘଟଣା ସମ୍ପର୍କରେ ଖବର ପାଇ ତାଙ୍କ ପରିବାର ଲୋକେ ହଷ୍ଟେଲରେ ପହଞ୍ଚିଥିଲେ। ତେବେ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ ନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।










**ବଜାର ପୁଞ୍ଜିରେ ୧.୩୫ ଲକ୍ଷ କୋଟିର ଯୋଗ**

ନୂଆଦିଲ୍ଲୀ: ଭାରତୀୟ ପୁଞ୍ଜି ବଜାରରେ ପଞ୍ଜୀକୃତ ନିବେଶକ କମ୍ପାନୀଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୧୦ କମ୍ପାନୀଙ୍କ ମଧ୍ୟରୁ ୮ଟି କମ୍ପାନୀ ବଜାର ପୁଞ୍ଜିରେ ୧.୩୫ ଲକ୍ଷ କୋଟି ଟଙ୍କା ଯୋଗ କରିଛନ୍ତି। ଏପରିକି ଗତ ସପ୍ତାହର ବଜାର ମୂଲ୍ୟରେ ଉକ୍ତ ୮ ଲାଭବାନ କମ୍ପାନୀ ୧,୩୫,୭୯୪.୦୬ କୋଟି ଟଙ୍କା ବଜାରରେ ଯୋଡ଼ିଥିଲା। ବିଶେଷକରି ଗତ ସପ୍ତାହରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ସର୍ବବୃହତ୍ ଲାଭବାନ୍ କମ୍ପାନୀ ଭାବେ ପରିଗଣିତ ହୋଇଥିଲା। ସେହିପରି ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍ (ଏଚ୍‌ୟୁଏଲ) ଏବଂ ଭାରତୀ ଏୟାରଟେଲ୍ ଶ୍ରେଷ୍ଠ ୧୦ରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇର ବଜାର ମୂଲ୍ୟ ୩୫,୦୨୯.୧ କୋଟି ଟଙ୍କା ବୃଦ୍ଧି ପାଇ ୫,୪୭,୨୫୭.୧୯ କୋଟିରେ ପହଞ୍ଚିଛି।

# ଡିସେମ୍ବରରେ ୧.୪୯ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୧**



ଦେଶର ଅର୍ଥନୀତିକୁ ସଶକ୍ତ କରିବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି, ଯାହାର ପ୍ରତିଫଳନ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟରେ ପରିଲକ୍ଷିତ ହେଉଛି। ଏପରିକି ୨୦୨୨ ଡିସେମ୍ବରର ଜିଏସ୍‌ଟି ସଂଗ୍ରହ ସମ୍ପର୍କରେ ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଶେଷକରି ଡିସେମ୍ବର ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୪୯ (୧,୪୯,୫୦୭) ଲକ୍ଷ କୋଟିରୁ ଅଧିକ ରହିଛି। ସେହିଭଳି ୨୦୨୨ ନଭେମ୍ବରରେ ସଂଗୃହୀତ ଟିକସ ତୁଳନାରେ ୧,୪୫,୮୬୭ କୋଟିରୁ ଏହା ୨.୫% ଅଧିକ ବୋଲି ଜଣାପଡ଼ିଛି। ଅପରପକ୍ଷରେ ୨୦୨୧ ଡିସେମ୍ବରରେ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ୧,୨୯,୭୮୦ କୋଟି ରହିଥିଲା, ଯାହା ୨୦୨୨ ଡିସେମ୍ବରର ସଂଗ୍ରହ ତୁଳନାରେ ୧୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ୨୦୨୨ ବର୍ଷରେ କ୍ରମାଗତ ୧୦ମାସ ପାଇଁ ମାସିକ ଜିଏସ୍‌ଟି ଆୟ ୧.୪ ଲକ୍ଷ କୋଟିରୁ ଅଧିକ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ୨୦୨୨ ଡିସେମ୍ବରରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୪୯,୫୦୭ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୬,୭୧୧ କୋଟି ଟଙ୍କା ଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୩,୩୫୭ କୋଟି ଟଙ୍କା ରହିଛି। ଅପରପକ୍ଷରେ ଆଇଜିଏସ୍‌ଟି ବାବଦରେ ୭୮,୪୩୪ କୋଟି (ସାମଗ୍ରୀ ଆମଦାନୀରେ ୪୦,୨୬୩ କୋଟି ଟଙ୍କା ଅନ୍ତର୍ଭୁକ୍ତ କରି) ଏବଂ ସେସ୍ ୧୧,୦୦୫ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୮୫୦ କୋଟି ଟଙ୍କା ସଂଗ୍ରହ କରି) ଟିକସ ଆକାରରେ ଆଦାୟ କରାଯାଇଛି। ସେହିଭଳି ସରକାର ସିଜିଏସ୍‌ଟିକୁ ୩୬,୬୬୯ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୩୧,୦୯୪ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି। ଅପରପକ୍ଷରେ ୨୦୨୨ ଡିସେମ୍ବରରେ ନିୟମିତ ବସତି ପରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ମୋଟ ରାଜସ୍ୱ ସିଜିଏସ୍‌ଟି ପାଇଁ ୬୩,୩୮୦ କୋଟି ଏବଂ ଏସ୍‌ଜିଏସ୍‌ଟି ପାଇଁ ୬୪,୪୫୧ କୋଟି ଟଙ୍କା ରହିଛି। ସୂଚନାଯୋଗ୍ୟ, ୨୦୨୨ ଡିସେମ୍ବରରେ ଓଡ଼ିଶାରୁ ପ୍ରାୟ ୩,୮୫୪ କୋଟି ଟଙ୍କାର ଟିକସ ଜିଏସ୍‌ଟି ଆକାରରେ ସଂଗ୍ରହ ହୋଇଥିବା ବେଳେ ଗତବର୍ଷ ସମାନ ଅବଧିରେ ୪୦୮୦ କୋଟି ଟଙ୍କା ଜିଏସ୍‌ଟି ବାବଦରେ ଆଦାୟ ହୋଇଥିଲା ; ଯାହା ୨୦୨୨ ଡିସେମ୍ବରରେ ପ୍ରାୟ ୬% କମ୍ ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି।

# ଆଜିଠୁ ଜୀ-ସାର୍ଥକରେ ନୂଆ ମେଗା ଧାରାବାହିକ 'ମୁଁ ବି ବିଜୟିନୀ'

**ଭୁବନେଶ୍ୱର,୧।୧**




ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଓଡ଼ିଆ ଘରୋଇ ଚ୍ୟାନେଲ ଜୀ-ସାର୍ଥକ ପକ୍ଷରୁ ନୂଆବର୍ଷରୁ ନୂଆ ମେଗା ଧାରାବାହିକ 'ମୁଁ ବି ବିଜୟିନୀ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୋମବାରଠାରୁ ଏହି ମେଗା ଧାରାବାହିକ ଜୀ-ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି। ବିଶେଷକରି ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଉକ୍ତ ଧାରାବାହିକଟି ପ୍ରସ୍ତୁତ କରାଯାଇଛି। ସେହିଭଳି ପ୍ରତିଶୋଧର ଏକ ନୂଆ କାହାଣୀକୁ ସୁନ୍ଦର ଭାବେ ରଚନା ଓ ବର୍ଣ୍ଣନା କରାଯାଇ 'ମୁଁ ବି ବିଜୟିନୀ' ଧାରାବାହିକରେ ପ୍ରସାରଣ କରାଯାଉଛି ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ଏପରିକି ଉକ୍ତ କାହାଣୀରେ ଅନେକ ମୋଡ଼ ରହିଛି, ପ୍ରତ୍ୟେକ ମୁହୂର୍ତ୍ତରେ କିଛିନା କିଛି ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ ମୋଡ଼ ଆସୁଛି, ଯାହା 'ମୁଁ ବି ବିଜୟିନୀ'କୁ ଆହୁରି ରୋମାଞ୍ଚ ଓ ରୁଚିପୂର୍ଣ୍ଣ କରିଦେବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ଧାରାବାହିକରେ ବୈଭବ ଚରିତ୍ରରେ ଆକାଶ ଓ କାହ୍ନା ଚରିତ୍ରରେ ବିଜୟ ଅଭିନୟ କରିଥିବା ବେଳେ ନାୟିକା ସୁଶ୍ରୀ ଚରିତ୍ରରେ ଦେବିକା ଓ ସିମ୍ରନ ଚରିତ୍ରରେ ରାଧିକା ଅଭିନୟର ଭାର ସମ୍ଭାଳିଛନ୍ତି। ଉକ୍ତ ଧାରାବାହିକରେ କିଏ କାହା ପାଇଁ ଗଢ଼ା ହୋଇଛି, କିଏ କାହା ସହିତ ସମ୍ପର୍କରେ ରହିବ, ବୈଭବ ସହ ରାଧିକା ନା ଦେବିକା ସହ କ୍ରିଷ୍ଣା ଏହା ହିଁ କାହାଣୀର ଅନ୍ୟତମ ମୁଖ୍ୟ ରହସ୍ୟ ବୋଲି ପ୍ରଯୋଜନ ସଂସ୍ଥା ପକ୍ଷରୁ କୁହାଯାଇଛି। ସେହିଭଳି ଅଭିନେତ୍ରୀ ଦୀପିକା ତ୍ରିପାଠୀ ମଧ୍ୟ ଉକ୍ତ ଧାରାବାହିକରେ ଏକ ବଳିଷ୍ଠ ଭୂମିକାରେ ଅଭିନୟ କରିଛନ୍ତି। ଏପରିକି ଉକ୍ତ କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂତନ କଥାବସ୍ତୁକୁ ନେଇ ପ୍ରସାରିତ ହେବାକୁ ଯାଉଛି। ଏହି ମେଗା ଧାରାବାହିକଟି ଜାନୁୟାରୀ ୨ରୁ ପ୍ରତି ସୋମବାରରୁ ଶନିବାର ସନ୍ଧ୍ୟା ୬ଟା ୩୦ରେ ଜୀ-ସାର୍ଥକରେ ପ୍ରସାରିତ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।




ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨/୨୦୨୩ Bhubaneswar, Monday, January 2/ 2023

# ଚୟନ ପାଇଁ ୟୋ ୟୋ, ଡେକ୍ସା ବାଧ୍ୟତାମୂଳକ

**ମୁମ୍ବାଇ,୧୧(ପି.ଟି.)**

ବିସିସିଆଇ ପକ୍ଷରୁ ଏହାର ଖେଳାଳି ଚୟନ ନିୟମରେ କରାଯାଇଛି ବଡ଼ ପରିବର୍ତ୍ତନ। ରବିବାରର ସମୀକ୍ଷା ବୈଠକ ପରେ ୟୋ ୟୋ ଟେଷ୍ଟ ଓ ଡେକ୍ସା(ବୋନ୍ ମ୍ୟାରୋ) ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ଭାରତର ଟି୨୦ ବିଶ୍ୱକପ ପରାଜୟ ସମୀକ୍ଷାକୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବିସିସିଆଇ ସମ୍ପାଦକ ଜୟ

**ବିସିସିଆଇର ଟି୨୦ ପରାଜୟ ସମୀକ୍ଷା**

ଶାହ, ସଭାପତି ରୋଜର ବିନ୍ନି, ଅଧିନାୟକ ରୋହିତ ଶର୍ମା, କୋଚ୍ ରାହୁଲ ଦ୍ରାବିଡ୍, ଏନ୍‌ସିଏ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଏବଂ ଚୟନକର୍ତ୍ତା ଚେତନ ଶର୍ମା ଏହି ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ। ୟୋ ୟୋ ଟେଷ୍ଟ ସହିତ ଯୁବ ଖେଳାଳିଙ୍କ ଜାତୀୟ ଦଳକୁ ଚୟନ ପ୍ରକ୍ରିୟା ପୂର୍ବରୁ ବୟସ ନିର୍ଦ୍ଧାରଣ ପାଇଁ ଡେକ୍ସା ଟେଷ୍ଟ ବା ବୋନ୍ ମ୍ୟାରୋ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ୟୋ ୟୋ ଓ ଡେକ୍ସା ଟେଷ୍ଟକୁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରି ସମସ୍ତ ଖେଳାଳିଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି କ୍ରିକେଟ ବିଶ୍ୱକପ ୨୦୨୩ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ଏବଂ ଏନ୍‌ସିଏ ସମସ୍ତ ଆଇପିଏଲ୍ ଫ୍ରାଞ୍ଚାଇଜ୍ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବ। ବିରାଟ କୋହଲିଙ୍କ ଅଧିନାୟକତ୍ୱ ସମୟରେ ଭାରତର ୟୋ ୟୋ ପାସ୍ ସ୍କୋର ୧୬.୧ ରହିଥିବା ବେଳେ ବର୍ତ୍ତମାନ ଏହାକୁ ୧୬.୫କୁ ବୃଦ୍ଧି କରାଯାଇଛି। ଖେଳାଳିଙ୍କ ଉପଲବ୍ଧତା, କାର୍ଯ୍ୟଭାର ମ୍ୟାନେଜ୍‌ମେଣ୍ଟ ଓ ଫିଟ୍‌ନେସ୍ ପରି ମାନକକୁ ଗୁରୁତ୍ୱ ଦିଆଯିବା ସହିତ ୨୦୨୩ ଦିନିକିଆ ବିଶ୍ୱକପ୍ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ନିକଟ ଅତୀତରେ ଭାରତୀୟ ଖେଳାଳିଙ୍କ ଫିଟ୍‌ନେସ୍ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ପେସ୍ ବୋଲିଂ ଅଲ୍‌ରାଉଣ୍ଡର ଦୀପକ ଚହର ବାରମ୍ବାର ଆହତ ହେଉଥିବା ବେଳେ ଯଶପ୍ରୀତ ବୁମ୍‌ରା ମଧ୍ୟ ଆହତ ହୋଇ ଆକ୍ସନରୁ ଦୂରରେ ରହିଛନ୍ତି।

## ଅଧିନାୟକ ରହିବେ ରୋହିତ ଶର୍ମା

**ମୁମ୍ବାଇ,୧୧(ପି.ଟି.):** ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ପ୍ରତି କୌଣସି ବିପଦ ନାହିଁ। ସେ ଏବେ ବି ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଦୁଇ ଫର୍ମାଟ୍‌ରେ ବିସିସିଆଇ ଅଧିକାରୀଙ୍କୁ କୌଣସି ସମସ୍ୟା ନ ଥିବା ବୋର୍ଡ ସୂତ୍ରରୁ ପ୍ରକାଶ। ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସମେତ ବିସିସିଆଇ ସମ୍ପାଦକ ଜୟ ଶାହ, ସଭାପତି ରୋଜର ବିନ୍ନି, ଏନ୍‌ସିଏ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଏବଂ ଚୟନକର୍ତ୍ତା ଚେତନ ଶର୍ମା ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଭାରତ ବର୍ତ୍ତମାନ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଓ ଦିନିକିଆ ବିଶ୍ୱକପ୍ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଦିନିକିଆ ବିଶ୍ୱକପ୍‌କୁ ଧ୍ୟାନରେ ରଖି ୨୦ ଜଣ



ଖେଳାଳିଙ୍କୁ ଶର୍ଟଲିଷ୍ଟ କରାଯାଇଛି। ଅକ୍ଟୋବର-ନଭେମ୍ବରର ବିଶ୍ୱକପ୍ ପୂର୍ବରୁ ଏହି ଖେଳାଳିମାନଙ୍କୁ ରୋଟେଟ୍ କରାଯିବା ସହିତ ଏକ କୋର ଗ୍ରୁପ୍ ଗଠନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ କହିଛନ୍ତି। ସେହିପରି ବିସିସିଆଇ ପକ୍ଷରୁ ଚୟନ କମିଟିକୁ ବରଖାସ୍ତ କରାଯାଇଥିବା ବେଳେ ଚେତନ ଶର୍ମା ଏହି ବୈଠକରେ ଉପସ୍ଥିତ ଥିବାରୁ ସେ ଆଉଥରେ ଦାୟିତ୍ୱ ଗ୍ରହଣ କରିବା ସମ୍ଭାବନା ସୃଷ୍ଟି କରିଛି। ଚୟନ କମିଟି ପାଇଁ ପୂର୍ବାଞ୍ଚଳରୁ ୨୧ ଟେଷ୍ଟ ଖେଳିଥିବା ଶିବସୁନ୍ଦର ଦାସଙ୍କୁ ଫେବରିଟ୍ ଭାବେ ବିବେଚନା କରାଯାଉଛି। ଦକ୍ଷିଣାଞ୍ଚଳରୁ ପେସର୍ ଭେଙ୍କଟେଶ ପ୍ରସାଦଙ୍କ ନାମକୁ ସର୍ବାଧିକ ଗୁରୁତ୍ୱ

**ଦିନିକିଆ ବିଶ୍ୱକପ ପାଇଁ ୨୦ ଖେଳାଳି ଶର୍ଟ ଲିଷ୍ଟ**

ଦିଆଯାଉଛି। ସେହିପରି ୨୦୨୩ ବିଶ୍ୱକପ୍ ପ୍ରସ୍ତୁତି ଆଧାରରେ ଚେତନ ଶର୍ମାଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରାଯିବା ସମ୍ଭାବନା ରହିଛି। ତେବେ ପଶ୍ଚିମାଞ୍ଚଳ ଜୋନ୍ ଲାଗି ଭେଟେରାନ୍ ଗୁଜରାଟ ଖେଳାଳି ମୁକୁନ୍ଦ ପରମାର, ସଲିଲ ଅଙ୍କୋଲା ଓ ସମୀର ଦୀଘେଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

# ନୁର୍ ଖାନ୍ ହକି ବିଶ୍ୱକପ୍‌ର ଜନକ



ଚଳିତ ବର୍ଷ ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଚଳିତମାସ ୧୩-୨୯ ତାରିଖ ଯାଏ ଭୁବନେଶ୍ୱର-ରାଉରକେଲାରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ୧୯୭୧ରେ ପ୍ରଥମ ଥର ହକି ବିଶ୍ୱକପ୍ ଖେଳାଯାଇଥିବା ବେଳେ ଏହାର ଜନକ ଥିଲେ ପାକିସ୍ତାନୀ ଏୟାର ମାର୍ଶାଲ ନୁର୍ ଖାନ୍ ଓ ୱାର୍ଲ୍ଡ ହକି ମାଗାଜିନ୍‌ର ପ୍ରଥମ ସମ୍ପାଦକ ପ୍ୟାଟ୍ରିକ୍ ରୋଲେ। ବିଶ୍ୱକପ୍‌ର ଆଇଡିଆ ନୁର୍‌ଙ୍କର ଥିବା ବେଳେ ପ୍ୟାଟ୍ରିକଙ୍କ ଜରିଆରେ ଏହା ଅନ୍ତର୍ଜାତୀୟ ହକି ଫେଡେରେଶନ୍ (ଏଫ୍‌ଆଇଏଚ୍) ନିକଟରେ ପହଞ୍ଚିଥିଲା। ୨୬ ଅକ୍ଟୋବର ୧୯୬୯ରେ ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇଥିବା ବେଳେ ୧୨ ଏପ୍ରିଲ ୧୯୭୦ ବ୍ରସେଲ୍ସ ବୈଠକରେ ଏହାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ୧୯୭୧ରେ ଏହି ଟୁର୍ନାମେଣ୍ଟ ପାକିସ୍ତାନରେ ଆୟୋଜନ ହେବା ନେଇ ସ୍ଥିର କରାଯାଇଥିଲା। ମାତ୍ର ପାକିସ୍ତାନର ରାଜନୈତିକ ଅସ୍ଥିରତା କାରଣରୁ ଟୁର୍ନାମେଣ୍ଟ ସମ୍ଭବ ହୋଇ ନ ଥିଲା। ବାଂଲାଦେଶ ମୁକ୍ତି ସଂଗ୍ରାମକୁ ନେଇ ଦୁଇ ପଡୋଶୀ ରାଷ୍ଟ୍ର ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ କାରଣରୁ ଭାରତର ଅଂଶଗ୍ରହଣକୁ କ୍ରିକେଟର ଅବଦୁଲ୍ ହଫିଜ୍ କରଦାର ବିରୋଧ କରିଥିବା ବେଳେ ପାକିସ୍ତାନ ହାତରୁ ଖସି ଯାଇଥିଲା ବିଶ୍ୱକପ୍ ଆୟୋଜନର ଅଧିକାର। ଏପରି ପରିସ୍ଥିତିରେ ମାର୍ଚ୍ଚ ୧୯୭୧ରେ ସ୍ପେନର ବାର୍ସେଲୋନାସ୍ଥିତ ରିୟଲ କ୍ଲବ୍ ଡେ ପୋଲୋକୁ ବିଶ୍ୱକପ୍ ସ୍ଥାନାନ୍ତର କରାଯାଇଥିଲା। ୧୯୭୧ ବିଶ୍ୱକପ୍‌ରେ ମାତ୍ର ୧୦ ରାଷ୍ଟ୍ର ଅଂଶଗ୍ରହଣ କରିଥିଲେ, ଯାହାକୁ ମିନି ବିଶ୍ୱକପ୍ ମଧ୍ୟ କୁହାଯାଏ। ୧୯୭୮ ବିଶ୍ୱକପ୍‌ରେ ୧୪ ରାଷ୍ଟ୍ର ଅଂଶଗ୍ରହଣ କରିଥିବା ବେଳେ ୨୦୦୨ ଓ ୨୦୧୮ରେ ୧୬ ଦେଶ ଅଂଶଗ୍ରହଣ କରିଥିଲେ। ଅନ୍ୟ ସମସ୍ତ ବିଶ୍ୱକପ୍‌ରେ ୧୨ଟି ଲେଖାଏ ରାଷ୍ଟ୍ର ଅଂଶଗ୍ରହଣ କରିଛନ୍ତି। ବିଶ୍ୱକପ୍‌ର ପ୍ରଥମ ତିନି ସଂସ୍କରଣ ପ୍ରତି ଦୁଇ ବର୍ଷରେ ଥରେ ଲେଖାଏ ଅନୁଷ୍ଠିତ ହୋଇଥିଲା। ତେବେ ୧୯୭୮ରେ ଏହି ଅବଧି ୩ ବର୍ଷ ରହିଥିଲା। ଏହା ପରଠାରୁ ଏହି ଟୁର୍ନାମେଣ୍ଟ ପ୍ରତି ୪ ବର୍ଷରେ ଥରେ ଲେଖାଏ ଆୟୋଜିତ ହେଉଛି।

### ଟ୍ରଫି ଡିଜାଇନ



ବିଶ୍ୱକପ୍ ଟ୍ରଫିର ଡିଜାଇନ୍ ବଶିର୍ ମୁଜିଦ୍‌ଙ୍କ ଦ୍ୱାରା କରାଯାଇଥିବା ବେଳେ ପାକିସ୍ତାନୀ ଆର୍ମି ଏହାର ନିର୍ମାଣ କରିଥିଲେ। ୨୭ ମାର୍ଚ୍ଚ ୧୯୭୧ରେ ବ୍ରସେଲ୍ସରେ ପାକିସ୍ତାନର ରାଷ୍ଟ୍ରଦୂତ ଏଚ୍. ଇ. ମାସୁଦ ଏହି ଟ୍ରଫିକୁ ଏଫ୍‌ଆଇଏଚ୍ ସଭାପତି ରେନେ ଫ୍ରାଙ୍କଙ୍କୁ ହସ୍ତାନ୍ତର କରିଥିଲେ। ଏହି ଟ୍ରଫି ନିର୍ମାଣରେ ସୁନା, ରୁପା, ଆଇଭରି (ହାତୀ ଦାନ୍ତରୁ ପ୍ରସ୍ତୁତ ଅଳଙ୍କାର)ଓ ଟିକ୍ କାଠ ବ୍ୟବହାର କରାଯାଇଛି। ଏହି ଟ୍ରଫିର ଉଚ୍ଚତା ୬୫୦ ମିମି ରହିଥିବା ବେଳେ ଏହାର ବେସ୍ ୧୨୦.୮୫ ମିମି ରହିଛି। ଟ୍ରଫିର ଓଜନ ୧୧୫୬୦ ଗ୍ରାମ ରହିଥିବା ବେଳେ ଏଥିରେ ୮୯୫ ଗ୍ରାମ୍ ସୁନା, ୬୮୧୫ ଗ୍ରାମ ରୁପା, ୩୫୦ ଗ୍ରାମ ଆଇଭରି ଓ ୩୫୦୦ ଗ୍ରାମର ଟିକ୍ ଉଡ୍ ବ୍ୟବହାର କରାଯାଇଛି।

**ହକି ବିଶ୍ୱକପ୍**




**ଆଉ ୧୧ ଦିନ**

# ଅଭିଷେକଙ୍କ ସଫଳତା ପଛରେ ହିନ୍ଦୀ ଶିକ୍ଷକ

**ଭୁବନେଶ୍ୱର,୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ବିଗତ ବର୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପାଇଁ ପଦାର୍ପଣ କରିଥିଲେ ଫରୱାର୍ଡ ଖେଳାଳି ଅଭିଷେକ। ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସୁଖଜିତ ସିଂଙ୍କ ସହିତ ଭାରତୀୟ ଫରୱାର୍ଡର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଥିବା ବେଳେ ଚଳିତ ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସାମିଲ ଅଛନ୍ତି। ତେବେ ଅଭିଷେକ ଭାରତୀୟ ଦଳ ପକ୍ଷରୁ ତଥା ହକି ଖେଳିବା ଏକ ସଂଯୋଗ ଥିଲା। ଅଭିଷେକଙ୍କ ଏହି ସଫଳତା ପଛରେ ରହିଛି ଜଣେ ଶିକ୍ଷକଙ୍କ ବଡ ଭୂମିକା। ଜଣେ ହିନ୍ଦୀ ଶିକ୍ଷକ ହକିର ପ୍ରଶିକ୍ଷକ ପାଲଟିଥିବା ବେଳେ ଅଭିଷେକଙ୍କ ପରି ଖେଳାଳିଙ୍କ ସୃଷ୍ଟି ହୋଇଥିଲା। ସାଙ୍ଗ ଦ୍ୱାରା ଅନୁପ୍ରାଣିତ ହୋଇ ଅଭିଷେକ ହକି ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ପରବର୍ତ୍ତୀ ସମୟରେ ସାଙ୍ଗ ହକି ଖେଳିବା ଛାଡି ଦେଇଥିଲେ ମଧ୍ୟ ଅଭିଷେକଙ୍କ ଖେଳ ପ୍ରତି ଥିବା ଭଲପାଇବା ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲା। ପିଲାଦିନେ ଅଭିଷେକ ଅତ୍ୟନ୍ତ ଦୁଷ୍ଟ ସ୍ୱଭାବର ଥିଲେ। ଥରେ ହକି କୋଚ ନ ଥିବା ବେଳେ ଜାମୁ କୋଳି ଗଛ ଉପରୁ ପଡି ନିଜ ହାତ ଭାଙ୍ଗି ଦେଇଥିଲେ। ଏହା ପରେ ପରିବାର



କୋଚ୍ ସମଶେର ସିଂଙ୍କ ସହ ଅଭିଷେକ।

ଲୋକଙ୍କ ପକ୍ଷରୁ ହକି ଛାଡିବା ପାଇଁ ଅଭିଷେକଙ୍କ ଉପରେ ରହିଥିଲା ପ୍ରବଳ ଚାପ। ତେବେ କୋଚ୍ ସମଶେରଙ୍କ ହସ୍ତକ୍ଷେପ ପରେ ପରିବାର ଲୋକ ହକି ଖେଳିବାକୁ ଅନୁମତି ଦେଇଥିଲେ, ଯାହା ପରବର୍ତ୍ତୀ ସମୟରେ ପାଲଟିଥିଲା ଇତିହାସ। ଅଭିଷେକ ଭାରତୀୟ ଦଳ ପାଇଁ ୨୮ ଅନ୍ତର୍ଜାତୀୟ ମୁକାବିଲାରେ ୧୧ ଗୋଲ ସ୍କୋର କରିଛନ୍ତି। ଅଭିଷେକଙ୍କ କୋଚ ସମଶେର ପ୍ରାରମ୍ଭରୁ ଜଣେ ହିନ୍ଦୀ ଶିକ୍ଷକ ଭାବରେ ସୋନିପତର ସିଆରଜେଡ୍ ସ୍କୁଲରେ ଯୋଗ ଦେଇଥିଲେ। ସେ ସମୟରେ ସ୍କୁଲରେ ହକି ପାଇଁ କୋଚିଂ ଷ୍ଟାଫ୍ ମଧ୍ୟ ରହିଥିଲେ। ସମଶେରଙ୍କ ନିକଟରେ ହକିର ସାମାନ୍ୟ ଜ୍ଞାନ ଥିଲେ ମଧ୍ୟ ସେ କେବେ ପ୍ରଶିକ୍ଷଣ ଦେଇ ନ ଥିଲେ। ୨୦୦୫ରେ ସାଇ ପକ୍ଷରୁ ହକି କୋଚିଂ ଷ୍ଟାଫ୍‌ଙ୍କୁ ଛଟେଇ କରାଯିବା ପରେ ହିନ୍ଦୀ ଶିକ୍ଷକ ସମଶେର ସ୍କୁଲ ହକି ଦଳର ଦାୟିତ୍ୱ ନିଅନ୍ତି। ୩ ବର୍ଷ ପରେ ସମାନ ସ୍କୁଲକୁ ଆସନ୍ତି ଅଭିଷେକ। ସମଶେର ଶୃଙ୍ଖଳାକୁ ସର୍ବଦା ଗୁରୁତ୍ୱ ଦେଉଥିବା ବେଳେ ଏହାର ନଜିର ଏବେ ମଧ୍ୟ ଅଭିଷେକଙ୍କ ଜୀବନରେ ଦେଖିବାକୁ ମିଳିଥାଏ। ଜାତୀୟ ଦଳ ପାଇଁ ଖେଳିବା ପରେ ମଧ୍ୟ ଅଭିଷେକଙ୍କ ଆଚାର ବ୍ୟବହାରରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ଅନ୍ୟ ଖେଳାଳିମାନେ କୁହନ୍ତି ବୋଲି ସମଶେର କୁହନ୍ତି।

# ସାଣ୍ଟୋସରେ ପେଲେଙ୍କ ମରଶରୀର

**ସାଣ୍ଟୋସ,୧୧ (ପି.ଟି.)**

ବ୍ରାଜିଲର କିମ୍ବଦନ୍ତୀ ଖେଳାଳି ପେଲେଙ୍କ ମୃତ ଶରୀର ସାଣ୍ଟୋସରେ ପହଞ୍ଚିଛି। ସାଣ୍ଟୋସରେ ପେଲେଙ୍କ ମୃତ ଶରୀରକୁ ସାଧାରଣ ଦର୍ଶନ ପାଇଁ ସୋମବାର ରଖାଯିବ ଏବଂ ମଙ୍ଗଳବାର ଅନ୍ତିମ ଯାତ୍ରା ସମାପ୍ତ ହେବ। ଗୁରୁବାର କ୍ୟାନ୍ସର ଲଢେଇରେ ପେଲେ ହାରିଯାଇ ପ୍ରାଣ ହରାଇଥିଲେ। ପେଲେଙ୍କ ମୃତ୍ୟୁ ପରେ ଲକ୍ଷ ଲକ୍ଷ ଚିଠି ସାଣ୍ଟୋସ ଉଦ୍ଦେଶ୍ୟରେ ଆସିଥିଲା। ସାଣ୍ଟୋସ କ୍ଲବ୍ ପାଇଁ ପେଲେ ୧୯୫୬-୧୯୭୪ ଯାଏ ଖେଳିଥିଲେ। ଏହି ସମୟରେ ୬୩୬ ମ୍ୟାଚରୁ ସେ ୬୧୮ ଗୋଲ ସ୍କୋର କରିଥିଲେ। ୧୫୪୬ ମସିହା ଜାନୁୟାରୀରେ ପର୍ତ୍ତୁଗୀଜ ଉପନିବେଶବାଦୀ ମାନେ ସାଣ୍ଟୋସ ସହର ପ୍ରତିଷ୍ଠା କରିଥିଲେ। ତେବେ ୪ ଲକ୍ଷ ୩୦ ହଜାର ଜନସଂଖ୍ୟାର ଏହି ସହରକୁ ପ୍ରସିଦ୍ଧି ଆଣି ଦେଇଥିଲେ ୧୫ ବର୍ଷର ଜଣେ ଫୁଟବଲର। ବ୍ରାଜିଲର ଷ୍ଟ୍ରାଇକର ସର୍ଗିନୋ ଚୁଲାପା ଯିଏକି ସାଣ୍ଟୋସ୍ ପାଇଁ ୧୦୦ ଗୋଲ ସ୍କୋର କରିଛନ୍ତି ସେ ମଧ୍ୟ ସମାନ ମତ ରଖିଛନ୍ତି। ପେଲେଙ୍କ ପୂର୍ବରୁ ସାଣ୍ଟୋସ୍ ଥିଲା ଏବଂ ପେଲେଙ୍କ ପରେ ମଧ୍ୟ ସାଣ୍ଟୋସ ରହିବ। ତେବେ ଉଭୟ ସହର ଓ କ୍ଲବକୁ ବ୍ରାଜିଲ ଓ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବାରେ ପେଲେଙ୍କ ଭୂମିକା ପ୍ରମୁଖ ରହିଥିଲା। ସାଣ୍ଟୋସ୍ ସାଓ ପାଉଲୋ ପରି ମେଟ୍ରୋ ପଲିଟାନ୍ ସହର ନୁହେଁ ଏଠାରେ ଖେଳିବା ପାଇଁ ଅପେକ୍ଷାକୃତ କମ୍ ପଇସା ମିଳିଥାଏ। ମାତ୍ର ପେଲେଙ୍କ ଆଗମନ ପରେ ଏହି ପରସ୍ଥିତି ବଦଳି ଯାଇଥିଲା। ସେ କ୍ଲବ ପାଇଁ ୨୬ ଟାଇଟଲ ଜିତିଥିବା ବେଳେ ଦୁଇଟି ଇଣ୍ଟର କଣ୍ଟିନେଣ୍ଟାଲ କପ୍‌ରେ ମଧ୍ୟ ବିଜୟୀ ହୋଇଥିଲେ। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାକିଓ ଲୁଲା ଡା ସିଲଭା ଏହି ସହରରେ ରହୁଥିଲେ ମଧ୍ୟ ପେଲେଙ୍କ ମ୍ୟୁଜିୟମ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ର ରହିଥାଏ। ଦୈନିକ ୧୦ ହଜାରରୁ ଅଧିକ ଲୋକ ଏହି ସ୍ଥାନକୁ ଭ୍ରମଣ କରିଥାନ୍ତି। ସୋମବାର ସାଣ୍ଟୋସ କ୍ଲବରେ ପେଲେଙ୍କ ମରଶରୀରକୁ ସାଧାରଣ ଦର୍ଶନ ପାଇଁ ରଖାଯିବ। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।




ସନ୍ତୋଷ ଟ୍ରଫି ଫୁଟବଲ: କ୍ୟାପିଟାଲ ଗ୍ରାଉଣ୍ଡରେ ରବିବାର ଓଡ଼ିଶା ଓ ମେଘାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ମେଘାଳୟ ସହ ମ୍ୟାଚ ଡ୍ର ରଖିଲା ଓଡ଼ିଶା

**ଭୁବନେଶ୍ୱର, ୧୧ (କ୍ରୀଡ଼ା ପ୍ରତିନିଧି)**

ଏଠାରେ ଚାଲିଥିବା ଜାତୀୟ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ରବିବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। କ୍ୟାପିଟାଲ ଫୁଟବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମେଘାଳୟ ସହ ମ୍ୟାଚ ଡ୍ର ରଖିଛି ଓଡ଼ିଶା। ଉଭୟ ଦଳ ପକ୍ଷରୁ ୨ଟି ଲେଖାଏ ଗୋଲ ସ୍କୋର ହୋଇଥିଲା। ଏଠାରେ ପଣ୍ଡିଚେରୀ ଓ ଆଣ୍ଡାମାନ ଆଣ୍ଡ ନିକୋବର ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ମଧ୍ୟ ୧-୧ ଗୋଲରେ ଡ୍ର ରହିଥିଲା। ତେବେ ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ସିକ୍କିମ ୩-୦ ଗୋଲରେ ତେଲେଙ୍ଗାନାକୁ ପରାସ୍ତ କରିଛି। ମେଘାଳୟ ପଏଣ୍ଟ ଟେବୁଲର ଶୀର୍ଷରେ ରହି ଗ୍ରୁପ୍ 'ଭି'ରୁ ପରବର୍ତ୍ତୀ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଦ୍ୱିତୀୟ ସ୍ଥାନରେଥିବା ଓଡ଼ିଶା ଯଦିଓ ଯୋଗ୍ୟତା ପାଇନାହିଁ ତେବେ ଆଶା ଉଜ୍ଜୀବିତ ରହିଛି।

# ବରାହୀପୁର ଫୁଟବଲ: ଗଣ୍ଡରପୁର ଚାମ୍ପିୟନ

**କଣ୍ଟାପଡା, ୧୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବରାହୀପୁର ଗୋପୀନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ୪୦ ତମ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଦହି ଗାଁ ଫୁଟବଲ ଟିମକୁ ୨-୦ ଗୋଲରେ ହରାଇ ଗଣ୍ଡରପୁର ଚାମ୍ପିୟନ ହୋଇଛି। ପ୍ରଥମ କ୍ୱାର୍ଟରରେ ଉଷୁମାକୁ ହରାଇ ପ୍ରହରାଜପୁର, ୨ୟ କ୍ୱାର୍ଟରରେ ପ୍ରତାପନଗରୀକୁ ହରାଇ ଦହି ଗାଁ, ୩ୟ କ୍ୱାର୍ଟରରେ ଶିବଶକ୍ତି କ୍ଲବକୁ ହରାଇ ଗଣ୍ଡରପୁର ଓ ୪ର୍ଥ କ୍ୱାର୍ଟରରେ ମାରୁ ଫୁଟବଲ କ୍ଲବକୁ ହରାଇ ରକି ଫୁଟବଲ କ୍ଲବ ସେମିଫାଇନାଲରେ ପ୍ରବେଶ କରିଥିଲା। ୧ମ ସେମି ଫାଇନାଲରେ ପ୍ରହରାଜପୁରକୁ ୧-୦ ଗୋଲରେ ହରାଇ ଦହିଗାଁ ଓ ୨ୟ ସେମି ଫାଇନାଲରେ ରକି ଫୁଟବଲ କ୍ଲବକୁ ୧-୦ ଗୋଲରେ ହରାଇ ଗଣ୍ଡରପୁର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଓ ରନରଅପ ଦଳକୁ ଟ୍ରଫିସହ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ମ୍ୟାଚଗୁଡିକୁ ସନ୍ଦୀପ ଦାସ, ସଞ୍ଜିବ ଦାସ, ପ୍ରଦୀପ ନାୟକ ଓ ପ୍ରଦୀପ ନାୟକ ପରିଚାଳନା କରିଥିଲେ।



ବରାହୀପୁର ଫୁଟବଲ ଟୁର୍ନାମେଣ୍ଟ ଚାମ୍ପିୟନ ଗଣ୍ଡରପୁର ଦଳ।

## ଚଣ୍ଡିଗଡ଼କୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି):** ବିସିସିଆଇ ଆନୁକୂଲ୍ୟରେ ସେକ୍ଟର ୧୦ସ୍ଥିତ ବିଏସ୍‌ପି କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ୧୫ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ଚଣ୍ଡିଗଡ଼କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଚଣ୍ଡିଗଡ଼ ୩୪.୫ ଓଭରରେ ୧୦୨ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ତଇଶା ମନ୍‌ଚାଣ୍ଡା ସର୍ବାଧିକ ୪୧ ରନ୍ କରିଥିଲେ। ଓଡ଼ିଶାର ଜାହ୍ନବୀ ଷଡ଼ଙ୍ଗୀ ୪ଟି ଓ ବିଜୟା ବେହେରା ୩ଟି ଉଇକେଟ ନେଇଥିଲେ। ୧୦୩ ରନ୍ ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ୨୯.୫ ଓଭରରେ ୫ ଉଇକେଟ ହରାଇ ୧୦୫ ରନ୍ ସଂଗ୍ରହ କରିନେଇଥିଲା। ଓଡ଼ିଶା ବ୍ୟାଟରଙ୍କ ମଧ୍ୟରେ ବିଜୟା ବେହେରା ୭୦ ବଲ୍‌ରୁ ୯ ଚୌକା ସହାୟତାରେ ସର୍ବାଧିକ ୫୫ ରନ୍ କରି ଅପରାଜିତ ରହିଥିଲେ।

# ସହିଦ ନଗର ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି)**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨୩ତମ ସଂସ୍କରଣରେ ସହିଦ ନଗର ଏକାଦଶ ଚାମ୍ପିୟନ ହୋଇଛି। ସ୍ଥାନୀୟ ଜିଜିପି ହାଇସ୍କୁଲ ପଡ଼ିଆରେ ରବିବାର ଅନୁଷ୍ଠିତ ଫାଇନାଲରେ ସହିଦ ନଗର ଦଳ ୭୩ ରନ୍‌ରେ କଟକର ମ୍ୟାଜିକ୍ ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ନଗର ଏକାଦଶ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୨୩୮ ରନ୍ କରିଥିଲା। ଦଳ ପକ୍ଷରୁ ସୁମନ୍ତ ସେଠୀ ୨୩ ବଲ୍‌ରୁ ସର୍ବାଧିକ ୭୨ ରନ୍ କରିଥିଲେ। ବିପକ୍ଷ ଦଳର ସୁନୀଲ ଦଳାଇ ୩ ଓଭରରେ ୩୭ ରନ୍ ଦେଇ ୩ଟି ଉଇକେଟ ନେଇଥିଲେ। ୨୩୯ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ମ୍ୟାଜିକ୍ ଏକାଦଶ ୧୨ ଓଭରରେ ୧୬୫ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। କିଶୋର ଦାସ ୨୩ ବଲ୍‌ରୁ ୭୪ ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ ହେଁ ଦଳକୁ ବିଜୟୀ କରାଇପାରି ନ ଥିଲେ। ବିଜୟୀ ଦଳର ବୋଲର ରଞ୍ଜିତ କୁଣ୍ଡୁ ୩ ଓଭରରେ ୩୪ ରନ୍ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୭୦ ରନ୍ ଓ ୨ ଉଇକେଟ ନେଇ ଅଲ୍ ରାଉଣ୍ଡ ପ୍ରଦର୍ଶନ କରିଥିବା ଚାମ୍ପିୟନ ଦଳର ନିର୍ମଳ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଭୁବନେଶ୍ୱରର ଏଏମ୍‌ଆଇ ଏକାଦଶ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ବିବେଚିତ ହୋଇଥିଲା। ଅମ୍ପାୟର କୈଳାସ ରାଉଳ ଓ ରଜତ ଜଗଦେବ ମ୍ୟାଚ୍ ପରିଚାଳନା କରିଥିବାବେଳେ ରେଫରି ଦାୟିତ୍ୱ ସମ୍ପାଦନ କରିଥିଲେ ସମ୍ବିତ୍ ପାଇକରାୟ। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୁରେଶ କୁମାର ରାଉତରାୟ, କର୍ପୋରେଟର ସ୍ମୃତିଶିଖା ବରିସଲ, ବୁଦ୍ଧପ୍ରକାଶ ମହାପାତ୍ର, ସଞ୍ଜୟ ପାଇକରାୟ, ପ୍ରକାଶ ରାଉତରାୟ, ଜାପାନ ରାଉତରାୟ, ପ୍ରଦୀପ ବରିସଲ, ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ସହିଦ ଦଗର ଏକାଦଶ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ